

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୩ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 June 2024

Vol.No. 35 ■ No.167 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରତ୍ନବେଦୀ ଛାଡ଼ି ସ୍ନାନବେଦୀରେ ତିନିଠାକୁର

■ ୧୦୮ ଗରା ସୁବାସିତ ଜଳରେ ସ୍ନାନ କଲେ ଚତୁର୍ଦ୍ଧାମୂର୍ତ୍ତି

■ ଶ୍ରୀଜୀଉଙ୍କ ଗଜବେଶ ଦେଖି ଭାବ ବିହ୍ୱଳ ହେଲେ ଭକ୍ତ



ପୁରୀ, ୨୨/୬ (ନି.ପ୍ର): ବଡ଼ ଠାକୁରଙ୍କ ଭବ୍ୟ ବେଶ ଦେଖିବାକୁ ଆଜି ଦେଶ ବିଦେଶରୁ ଶ୍ରୀକ୍ଷେତ୍ରକୁ ଛୁଟି ଆସିଛନ୍ତି ଶ୍ରଦ୍ଧାଳୁ । ଭଗବାନଙ୍କ ଅପରୂପ ବେଶ ଦେଖି ମନ୍ତ୍ର ମୁଗ୍ଧ ହୋଇ ଯାଇଛନ୍ତି ଅଗଣିତ ଭକ୍ତ । ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁଙ୍କ ମହାସ୍ନାନରୁ ଆରମ୍ଭ ହୋଇଛି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ପର୍ବ । ରାତି ପାହିଲା ବେଳକୁ ହଜାର ହଜାର ଶ୍ରଦ୍ଧାଳୁ ଆଜି ପହଁଚି ଯାଇଥିଲେ ପୁରୀ। ଘଂଟ ଘଂଟା ଓ ହରିବୋଲି ହୁଳହୁଳି ଧ୍ୱନିରେ କମ୍ପି ଉଠିଥିଲା ଶ୍ରୀକ୍ଷେତ୍ର । ଆଧାତ୍ମିକ ପରିବେଶରେ ପ୍ରତ୍ୟୁଷରୁ ଆରମ୍ଭ ହୋଇଥିଲା ସ୍ନାନଯାତ୍ରାର ନୀତିରୀତି । ଧାଡି ପହଣ୍ଡିରେ ଶ୍ରୀଜିଉମାନଙ୍କୁ ନିଆଯାଇଥିଲା ସ୍ନାନମଣ୍ଡପକୁ । ପହଣ୍ଡି ବିଜେ ସମୟରେ ଠାକୁରଙ୍କୁ ଲାଗି ହେଲା ଚୂଳ ଓ ଟାହିୟା । ଟାହିୟା ଶୋଭିତ ଠାକୁରଙ୍କ ଅନୁପମ ରୂପ ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ଥିଲା ପ୍ରବଳ ଆଗ୍ରହ । ମଙ୍ଗଳ ଆଳତୀ, ମଇଲମ, ଅବକାଶ ପରେ ଆରମ୍ଭ ହୋଇଥିଲା ସ୍ନାନନୀତ। ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପରେ ୧୦୮ କଳସ ଜଳରେ ସ୍ନାନ କରାଯାଇଥିଲା। ଗୋଟିଏ ପଟେ ମହାପ୍ରଭୁଙ୍କ ମହାସ୍ନାନ – ଅନ୍ୟପଟେ ଆକାଶରୁ ମୂଷଳ ଧାରାରେ ବର୍ଷା । ଏପରି ଦୃଶ୍ୟ ଭକ୍ତଙ୍କ ଭାବାବେଗକୁ ଆହୁରି ବଢ଼ାଇ ଦେଇଥିଲା । ଜଗନ୍ନାଥଙ୍କୁ ୩୫ ଗରା ଓ ବଳଭଦ୍ରଙ୍କୁ ୩୩ ଗରା ଜଳରେ ସ୍ନାନ କରାଯାଇଥିବା ବେଳେ ସୁଭଦ୍ରାଙ୍କୁ ୨୨ ଗରା ଓ ସୁଦର୍ଶନଙ୍କୁ ୧୮ ଗରା ଜଳରେ ଅଭିଷେକ କରାଯାଇଥିଲା। ଶ୍ରୀଜୀଉଙ୍କ ମହାସ୍ନାନ ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ପାରମ୍ପରିକ ରମଜାନରେ ବସି ପହଁଚିଥିଲେ ସ୍ନାନ ମଣ୍ଡପରେ। ବିଧି ଅନୁଯାୟୀ ଆରମ୍ଭ ହୋଇଥିଲା ଛେରାପହରାଁ । ଛେରାପହଁରା ପରେ ଶ୍ରୀଜୀଉମାନେ ଧାରଣ କରିଥିଲେ ଗଜାନନ ବେଶ ବା ହାତୀ ବେଶ । ସ୍ନାନ ମଣ୍ଡପରେ ଜଳ ଲାଗି ସରିବା ପରେ ଚାରି ଠାକୁରଙ୍କ ହାତୀବେଶ କରାଯାଇଥିଲା । ଏହି ବେଶକୁ ଦେଖିବାକୁ ପାଇଁ ଘଂଟା ଘଂଟା ଧରି ଚାହିଁ ବସିଥିଲେ ଶ୍ରଦ୍ଧାଳୁ । ଏହି ମନୋରମ ଦୃଶ୍ୟକୁ ବଡଦାଣ୍ଡରେ ଥିବା ଭାବବିହ୍ୱଳ ହୋଇ ଦର୍ଶନ କରିଥିଲେ ଅଗଣିତ ଭକ୍ତ । ସ୍ନାନଯାତ୍ରା ପରେ ଆଉ ରତ୍ନବେଦୀକୁ ଫେରନ୍ତି ନାହିଁ ଠାକୁର।

▶▶ପୃଷ୍ଠା ୭

## ୨୪ ଜିଲ୍ଲାକୁ ଛୁଇଁଲା ମୌସୁମୀ: ଆଜି ୨ଜିଲ୍ଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୨/୬ (ନି.ପ୍ର): ଓଡ଼ିଶାର ୨୪ ଜିଲ୍ଲାକୁ ଅଗ୍ରସର ହୋଇଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଏହାର ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି। ବାକି ୬ ଜିଲ୍ଲାରେ ମୌସୁମୀ ବାୟୁ ଛୁଇଁନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି,ଗଞ୍ଜାମ,ପୁରୀ, ନୟାଗଡ଼,ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ବୌଦ୍ଧ, ସୋନପୁର, ବରଗଡ଼, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଜଗତସିଂହପୁର କେନ୍ଦ୍ରାପଡ଼ା , ଭଦ୍ରକ,ଯାଜପୁର ଓ ଦେବଗଡ଼ ଜିଲ୍ଲାରେ ମୌସୁମୀ ପ୍ରବେଶ କରିଛି। ୬ ଜିଲ୍ଲାରେ ମୌସୁମୀ ପ୍ରବେଶ କରି ନାହିଁ। ସେହି ଜିଲ୍ଲା ଗୁଡ଼ିକ ହେଲା ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ। ଏହି ୬ଟି ଜିଲ୍ଲାରେ ମୌସୁମୀ ଛୁଇଁବା ନେଇ ପାଗ ଅନୁକୂଳ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨ ଦିନ ଯାଏଁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ସହ ୩୦-୪୦ କିଲୋମିଟର ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ତେବେ ଆଜି ପାଇଁ ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି ହୋଇଛି। ସେହିଭଳି ୧୪ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର।

## ଜିଏସଟିକୁ ନେଇ ବଡ଼ ଘୋଷଣା: ପ୍ଲାଟଫର୍ମ ଟିକେଟ୍ ଓ ରେଳବାଇ ସେବାରେ ଲାଗିବନି ଟିକସ



ନୂଆଦିଲ୍ଲୀ, ୨୨/୬ : ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ୫୩ତମ ଜିଏସ୍‌ଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଏକାଧିକ ଦ୍ରବ୍ୟ ଓ ସେବା ଉପରରୁ ଟିକସ ଛାଡ଼ ଏବଂ ଟିକସ କୋହଳ ପାଇଁ ନିଷ୍ପତ୍ତି ହୋଇଛି। ଶିକ୍ଷାନୁଷ୍ଠାନ ବାହାରେ ଜଣଙ୍କ ପିଛା ମାସିକ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଚାର୍ଜ ନେଉଥିବା ହଷ୍ଟେଲଗୁଡ଼ିକୁ ଜିଏସଟି ବାହାରେ ରଖାଯାଇଛି। ଏହି ସର୍ତ୍ତ ସେତେବେଳେ ଲାଗୁ ହେବ ଯେତେବେଳେ ଜଣେ ଶିକ୍ଷାର୍ଥୀ ନିୟମିତ ୯୦ ଦିନ ଯାଏ ରହୁଥିବେ। କାଳେ ହୋଟେଲଗୁଡ଼ିକ ଟିକସ ଛାଡ଼ ନିଷ୍ପତ୍ତିର ଫାଇଦା ହୋଟେଲଗୁଡ଼ିକ ନେଇଯିବେ, ସେଥିପାଇଁ ଏପରି ସର୍ତ୍ତ ଲାଗୁ କରାଯାଇଛି। ସେହିପରି ରେଳ ପ୍ଲାଟଫର୍ମ ପାଇଁ ଲାଗୁ ଥିବା ଟିକେଟ, ୱେଟିଂ ରୁମ ଓ କ୍ଲକ ରୁମ ପାଇଁ ଲାଗୁଥିବା ଚାର୍ଜକୁ ଜିଏସ୍‌ଟି ମୁକ୍ତ କରାଯାଇଛି। ଏହାବାଦ ପ୍ଲାଟଫର୍ମରେ ମିଳୁଥିବା ବେଟାରୀ ଚାଳିତ ଗାଡ଼ିର ସେବା ପାଇଁ ମଧ୍ୟ କୌଣସି ପ୍ରକାରର ଜିଏସ୍‌ଟି ଲାଗିବ ନାହିଁ। ସମସ୍ତ ପ୍ରକାରର ଦୁଗ୍ଧ


▶▶ପୃଷ୍ଠା ୭

## ରାଜ୍ୟର ସବୁ ନିଗମ ଅଧ୍ୟକ୍ଷଙ୍କୁ ହଟାଇଲେ ବିଜେପି ସରକାର



ଭୁବନେଶ୍ୱର, ୨୨/୬ (ନି.ପ୍ର): ରାଜ୍ୟରେ ବିଜେଡି ସରକାରରେ ବିଭିନ୍ନ ସରକାରୀ ଉଦ୍ୟୋଗ (ନିଗମ)ରେ ନିଯୁକ୍ତି ପାଇଥିବା ପ୍ରାୟ ୩୦ରୁ ଅଧିକ ବିଜେଡି ନେତାଙ୍କୁ ଆଜି ସେମାନଙ୍କ ଦାୟିତ୍ୱରୁ ହଟାଇ ଦିଆଯାଇଛି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଗତକାଲି ବିଜେଡି ସରକାରର ବିଭିନ୍ନ ବିଭାଗ ଓ ଯୋଜନାର ସମସ୍ତ ଉପଦେଷ୍ଟାଙ୍କୁ ହଟାଇ ଦେଇଥିଲେ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଜେଡି ସରକାର ସମୟରେ ନିଯୁକ୍ତି ପାଇଥିବା ବିଭିନ୍ନ ନିଗମ ଅଧ୍ୟକ୍ଷମାନଙ୍କୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଧ୍ୟକ୍ଷମାନଙ୍କ ଯୋଗୁ ନିଗମଗୁଡ଼ିକର ପରିଚାଳନାରେ କୌଣସି ଗୁଣାତ୍ମକ ଉନ୍ନତି ପରିଲକ୍ଷିତ ହେଉନଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଜେଡିର ଏହି ନେତାମାନଙ୍କୁ ହଟାଇ ଦେଇଛନ୍ତି। ରାଜ୍ୟରେ ସାଧାରଣ ନିର୍ବାଚନ ଫଳାଫଳ ଜୁନ୍ ୪ ତାରିଖରେ ପ୍ରକାଶ ପାଇବା ପରେ ବିଭିନ୍ନ ସରକାରୀ ଉଦ୍ୟୋଗ, ବୋର୍ଡ ଓ ଉପଦେଷ୍ଟା ଭାବେ ନିଯୁକ୍ତି ପାଇଥିବା ବିଜେଡି ନେତାମାନେ ନିଜ ନିଜ ପଦରୁ ଇସ୍ତଫା ଦେଇଥିଲେ। କିଛି ନେତା ନିଜ ପଦ ଛାଡ଼ିନଥିବାରୁ ବିଜେପି ସରକାର ଧାଡ଼ିକିଆ ନିର୍ଦ୍ଦେଶନାମା ଜାରି କରି ବିଜେଡି ସରକାରରେ ନିଯୁକ୍ତି ପାଇଥିବା ସମସ୍ତଙ୍କୁ ଦାୟିତ୍ୱମୁକ୍ତ କରିଛନ୍ତି।

## ୧୦ ବର୍ଷ ଜେଲ୍, ୧ କୋଟି ଜରିମାନା: ଆଣ୍ଟି ପେପର ଲିକ୍ ଆଇନ୍ ଲାଗୁ



ନୂଆଦିଲ୍ଲୀ, ୨୨/୬ : ଏବେ ପେପର ଲିକ୍ କଲେ ଆଉ ମିଳିବନି ତ୍ରାହି। ଏଥର ପେପର ଲିକ୍ କଲେ ହେବ ୧୦ ବର୍ଷ ଯାଏ ଜେଲ ଦଣ୍ଡାଦେଶ। କେବଳ ସେତିକି ନୁହେଁ ୧୦ ଲକ୍ଷରୁ ୧ କୋଟି ଯାଏ ଜରିମାନା ମଧ୍ୟ ଦେବାକୁ ପଡିବ। ଦେଶରେ ଅଧ ରାତିରୁ ଲାଗୁ ହୋଇଛି ଆଣ୍ଟି ପେପର ଲିକ୍ ଆଇନ୍। ପ୍ରଶ୍ନ ପତ୍ର ଲିକ୍ ସମ୍ବନ୍ଧରେ ଚଳିତ ବର୍ଷ ଫେବ୍ରୁଆରୀରେ ପାରିତ ହୋଇଥିବା ଆଇନ ଆଜିଠାରୁ ଲାଗୁ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ସରକାର ଏହି ଆଇନର ବିଜ୍ଞପ୍ତି ଜାରି କରିଛନ୍ତି। ଏହି ଆଇନ୍‌ର ନାଁ ସର୍ବସାଧାରଣ ପରୀକ୍ଷା ଅଧିନିୟମ ୨୦୨୪ ଅର୍ଥାତ୍ ପବ୍ଲିକ୍ ଏଗ୍‌ଜାମିନେସନ୍ (ଅନ୍ୟାୟ ଅର୍ଥର ନିରାକରଣ) ଆଇନ୍ ୨୦୨୪ ନାମରେ ନାମିତ କରାଯାଇଛି। ଫେବୃଆରୀ ୨୦୨୪ରେ ସଂସଦ ଦ୍ୱାରା ଏହି ଆଇନ ପାରିତ ହୋଇଥିଲା। ଏହି ଆଇନ କାର୍ଯ୍ୟକାରୀ ହେବା ପରେ ତିନି ବର୍ଷରୁ ୧୦

▶▶ପୃଷ୍ଠା ୭

## ପ୍ରାକ-ବଜେଟ୍ ପରାମର୍ଶ ବୈଠକ: ସମ୍ବଲପୁରରେ ଏମ୍ସ-୨ ସହ ସୁଭଦ୍ରା ଯୋଜନା ପାଇଁ ଆର୍ଥିକ ସହାୟତା ମାଗିଲେ ରାଜ୍ୟ ଅର୍ଥମନ୍ତ୍ରୀ



ନୂଆଦିଲ୍ଲୀ, ୨୨/୬ : ଆଜି କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ-ବଜେଟ୍ ପରାମର୍ଶ ବୈଠକରେ ଓଡିଶାର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଯୋଗ ଦେଇଥିଲେ । ଆଗାମୀ କେନ୍ଦ୍ର ବଜେଟ୍, ୨୦୨୪-୨୫ ପାଇଁ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀଙ୍କ ପରାମର୍ଶ ନେବାକୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଉପମୁଖ୍ୟମନ୍ତ୍ରୀଙ୍କ ସହ ଏହି ବୈଠକରେ ଯୋଗ ଦେଇଥିଲେ । ଓଡ଼ିଶା ପକ୍ଷରୁ ରାଜ୍ୟର ଅର୍ଥନୀତି, ବିକାଶ ପ୍ରସଙ୍ଗକୁ ନେଇ ଏକ ଲିଖିତ ସ୍ମାରକପତ୍ର କେନ୍ଦ୍ର ବଜେଟ୍, ୨୦୨୪-୨୫ ରେ ଉପଯୁକ୍ତ ପଦକ୍ଷେପ ନିମନ୍ତେ

▶▶ପୃଷ୍ଠା ୭

## ବିଷାକ୍ତ ମଦ ପିଇ ଗଲାଣି ୫୫ ଜଣଙ୍କ ଜୀବନ: ମୁଖ୍ୟ ଯୋଗାଣକାରୀ ଗିରଫ



ତାମିଲନାଡୁ , ୨୨/୬ : ତାମିଲନାଡୁ ମଦ ମୃତ୍ୟୁ ମାମଲାରେ ସନ୍ଦିଗ୍ଧ ମୁଖ୍ୟ ଯୋଗାଣକାରୀ ଗିରଫ। ଆଜି ପୁଲିସ ଜଣେ ମୁଖ୍ୟ ଯୋଗାଣକାରୀକୁ ଗିରଫ କରିଛି। ପୁଲିସ କହିଛି ଯେ, ଗିରଫ ଚିନ୍ନାଦୁରାଇ କରୁଣାପୁରମ ଗାଁକୁ ବିଷାକ୍ତ ମଦ ଯୋଗାଣର ମୁଖ୍ୟ ସନ୍ଦିଗ୍ଧ। ପ୍ରକାଶ ଥାଉକି, ରାଜ୍ୟର କାଲ୍ଲାକୁରିଚି ଜିଲ୍ଲାରେ ବିଷାକ୍ତ ମଦ ମୃତ୍ୟୁ ମାମଲା ହାହାକାର ସୃଷ୍ଟି କରିଛି। ବର୍ତ୍ତମାନ ସୁଦ୍ଧା ବିଷାକ୍ତ ମଦ ପିଇ ୫୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଲୋକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗତକାଲି ସରକାରୀ ସ୍ତରରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ, ବିଷାକ୍ତ ମଦ ପିଇ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ତିନି ଜଣ ସୁସ୍ଥ ହୋଇଯାଇଛନ୍ତି। କିନ୍ତୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

▶▶ପୃଷ୍ଠା ୭

## ରାଜ୍ୟରେ ୩୯% ନିଅଂଟିଆ ବର୍ଷା

ଭୁବନେଶ୍ୱର, ୨୨/୬ (ନି.ପ୍ର): ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ଠାରୁ ୩୯ ପ୍ରତିଶତ କମ୍ ବର୍ଷା ହୋଇଛି। କେବଳ ୮ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ୫ ଜିଲ୍ଲାରେ ସ୍ଥିତି ଅତି ଉତ୍କଟ ସ୍ଥିତି ରହିଛି। ଏହି ୫ ଜିଲ୍ଲା ହେଲା ବଲାଙ୍ଗିର, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର ଓ ପୁରୀ। ସ୍ୱାଭାବିକ ଠାରୁ ପୁରୀରେ ସର୍ବାଧିକ ୭୧% କମ୍ ବର୍ଷା, ମୟୂରଭଞ୍ଜରେ ୬୮% , ବାଲେଶ୍ୱରରେ ୬୩%, ବଲାଙ୍ଗିରରେ ୬୧%, କେନ୍ଦୁଝରରେ ୬୦% କମ୍ ବର୍ଷା ହୋଇଛି। ସେହିପରି ୧୭ ଜିଲ୍ଲାରେ ୨୦ରୁ ୫୯% ନିଅଂଟିଆ ବର୍ଷା ରେକର୍ଡ ହୋଇଛି। ଅନ୍ୟପକ୍ଷରେ ମାଲକାନଗିରି, ନବରଙ୍ଗପୁର, ନୂଆପଡା, କନ୍ଧମାଳ, ସମ୍ବଲପୁର, ଢେଙ୍କାନାଳ, କଟକ ଓ ଜଗତସିଂହପୁର ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

## ଦୁଇ ଲାଞ୍ଚୁଆ ଡାକ ଅଫିସରଙ୍କୁ ମାଡ଼ି ବସିଲା ସିବିଆଇ

ମୟୂରଭଞ୍ଜ, ୨୨/୬ (ନି.ପ୍ର): ଦୁଇ ଲାଞ୍ଚୁଆ ଡାକ ଅଫିସରଙ୍କୁ ମାଡ଼ି ବସିଲା ସିବିଆଇ। ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ହାତରେ ଧରା ପଡ଼ିଛନ୍ତି ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଉପଡାକଘରର ଦୁଇ ଅଫିସର। ଖବର ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କ ଘରେ ଚଢ଼ଉ ଜାରି ରହିଥିବା ଜଣାପଡ଼ିଛି। ବଡ଼ସାହି ଉପଡାକଘର ଅଧୀନରେ ରହିଛି ମାଣତ୍ରୀ ଡାକଘର। ସେହି ଡାକ ଘରେ ଅଜିତ କୁମାର ରାଉତ ଗ୍ରାମୀଣ ଡାକ ସେବକ ଭାବେ ଚାକିରି କରୁଛନ୍ତି। ମାସେ ତଳେ ବଡ଼ସାହି ଉପ-ଡାକଘରୁ ତାଙ୍କ ପାଖକୁ ଫୋନ୍ କଲ୍ ଆସିଥିଲା। ରିଭାଇଜ୍ ପାଇଁ ସମସ୍ତ କାଗଜପତ୍ର ଆଣିବାକୁ କୁହାଯାଇଥିଲା। ଡାକରା ପାଇଁ ସମସ୍ତ କାଗଜପତ୍ର ଧରି ଡାକ ଅଫିସ୍‌ରେ ପହଞ୍ଚିଥିଲେ ଅଜିତ। କାଗଜପତ୍ର ଯାଞ୍ଚ କରିଥିଲେ ବଡ଼ସାହି ଉପ-ଡାକଘର ଇନ୍ସପେକ୍ଟର ରୁବି ଦାସ ଓ ଓଭରସିୟର ସୁଶାନ୍ତ ଦାସ। କାଗଜପତ୍ର ସବୁ ଠିକ୍ ଥିବା ସତ୍ତ୍ୱେ ତାଙ୍କୁ ୧୫ ହଜାର ଟଙ୍କା ମାଗିଥିଲେ। ପ୍ରଥମ ଅଜିତ ମନା କରିଥିଲେ। ପରେ କିଛି ଉପାୟ ନପାଇ ୧୫ ହଜାର ଟଙ୍କା ଦେଇଥିଲେ। ଟଙ୍କା ନେବା ବେଳେ ୧୦ ଦିନ ଭିତରେ ଇନ୍‌କ୍ରିମେଣ୍ଟ

▶▶ପୃଷ୍ଠା ୭

## ଅଫିସରେ ୧୫ ମିନିଟରୁ ଅଧିକ ବିଳମ୍ବ ହେଲେ କଟାଯିବ ଅଧା ଦିନର ଦରମା



ନୂଆଦିଲ୍ଲୀ, ୨୨/୬ : କେନ୍ଦ୍ର ସରକାରୀ କାର୍ଯ୍ୟାଳୟରେ ଆଉ ବିଳମ୍ବମୁ ସହ୍ୟ କରାଯିବ ନାହିଁ। ଯେଉଁମାନେ ବିଳମ୍ବରେ ଅଫିସରେ ପହଞ୍ଚିବେ ସେମାନଙ୍କ ପାଇଁ କେନ୍ଦ୍ର ସରକାର କଡ଼ା ଆଇନ ଆରମ୍ଭ କରିଛନ୍ତି। କର୍ମଚାରୀଙ୍କ ପାଇଁ କେନ୍ଦ୍ର ସରକାର ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି ଏବଂ ଠିକ୍ ସମୟରେ କାର୍ଯ୍ୟାଳୟରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଫିସରେ ପହଞ୍ଚିବାରେ ୧୫ ମିନିଟରୁ ଅଧିକ ବିଳମ୍ବ ହେଲେ ଦରମା କାଟିବାକୁ କଠୋର ନିର୍ଦ୍ଦେଶ ଦିଆଯାଇଛି। ଯଦି ୧୫ ମିନିଟରୁ ଅଧିକ ବିଳମ୍ବ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ କେନ୍ଦ୍ର ସରକାରଙ୍କ

▶▶ପୃଷ୍ଠା ୭

# ବିଳମ୍ବ ମୌସୁମୀ ବର୍ଷା ହେତୁ ମନ୍ଥର ଗତିରେ ଚାଲିଛି ଚାଷ କାର୍ଯ୍ୟ

କେନ୍ଦ୍ରାପଡ଼ା, ୨୨/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ମୌସୁମୀ ବର୍ଷାର ବିଳମ୍ବ ହେତୁ ଜିଲ୍ଲାର ବିଭିନ୍ନ ଅଂଚଳରେ ମନ୍ଥର ଗତିରେ ଚାଷ କାର୍ଯ୍ୟ ଚାଲିଥିବା ଜଣାପଡିଛି । ଜିଲ୍ଲା କୃଷି ବିଭାଗ ଅନୁସାରେ ଜିଲ୍ଲାରେ ଖରିଫ ଋତୁ ପାଇଁ ମୋଟ୍ ଚାଷଜମି ୧ ଲକ୍ଷ ୫୨ ହଜାର ହେକ୍ଟର ମଧ୍ୟରୁ ୧ ଲକ୍ଷ ୨୫ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇ ଥାଏ । ମୋଟ୍ ଉଚ୍ଚ ଜମି ୩୧ ହଜାର ୮୧ ହେକ୍ଟର, ମଧ୍ୟମ ଜମି ୭୧ ହଜାର ୮୯୦ ହେକ୍ଟର ଓ ଖାଲ ଜମି ୪୯ ହଜାର ୨୯ ହେକ୍ଟର ରେ ଉଚ୍ଚଧାନ ଓ ଅଣଧାନ ଚାଷ ହୋଇଥାଏ । ଚଳିତ ଖରିଫ ଋତୁରେ ମୌସୁମୀ ବର୍ଷା ବିଳମ୍ବ ହେତୁ ଚାଷ କାର୍ଯ୍ୟ ମନ୍ଥର ଗତିରେ ହେଉଛି । ଚଳିତ ମାସ ସୁଦ୍ଧା ୭୨୩ କ୍ୱିଣ୍ଟାଲ ଧାନ ଓ ୧୨୦ କ୍ୱିଣ୍ଟାଲ ଧନିଚା ବିହନ ପ୍ୟାକ୍ସ ଜରିଆରେ ବିଭିନ୍ନ ବ୍ଲକକୁ ପଠାଯାଇଛି । ସେହିପରି ମାର୍କଫେଡ ଜରିଆରେ ବିଭିନ୍ନ ପ୍ୟାକ୍ସକୁ ୪୧୦ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇ ଗଚ୍ଛିତ ରଖାଯାଇଛି । ଜିଲ୍ଲାର ପ୍ରାଇଭେଟ୍ ଡିଲର ମାନେ ମଧ୍ୟ ବିହନ ଓ ସାର ଚାଷୀ ମାନଙ୍କ ପଇଁ ଗଚ୍ଛିତ ରଖିଛନ୍ତି । ଜିଲ୍ଲାରେ ମୋଟ୍ ୧୦ ହଜାର ୫୦୦ ନମୁନା ମାଟି ଖରିଫ ଋତୁ ପାଇଁ ପରୀକ୍ଷାଗାର କୁ ପଠାଇବାର ଲକ୍ଷ୍ୟ ରଖାଯାଇ ଥିବାବେଳେ ୮ ହଜାର ୫୦୦ ମାଟି ସଂଗ୍ରହ କରାଯାଇ ଅଛି । ବଳକା ମାଟି ବିଭିନ୍ନ ବ୍ଲକ ଏଫ.ଆଇ.ଏ.ସି ରେ ସଂଗ୍ରହ କରାଯାଇ ଅଛି । ପି.ଏମ. କିଷାନ ଯୋଜନା ଦ୍ୱାରା ପ୍ରାୟ ୬୦ ହଜାର ଚାଷୀ ଉପକୃତ ହେବାକୁ ବାକି ଥିବାବେଳେ ପଞ୍ଜିକୃତ ଚାଷୀମାନେ ନିଜେ ନିଜର ଆଧାର ସଂଶୋଧନ, ଜମି ପଟା ସଂଶୋଧନ, ବ୍ୟାଙ୍କ ଆଧାର ଲିଙ୍କ ଆଦି ଦିଗରେ ଶିଘ୍ର ସଂଶୋଧନ କରାଇବାକୁ ଚାଷୀ ମାନଙ୍କୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରି ଡ଼ଃ ମନୋଜ କୁମାର ଚାନ୍ଦ ନିବେଦନ କରିଛନ୍ତି ।

# ଘଟଗାଁର ପଂଚାୟତସ୍ତରୀୟ ଯୋଗ ଦିବସ ପାଳିତ

ଘଟଗାଁ, ୨୨/୬ (ନି.ପ୍ର): ଆଜି ଘଟଗାଁ ସ୍ଥିତ ଉପରଡିହା ଗ୍ରାମ ପଂଚାୟତ ଆନୁକୁଲ୍ୟରେ ରାଜବନ୍ଧ ପୁଷ୍କରିଣୀ ସ୍ଥିତ ପଡ଼ିଆରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ତାରିଣୀ ପବ୍ଲିକ ସ୍କୁଲ ର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରି ଯୋଗ ଦିବସକୁ ଶୋଭାରମ୍ଭ କରିଥିଲେ । ଏଠିରେ ଉପରଡିହା ସରପଂଚ ରୀମାଲତା ନାୟକ, ପଂଚାୟତ ଅଫସର ଦୀପ୍ତି ରଞ୍ଜନ ଦାସ, ସୀମା ଜେନା, ଜଗନ୍ନାଥ ପାତ୍ର, ୱାର୍ଡ ମେମ୍ବର ଏସକେ ରାଉତ, ଏସକେ ଜମାନନ୍ଦିନ, ସମାଜସେବୀ ରୁଦ୍ର ପ୍ରସାଦ ବେହେରା, ସତ୍ୟମ୍ ଦେହୁରୀ, ତାରିଣୀ ପବ୍ଲିକ୍ ସ୍କୁଲର ଅଧକ୍ଷ ଜଗନ୍ନାଥ ସା, ପରିଚାଳନା କମିଟି ର ସହ ସମ୍ପାଦକ ଗୁରୁ ସଞ୍ଜୟ କୁମାର ଦାସ ଉପସ୍ଥିତ ରହି ଶୋଭାରମ୍ଭ କରିଥିଲେ । ବିଦ୍ୟାଳୟର ଶିକ୍ଷୟତ୍ରୀ ଜୟନ୍ତୀ ସୁତାର ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ତାଙ୍କୁ ସହଯୋଗ କରିଥିଲେ ସ୍ୱାଗତିକା ବଳ, ସୁନୀତା ଦାସ, ରାଜନନ୍ଦିନ ନାୟକ, ପ୍ରବୀଣ କୁମାର ନନ୍ଦ, ଅରବିନ୍ଦ ନାୟକ ।

# ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ବକ୍ରପାଦ ସଚେତନତା ମାସ ପାଳିତ

କେନ୍ଦୁଝର, ୨୨/୬ (ନି.ପ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର.ବି.ଏସ୍.କେ) ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ତା ୨୧.୦୬.୨୦୨୪ ରିଖ ଶୁକ୍ରବାର ଦିନ ଜାତୀୟ ବକ୍ରପାଦ ସଚେତନତା ମାସ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି ଯୋଗ ଦେଇ କହିଥିଲେ ଯେ ଜାତୀୟ ସ୍ତରରେ ପ୍ରତିବର୍ଷ ଜୁନ୍ ୦୩ ତାରିଖକୁ ଜାତୀୟ ବକ୍ରପାଦ ସଚେତନତା ଦିବସ ରୂପେ ପାଳନ କରାଯାଇଆସୁଅଛି । ବକ୍ରପାଦ ଏକ ଜନ୍ମଗତ ତୃଟି, ଏହାକୁ ଶୈଶବ ଅବସ୍ଥାରେ ଯେତେ ଶିଘ୍ର ସମ୍ଭବ ଚିହ୍ନଟ କରି ତାହାର ଉପଯୁକ୍ତ ଚିକିତ୍ସା କରାଇନେବା ଆବଶ୍ୟକ । ଏହି ଚିକିତ୍ସା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଜିଲ୍ଲା ସଅଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡି.ଇ.ଆଇ.ସି.) ଠାରେ ବିନା ମୂଲ୍ୟରେ ଉପଲବ୍ଧ କରାଯାଉଅଛି । ଏହାର ସୁଯୋଗ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନେ ଯଥା- ଧରଣୀଧର ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲର ଅଧକ୍ଷ ଡାଃ ମହେନ୍ଦ୍ର କୁମାର ନାୟକ, ପ୍ରଫେସର ତଥା ବିଭାଗୀୟ ମୁଖ୍ୟ (ଶିଶୁରୋଗ) ଡାଃ ସାଧନା ପଣ୍ଡା, ଆସୋସିଏଟ୍ ପ୍ରଫେସର (ଅସ୍ଥିଶଲ୍ୟ ବିଭାଗ) ଡାଃ ସୁରାଇ ସୋରେନ୍, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରମୁଖ ଯୋଗଦେଇ ବକ୍ରପାଦ ସଚେତନତା ଏବଂ ଏହାର ଚିକିତ୍ସା ବିଷୟରେ ନିଜ ନିଜର ମତସାବ୍ୟସ୍ତ କରିଥିଲେ । ଜିଲ୍ଲାର ସମସ୍ତ ଆର.ବି.ଏସ୍.କେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳର ସ୍ୟ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବକ୍ରପାଦଜନିତ ଚିକିତ୍ସା ସେବା ପାଇ ଉପକୃତ ହୋଇଥିବା ହିତାଧିକାରୀ ଏବଂ ତାଙ୍କର ଅଭିଭାବକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପାଇଥିବା ସେବା ପାଇଁ ଖୁସି ହେବା ସହିତ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଆର.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡି.ଆଇ.ଇ.ସି.ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

# ମାଲକାନଗିରି ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ମାଲକାନଗିରି, ୨୨/୬ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ମହାଆଡମ୍ବର ସହକାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଯୋଗ ଆମ ପ୍ରାଚୀନ ପରମ୍ପରାର ଏକ ଉପହାର ଅଟେ । ଯୋଗ ଏକ ସାମଗ୍ରିକ ଆଭିମୁଖ୍ୟ ଯାହା ଆମ ସ୍ୱାସ୍ଥ୍ୟ ଓ ଆମ କଲ୍ୟାଣ ପାଇଁ ମୂଲ୍ୟବାନ । ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଲିଙ୍ଗରାଜ ମିଶ୍ର ଯୋଗଦାନ କରି ଉପସ୍ଥିତ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଏବଂ କର୍ମଚାରୀ ମାନଙ୍କୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବାର ଉଦ୍ଦେଶ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମର ପ୍ରଶିକ୍ଷକ ତଥା ମହାବିଦ୍ୟାଳୟର ଖେଳ ଶିକ୍ଷକ ଅଭିମନ୍ୟୁ ଦଳବେହେରା ଯୋଗ ପ୍ରଶିକ୍ଷଣ ଦେବା ସହିତ ଯୋଗ ମାଧ୍ୟମରେ କିପରି ବ୍ୟକ୍ତିମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରାଥମିକତା ଦିଆଯାଇ ପାରିବ ଏବଂ ଯୁବପିଢ଼ିର ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରାଯାଇପାରିବ ସେ ବିଷୟରେ ବିଶ୍ଳେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ରେଡ୍‌କ୍ରସର ଜିଲ୍ଲା ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ନିୟମିତ ଯୋଗ ଅଭ୍ୟାସ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବରିଷ୍ଠ ପ୍ରଧାପକ ଅଶୋକ କୁମାର ଷଡ଼ଙ୍ଗୀ ଉପସ୍ଥିତ ରହି ନିଜେ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରମୀୟ କୁମାର ମହାନ୍ତି, ପ୍ରେମରେଖା ଭତ୍ରା ଏବଂ ଏନ.ସି.ସି ର ଅଧିକାରୀ ଲେଫ୍ଟନାଂଟ ସୁଶାନ୍ତ ମାଝୀ ପରିଚାଳନା କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଜୁନ ୨୦ ତାରିଖରେ ୨୦୨୪ ବର୍ଷ ପାଇଁ ଆନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ନିଜ ପାଇଁ ଏବଂ ସମାଜ ପାଇଁ ଯୋଗ ବିଷୟ ଉପରେ ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ଦିନ ପ୍ରମାଣ ପତ୍ର ସହିତ ପୁରସ୍କାର ମହାବିଦ୍ୟାଳୟରେ ଅଧକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସକାଳ ୬ଟା ଠାରୁ ୭ଟା ସମୟ ମଧ୍ୟରେ ଛାତ୍ରଛାତ୍ରୀ, କର୍ମଚାରୀ ନିଜର ନାମ ଅଧାପକ ଆର. କ୍ରାନ୍ତି ସାଗର ଏବଂ ବି. ଗୁପ୍ତେଶ୍ୱର ରାଓଙ୍କ ପାଖରେ ପଞ୍ଜିକୃତ କରି ଯୋଗ ପାଇଁ ନିର୍ଦ୍ଧଂଟ ସ୍ଥାନରେ ନିଜ ନିଜ ଆସନରେ ବସି ରହିଥିଲେ । ଅଧକ୍ଷଙ୍କ ଅଭିଭାଷଣ ପରେ ସକାଳ ୭ଟା ରୁ ୭ଟା ୦୧ ମଧ୍ୟରେ ପ୍ରାର୍ଥନା କରାଯାଇଥିଲା । ଏହାପରେ ସକାଳ ୭ଟା ୦୧ ରୁ ୭ଟା ୪୪ ମଧ୍ୟରେ ସହଜ ଅଭ୍ୟାସ ସମୂହ, ଯୋଗ ଆସନ, କ୍ରିୟା, ପ୍ରାଣାୟାମ, ଧ୍ୟାନ, ସଂକଳ୍ପ ଇତ୍ୟାଦି କରାଯାଇ ସକାଳ ୭ଟା ୪୪ ରୁ ୭ଟା ୪୫ ମଧ୍ୟରେ ଶାନ୍ତି ମନ୍ତ୍ର ପାଠ କରାଯାଇଥିଲା । ସମୟ ସକାଳ ୭ଟା ୪୫ ରୁ ୭ଟା ୫୦ ମଧ୍ୟରେ ଯୋଗ ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତେ ଶପଥ ପାଠ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଅଣଶିକ୍ଷକ କର୍ମଚାରୀ ଏବଂ କିଛି ପୂର୍ବତନ ଛାତ୍ରଛାତ୍ରୀ ଏହି ଯୋଗ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ । ଶେଷରେ ସମୟ ସକାଳ ୭ଟା ୫୦ରୁ ୮ଟା ମଧ୍ୟରେ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଏବଂ ପୁରସ୍କାର ବିତରଣ କରାଯିବା ସହିତ ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ପାରମ୍ପାରିକ ଧାନର ସଂରକ୍ଷଣ ଓ ପ୍ରସାର ଉପରେ କାର୍ଯ୍ୟକ୍ରମ

ଜୟପୁର, ୨୨/୬ (ନି.ପ୍ର): ଏମ୍. ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଓ ଅଗ୍ରଗାମୀ ର ମିଳିତ ଉଦ୍ୟମରେ ଏମ୍. ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଜୟପୁରରେ ଦେଶି କିସମ ଧାନର ସଂରକ୍ଷଣ ଓ ପ୍ରସାର ଉପରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟର ବିଭିନ୍ନ ଏନ୍ଜିଓ, କୃଷକ ଉତ୍ପାଦନ କମ୍ପାନୀ ତଥା ୫୦ ରୁ ଉର୍ଦ୍ଧ ଋଷୀ ଅଂଶଗ୍ରହଣ କରିଥିଲେ ଏଥିରେ ମୂଳ ଉଦ୍ଦେଶ୍ୟ ଥିଲା ଯେ ଅବିଭକ୍ତ କୋରାପୁଟ ଜିଲ୍ଲାର ଦେଶୀ କିସମ ଧାନର ସଂରକ୍ଷଣ ଓ ପ୍ରସ୍ବର ଉପରେ ଆଲୋକପାତ କରିବା ସହ ଦେଶୀଧାନର ମୂଲ୍ୟ ବୃଦ୍ଧି, ବିକ୍ରିବଟା ତଥା ସରକାରଙ୍କର ଧ୍ୟାନ ଆକର୍ଷଣ କରିବା ନିମନ୍ତେ ଏକ ଘୋଷଣାନମା ତଥା ଦାବିପତ୍ର ପ୍ରସ୍ତାବ କରିବା ନିମନ୍ତେ ପ୍ରୟାସ କରାଯାଇଛି ତତ୍ ସହିତ ଅଗ୍ରଣୀ କୃଷକ ଓ ଜୈବିକ ଋଷ ଓ ବିହନ ସଂରକ୍ଷଣ ପାଇଁ ବିଭିନ୍ନ ମହଲରେ ସମ୍ମାନଅର୍ଜନ କରିଥିବା ରାଇମତି ଘିଉରିଆ ଓ ହର୍ଷିତା ପ୍ରିୟଦର୍ଶନୀ ମହାନ୍ତି ଏହି କାର୍ଯ୍ୟକ୍ରମରେ ଭାଗ ନେଇ ନିଜ ନିଜର ଅଭିଜ୍ଞତା ଅଂଶଗ୍ରହଣକାରୀମାନଙ୍କୁ କହିବା ସହିତ ଦେଶୀ ଧାନ ଓ ମାଣ୍ଡିଆ ଋଷ କରିବା ପାଇଁ ପ୍ରେରଣା ଦେଇଥିଲେ ଦେଶୀ ଧାନ ବିହନ ଦିନକୁ ଦିନ ଲୋପପାଉଥିବାରୁ କିଭଳି ଋଷୀ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତାହ ଉପରେ ଅଂଶଗ୍ରହଣକାରୀ ଋଷୀମାନେ ନିଜ ନିଜର ମତବ୍ୟକ୍ତ କରିଥିଲେ । ଋଷୀମାନେ କହିଥିଲେ ଯେ ସେମାନେ ଆଗକୁ ଏଠାକାର ଦେଶୀ ଧାନକୁ ପ୍ରସ୍ବର ଓ ପ୍ରସାର କରିବା ସହିତ ଏହି ବିହନକୁ ସଂରକ୍ଷଣ କରିବେ ବୋଲି ସଂକଳ୍ପ ନେଇଥିଲେ ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଝାରସୁଗୁଡ଼ା, ୨୨/୬ (ନି.ପ୍ର): ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ସକାଶେ ପ୍ରାକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ ପୂର୍ବକ ବିପଦ ଶଙ୍କୁଳ ସ୍ଥାନର ଅନୁଧ୍ୟାନ ଓ ତତ୍ ସମ୍ପର୍କିତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ବୈଠକରେ ଯୋଗ ଦେଇ ବନ୍ୟା ପ୍ରଭାବିତ ଅଂଚଳରେ ଧନ ଜୀବନର ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ପୂର୍ବକ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ପରାମର୍ଶ ଦେବା ସହ ଲୋକାଭିମୁଖୀ ଯୋଜନା ସମୂହର ସୁଫଳ ସମାଜର ତଳ ସ୍ତରରେ ପହଂଚାଇବା ପାଇଁ ଜନ ପ୍ରତିନିଧି , ସରକାରୀ କର୍ମଚାରୀଙ୍କ ମିଳିତ ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିଥିଲେ । ଝାରସୁଗୁଡ଼ାକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବାକୁ ସାଂସଦ ଶ୍ରୀ ପୁରୋହିତ ଆହ୍ୱାନ ଦେଇଛନ୍ତି । ବୈଠକରେ ଯୋଗଦେଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯୋଜନାଗୁଡ଼ିକ ଶେଷ କରିବା ଓ ଲୋକମାନଙ୍କୁ ସେବା ଯୋଗାଇ ଦେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ସକାଶେ ବିଭିନ୍ନ ବିଭାଗଗୁଡିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପାଳିକାର ବିଭିନ୍ନ ଅଂଚଳରେ ନଦୀ ଜଳ ପ୍ରବେଶ କରୁଥିବା ସ୍ଥାନ ଗୁଡ଼ିକ ପ୍ରତି ସତର୍କ ଦୃଷ୍ଟି ରକ୍ଷା କରିବା , ପ୍ରାକ ପ୍ରସ୍ତୁତି ପୂର୍ବକ ବାଲି ବସ୍ତା ଓ ସିମେଂଟ ବସ୍ତା ମହଜୁଦ ରଖିବା, ବିଦ୍ୟାଳୟ ମାନଙ୍କରେ ଅସ୍ଥାୟୀ ଆଶ୍ରୟ ସ୍ଥଳ ପ୍ରସ୍ତୁତ କରିବା, ଚୂଡ଼ା ଚାଉଳ ଓ ଆବଶ୍ୟକୀୟ ଔଷଧାଦି ଗଚ୍ଛିତ ରଖିବା,ପାନୀୟ ଜଳ ବ୍ୟବସ୍ଥା, ନଳକୂପ ବିଶୋଧନ , ପୌରାଂଚଳ ଓ ଗ୍ରାମାଂଚଳରେ ପାନୀୟ ଜଳର ବ୍ୟବସ୍ଥା , ଗୃହପାଳିତ ପଶୁଙ୍କ ସକାଶେ ଖାଦ୍ୟ ଓ ଔଷଧ , ଉଦ୍ଧାର କାର୍ଯ୍ୟ ପାଇଁ ରିଲିଫ ଦଳ ଗଠନ ଓ ସେମାନଙ୍କୁ ପ୍ରଶିକ୍ଷଣ , ପାୱାର ବୋଟ ପ୍ରସ୍ତୁତ ରଖିବା, ବିଭିନ୍ନ ସାମାଜିକ ସଙ୍ଗଠନ ସହ ଯୋଗାଯୋଗ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ , ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଉମାକାନ୍ତ ପ୍ରଧାନ ଡି ପି ଓ ସୁଶାନ୍ତ ମିଶ୍ର, ପଂଚାୟତ ସମିତି ଅଧକ୍ଷ/ଅଧକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ପାଳିକା ନିର୍ବାହୀ ଅଧିକାରୀଙ୍କ ସମେତ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ବୈଠକରେ ଉପସ୍ଥିତ ଥିଲେ ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ସମ୍ବଲପୁର, ୨୨/୬ (ନି.ପ୍ର): ବ୍ରହ୍ମାକୁମାରୀ ସମ୍ବଲପୁର ଉପକେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ପାର୍ବତୀ ଦିଦିଜୀଙ୍କ ନେତୃତ୍ୱରେ ଭୀମଭୋଇ ପାର୍କ, ସମ୍ବଲପୁର ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର କେନ୍ଦ୍ରର ଭାଇ, ଭଉଣୀ ସମେତ ତ୍ରିଲୋଚନ ନେତ୍ରାଳୟର ନର୍ସିଂ ଛାତ୍ରୀମାନେ ତଥା ସମ୍ବଲପୁର ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ବୀର ସୁରେନ୍ଦ୍ର ସାଏ ପ୍ରଦ୍ୟୋଗୀକି ବିଶ୍ୱବିଦ୍ୟାଳୟର କୁଳପତି ଭ୍ରାତା ପ୍ରଫେସର ବଂଶୀଧର ମାଝୀ, ତ୍ରିଲୋଚନ ନେତ୍ରାଳୟର ପ୍ରତିଷ୍ଠାତା ଡ଼ା. ସିନ୍ଧୁନନ୍ଦିନୀ ଭଉଣୀ, ଯୋଗ ଶିକ୍ଷକ ହିସାବରେ ଭାରତୀୟ ଯୋଗ ସଂସ୍ଥାନ (ଓଡ଼ିଶା ପ୍ରାନ୍ତ)ର ଭ୍ରାତା ପ୍ରାଣବନ୍ଧୁ ବେହେରା ଓ ସଂସ୍ଥାନର ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ । ଭାରତୀୟ ଯୋଗ ସଂସ୍ଥାନର ଭ୍ରାତା ପ୍ରାଣବନ୍ଧୁ ବେହେରା ଓ ସଦସ୍ୟ ମାନେ ଯୋଗାସନ, ପ୍ରାଣାୟମ ତଥା ଧ୍ୟାନର ଅଭ୍ୟାସ କରାଇଥିଲେ । ସମ୍ମାନନୀୟ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ କୁମାରୀ ମନସ୍ୱୀ ଯୋଗନୃତ୍ୟ ପରିବେଷଣ କରିଥିଲେ । ବ୍ରହ୍ମାକୁମାରୀ ଆରତୀ ଭଉଣୀ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂକ୍ଷିପ୍ତ ପରିଚୟ ଦେଇଥିଲେ । ଡ଼ା. ସିନ୍ଧୁନନ୍ଦିନୀ ତାଙ୍କ ଭାଷଣରେ କହିଥିଲେ ଯେ, ସ୍ୱାସ୍ଥ୍ୟ ପାଇଁ ଯୋଗାସନ ସହିତ ଶରୀର, ମନ ଓ ଆତ୍ମାର ସଂଯୋଗ ରକ୍ଷା କରିବା ନିତାନ୍ତ ଆବଶ୍ୟକ । ଯୋଗାସନ, ପ୍ରାଣାୟମର ଅଭ୍ୟାସ ପିଲା ଦିନରୁ କରିବା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ଓ ଜୀବନଶୈଳୀ ସୁଖମୟ ହୋଇପାରିବ । କୁଳପତି ଭ୍ରାତା ପ୍ରଫେସର ବଂଶୀଧର ମାଝୀ କହିଲେ ଯେ, ଆଦି କାଳରୁ ଭାରତ ଭୂମିରେ ଯୋଗର ପ୍ରାଧାନ୍ୟ ରହି ଆସିଛି । ତେଣୁ ୧୭୭ ଦେଶ ପ୍ରଧାନମନ୍ତ୍ରୀଙ୍କ ଆଗ୍ରହରେ ଯୋଗର ଆବଶ୍ୟକତାକୁ ସ୍ୱୀକୃତି ଦେଇ ଯୋଗଦିବସ ପାଳନ କରି ଆସୁଛି । ରାଜଯୋଗିନୀ ପାର୍ବତୀ ଦିଦି ଅନ୍ତର୍ଜାତୀୟ ଯୋଗ ଦିବସରେ ''ସ୍ୱ ଓ ସମାଜ'' ପାଇଁ ଯୋଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ନେଇ କହିଥିଲେ, ''ସ୍ୱାସ୍ଥ୍ୟ ସହିତ ଶାନ୍ତିପୂର୍ଣ୍ଣ ମାନସିକତା ଯୋଗରୁ ମିଳିଥାଏ'' । ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶିକ୍ଷା ଦେଇଥାଏ ସ୍ୱ ପରିବର୍ତନ ଦ୍ୱାରା ବିଶ୍ୱ ପରିବର୍ତନ । ଶାରୀରିକ ଯୋଗାସନ ଦ୍ୱାରା ଶରୀରକୁ କିଛି ସମୟ ପାଇଁ ସ୍ୱସ୍ଥ ରଖିହୁଏ, କିନ୍ତୁ ବର୍ତମାନ ପରିପ୍ରେକ୍ଷୀରେ ମନରେ ବାହ୍ୟ ପ୍ରଭାବ ଦ୍ୱାରା ସନ୍ତୁଳନ ରକ୍ଷା ନକଲେ ଶରୀର ସୁସ୍ଥ ରହିପାରିବ ନାହିଁ । ତେଣୁ ସୁଖମୟ ଶରୀର ପାଇଁ ଯୋଗାସନ ସହିତ ରାଜଯୋଗର ଅଭ୍ୟାସ ନିତାନ୍ତ ଆବଶ୍ୟକ । ଏହାଦ୍ୱାରା ମଣିଷ ମନକୁ ଶାନ୍ତ ରଖିବାରେ ସହାୟକ ହେବ ଏବଂ ମାନବୀୟ ଗୁଣ ଧାରଣ କରି ସ୍ୱ ଓ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ । ତେଣୁକରି ସମସ୍ତେ ଦୈନନ୍ଦିନ ଯୋଗାସନ ସହିତ ୧୦ରୁ ୧୫ ମିନିଟ୍ ରାଜଯୋଗର ଅଭ୍ୟାସ କରିବା ଉଚିତ୍ । ଶେଷରେ ବ୍ରହ୍ମାକୁମାରୀ ଦୀପା ଭଉଣୀ ସମସ୍ତଙ୍କୁ ରାଜଯୋଗର ଅଭ୍ୟାସ କରାଇଥିଲେ ।

# ଜଗନ୍ନାଥ ସାଗର ପୁନଃ ଉଦ୍ଧାର: ଡ୍ରେଜିଙ୍ଗ୍ କାର୍ଯ୍ୟ ଆରମ୍ଭ

ଜୟପୁର, ୨୨/୬ (ନି.ପ୍ର): ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗରର ପୁନଃ ଉଦ୍ଧାର କାର୍ଯ୍ୟ ଚାଲିଛି । ଆଜି ଡ୍ରେଜିଙ୍ଗ୍ କାଯ୍ୟ ଆରମ୍ଭ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନପତି ନିଡିଆ ଭାଙ୍ଗି ଉଦଘାଟନ କରିଛନ୍ତି । ଏହି କାଯ୍ୟକ୍ରମରେ ପିଡି ଡୁଡା ଦେବି ପ୍ରସାଦ ତାଲି. ବିଡିଓ ଶକ୍ତି ମହାପାତ୍ର, ପୌର ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର କାଯ୍ୟକୁ ଗୁରୁତ୍ୱ ଦେଇଛନ୍ତି । ବର୍ଷା ପୁର୍ବରୁ ଯେପରି ପଙ୍କ ଉଦ୍ଧାର କାର୍ଯ୍ୟ ଶେଷ ହୋଇ ପାରିବ ସେନେଇ ଉଦ୍ୟମ ଆରମ୍ଭ ହୋଇଛି । ବର୍ଷା ପାଇ ପଙ୍କ ବାହାରି ପାରୁ ନଥିବା ବେଳେ ବର୍ତମାନ ଆଜି ଠାରୁ ଡ୍ରେଜିଙ୍ଗ କାର୍ଯ୍ୟ ଆରମ୍ଭ ହୋଇଛି ।

# ଯୋଗ ଦିବସରେ କୃତି ପ୍ରତିଭାଙ୍କୁ ସମ୍ମାନିତ

ସମ୍ବଲପୁର, ୨୨/୬ (ନି.ପ୍ର): ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଭୁତାପଡ଼ା ତରଫରୁ ୩୩ ନମ୍ବର ୱାର୍ଡର ମଝାପଡ଼ା ଠାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟାରେ ପୁରୁଷ ମହିଳାଙ୍କ ସମେତ ଆରୋଗ୍ୟ ସମିତିର ସଦସ୍ୟ ସଦସ୍ୟା ତଥା ଆଶା କର୍ମୀମାନେ ଯୋଗ ଦେଇଥିଲେ । ଆଜିର ଏହି ଦିବସ ଉପଲକ୍ଷ ଆମେ କିପରି ଯୋଗ ମାଧ୍ୟମରେ ନିଜକୁ ସ୍ୱାସ୍ଥ୍ୟ ଓ ସବଳ ରଖିପାରିବା ସେ ବିଷୟରେ ଉପସ୍ଥିତ ମହଲଙ୍କୁ ସଚେତନ କରାଯାଇଥିଲା । ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଯୋଗ ପ୍ରଶିକ୍ଷିକା ଦିନୀ ନାୟକ ଯୋଗ ପ୍ରଶିକ୍ଷଣ ଦେବା ସହିତ ଏହାର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ । ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ସଞ୍ଜୀବ ପ୍ରଧାନ ନିୟମିତ ଯୋଗ କରିବା ଦ୍ୱାରା ନିଜକୁ କିପରି ସୁସ୍ଥ ଓ ଆରୋଗ୍ୟ କରିପାରିବା ସେ ବିଷୟରେ ଆଲୋକପାତ କରିଥିଲେ ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା, ୨୨/୬ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଭୁବନେଶ୍ୱର ସାଂସଦ ଯୋଗ ଦେଇ ଜିଲ୍ଲାର ସାରଥି ଭାବେ ଜିଲ୍ଲାକୁ ଆଗେଇ ନେବାରେ ଏବଂ ଜନସାଧାରଣଙ୍କ ଅଭିଯୋଗ କୁ ଗୁରୁତ୍ୱ ଦେବାକୁ ପ୍ରାଧାନ୍ୟ ଦେଇଥିଲେ । ଦଳ ମତ ନିର୍ବିଶେଷ ରେ ସୌହାର୍ଦ୍ଦ ପୂର୍ଣ ବାତାବରଣ ରେ କାମ କରିବାକୁ ଅଧିକାରୀ ମାନଙ୍କୁ କହିଥିଲେ । କାମକରିଲା ବେଳେ କାର୍ଯକ୍ଷେତ୍ର ରେ ମନିଟରିଂ ଓ ସୁପରଭିଜନ କରିବାକୁ ଅଧିକାରୀ ମାନଙ୍କୁ ତାଗିଦ କରିଥିଲେ । ପରେ ପରେ ମାନ୍ୟବର ମନ୍ତ୍ରୀ ବିଧାୟକ ଖୋର୍ଦ୍ଧା ତାଙ୍କର ବକ୍ତବ୍ୟ ରେ ଜିଲ୍ଲା ଅଧିକାରୀ ମାନଙ୍କୁ ନିରପେକ୍ଷ ଭାବେ କାମ କରିବାକୁ ଅନୁରୋଧ କରିଥିଲେ । ବିକଶିତ ଭାରତ ରେ ବିକଶିତ ଓଡିଶା ଏବଂ ବିକଶିତ ଓଡିଶା ରେ ବିକଶିତ ଖୋର୍ଦ୍ଧା ର ପରିକଳ୍ପନା କରି ସମସ୍ତଙ୍କୁ ସମ୍ମିଳିତ ଭାବେ କାମ କରିବାକୁ ଆହ୍ୱାନ କରିଥିଲେ । ଅନ୍ୟ ବିଧାୟକ ମାନେ ଅଧିକାରୀ ମାନଙ୍କ ଠାରୁ ଉତ୍ତମ ବ୍ୟବହାର ଆଶା କରିଥିଲେ । ପରେ ଜିଲ୍ଲାପାଳ ୨୦୨୩ ମସିହା ରେ ବିଭିନ୍ନ ସ୍ତରରେ ବକେୟା ରହିଯାଇଥିବା କାର୍ଯ୍ୟ ବିଷୟରେ ବିଭାଗୀୟ ଅଧିକାରୀ ମାନଙ୍କୁ କେବେ ପୂରଣ କରିବେ ତାର ଡେଟଲାଇନ ମାଗିଥିଲେ । ଏଜେଣ୍ଡା ଅନୁସାରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କାର୍ଯକ୍ରମ କୁ ଆଗେଇ ନେବାରେ ସହଯୋଗ କରିଥିଲେ । ବାତ୍ୟା, ବନ୍ୟା ସମୟରେ କେଉଁ କେଉଁ ପଦକ୍ଷେପ ନିଆଯିବ ବିଧାୟକ ଓ ଅଫିସର ମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ସମସ୍ୟା ଏବଂ ତାର ସମାଧାନ ପାଇଁ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ୱାଟକୋ ଏବଂ ଜନ ସ୍ୱାସ୍ଥ୍ୟ ବିଭାଗ ନିୟମିତ ଭାବେ ପାଣି ଟେଷ୍ଟିଙ୍ଗ କରି ଛାଡିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ମୁଖ୍ୟ ପ୍ରଣିଧନ ଅଧିକାରୀ, ପୁଲିସ, ଫରେଷ୍ଟ ,ଫାୟାର ଏବଂ ଯୋଗାଣ ବିଭାଗୀୟ ଅଧିକାରୀ ଙ୍କୁ ସଜାଗ ରହିବାକୁ ଜିଲ୍ଲାପାଳ କହିଥିଲେ । ପୋଷ୍ଟମର୍ଟମ ସମୟରେ ସୁନ୍ଦର ହସ୍ତାକ୍ଷରରେ ଲେଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ଖୋର୍ଦ୍ଧା ରୂପଶ୍ରୀରାଣୀ ଗୁମାନସିଂହ, ଉପସଭାପତି ଜିଲ୍ଲାପରିଷଦ ଖୋର୍ଦ୍ଧା ଗୋପୀନାଥ ମହାରଣା,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ , ଡ଼ିଏଫଓ ଖୋର୍ଦ୍ଧା ପୁର୍ଣ୍ଣିମା ପି , ଅତିରିକ୍ତ ଜିଲ୍ଲାପାଳ ଭୁବନେଶ୍ୱର ରୁଦ୍ର ନାରାୟଣ ମହାନ୍ତି ,ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା , ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବାଦଲ ମହାନ୍ତି , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ରାଜଶ୍ରୀ ପଟ୍ଟନାୟକ , ଉପଜିଲ୍ଲାପାଳ ଖୋର୍ଦ୍ଧା ଦୀପ୍ତି ରଞ୍ଜନ ସେଠୀ ,ଉପଜିଲ୍ଲାପାଳ ଭୁବନେଶ୍ୱର ମହେନ୍ଦ୍ର ପଣ୍ଡା ,ପୌରପରିଷଦ ଏବଂ ଏନଏସି ଅଧ୍ୟକ୍ଷ ଅଧକ୍ଷ୍ୟା ,ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଡେପୁଟି କଲେକ୍ଟର (ଜରୁରୀ ବିଭାଗ ) ଶ୍ରିତପା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ବୈଠକ ରେ ସମ୍ମାନନୀୟ ଅତିଥି ମାନେ ଯଥା କ୍ରମେ ମାନନୀୟା ସାଂସଦ ଭୁବନେଶ୍ୱର ଶ୍ରୀମତୀ ଅପରାଜିତା ଷଡଙ୍ଗୀ /ମାନ୍ୟବର ବିଧାୟକ ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗ୍ଦବ /ମାନ୍ୟବର ବିଧାୟକ ଜଟଣୀ ଶ୍ରୀଯୁକ୍ତ ବିଭୁତି ଭୂଷଣ ବଳବନ୍ତରାୟ/ ମାନ୍ୟବର ବିଧାୟକ ଜୟଦେବ ଶ୍ରୀଯୁକ୍ତ ନବ କିଶୋର ମଲ୍ଲିକ / ମାନ୍ୟବର ବିଧାୟକ ବେଗୁନିୟା ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଟ୍ରକ ମାଲିକଙ୍କୁ ମାନସିକ ନିର୍ଯାତନା ମାମଲା: ଖାଉଟି ଅଦାଲତ ଇଣ୍ଡସଇଣ୍ଡ ବ୍ୟାଙ୍କକୁ ଦଣ୍ଡାଦେଶ

କେନ୍ଦ୍ରାପଡ଼ା, ୨୨/୬ (ନି.ପ୍ର): କେନ୍ଦ୍ରାପଡ଼ା ଗରାପୁର ଗ୍ରାମର କ୍ଷେତ୍ରବାସୀ ଜେନା ଇଣ୍ଡସଇଣ୍ଡ ବ୍ୟାଙ୍କ ଠାରୁ ଋଣ ଆକାରରେ ଏକ ଟ୍ରକ କିଣିଥିଲେ । ଇଣ୍ଡସଇଣ୍ଡ ବ୍ୟାଙ୍କ ଋଣ ପୈଠ ବାବଦରେ ମାନସିକ ନିର୍ଯାତନା ଦେବା ଓ ଋଣ ନ ଥାଇ ଟ୍ରକକୁ ଟାଣିନେବା ଉଦ୍ୟମ କରାଯାଇଥିଲା । ଏହି ମାମଲାର ବିଚାର କରି କେନ୍ଦ୍ରାପଡ଼ା ଖାଉଟି ଅଦାଲତ ଇଣ୍ଡସଇଣ୍ଡ ବ୍ୟାଙ୍କକୁ ୧ ଲକ୍ଷ ୧୦ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏକ ଲକ୍ଷ ଟଙ୍କା ମାନସିକ ନିର୍ଯାତନା ପାଇଁ ଓ ୧୦ ହଜାର ଟଙ୍କା ଅଦାଲତରେ ମାଲିମକଦ୍ଦମା ଖର୍ଚ୍ଚ ପାଇଁ ପ୍ରଦାନ କରିବାକୁ ଅଦାଲତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଗରାପୁର ଗ୍ରାମର କ୍ଷେତ୍ରବାସୀ ଜେନା ୨୦୧୯ ଜୁଲାଇ ୧ ତାରିଖରେ ଇଣ୍ଡସଇଣ୍ଡ ଫାଇନାନ୍ସ ପାରାଦ୍ୱୀପ ଶାଖାରୁ ଋଣ କରି ଏକ ୧୪ ଚକିଆ ଟ୍ରକ କିଣିଥିଲେ । ଋଣ ଟଙ୍କା ଓ ସୁଧ ବାବଦ ୫୮ଟି କିସ୍ତି ଦେବାକୁ ବ୍ୟାଙ୍କ ନିର୍ଦ୍ଧାରଣ କରିଥିଲା । ୫୫ଟି କିସ୍ତି ୭୩ ହଜାର ୬୦ ଟଙ୍କା ଲେଖାଏଁ ଓ ବାକି ତିନୋଟି କିସ୍ତିରେ ମାତ୍ର ଏକ ଟଙ୍କା ଲେଖାଏଁ ୩ ଟଙ୍କା ନିର୍ଦ୍ଧାରିତ ହୋଇଥିଲା । ସେହି ଅନୁଯାୟୀ କ୍ଷେତ୍ରବାସୀ ଋଣ ଟଙ୍କା ବ୍ୟାଙ୍କରେ ପୈଠ କରି ଚାଲିଲେ । ସେ ୨୦୨୩ ମସିହା ଡିସେମ୍ବର ମାସ ସୁଦ୍ଧା ୫୩ ଟି କିସ୍ତି ପୈଠ କରିବା ପରେ ତାଙ୍କର ଦୁଇଟି କିସ୍ତି ୭୩ ହଜାର ଲେଖାଏଁ ଓ ତିନୋଟି କିସ୍ତି ମାତ୍ର ଟଙ୍କାଏ ଲେଖାଏଁ ପ୍ରଦାନ କରିବାକୁ ବାକିଥିଲା । ସମସ୍ତ କିସ୍ତି ପରିଶୋଧ କରିବା ପାଇଁ ସେ ବ୍ୟାଙ୍କକୁ ଯାଇଥିଲେ । ସମସ୍ତ ଋଣ ଏକା ସଙ୍ଗରେ ପୈଠ କରି ଏନ୍ଓସି ଆଣିବାକୁ ବ୍ୟାଙ୍କକୁ ଅନୁରୋଧ କରିଥିଲେ । କିନ୍ତୁ ତାଙ୍କୁ ଆଉ ୧୨ଟି କିସ୍ତି ଦେବାକୁ ପଡିବ ବୋଲି କୁହାଯାଇଥିଲା । ୯ଟି କିସ୍ତି ୭୩ ହଜାର ୬୦ ଟଙ୍କା ଲେଖାଏଁ ଓ ତିନୋଟି ଟଙ୍କିକିଆ କିସ୍ତ ଦେବାକୁ ପଡିବ ବୋଲି ବ୍ୟାଙ୍କ ପକ୍ଷରୁ କ୍ଷେତ୍ରବାସୀଙ୍କୁ କୁହାଯାଇଥିଲା । ଏହା ଶୁଣି ଶ୍ରୀ ଜେନା ପ୍ରତିବାଦ କରିବାରୁ ତାଙ୍କୁ ବ୍ୟାଙ୍କ କର୍ମଚାରୀ ଦୁର୍ବ୍ୟବହାର କରିଥିଲେ । ବ୍ୟାଙ୍କରୁ ନିରାଶ ହେବା ପରେ କ୍ଷେତ୍ରବାସୀ କେନ୍ଦ୍ରାପଡ଼ା ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ । ଖାଉଟି ଅଦାଲତରେ ସଂପୃକ୍ତ ବ୍ୟାଙ୍କ ବିରୋଧରେ କ୍ଷେତ୍ରବାସୀ ଏକ ମାମଲା ଦାୟର କରିଥିଲେ । ଏହାର କିଛି ଦିନ ପରେ ତାଙ୍କ ଗାଡି ଟାଣି ନେବା ପାଇଁ ବ୍ୟାଙ୍କ ଯୋଜନା କରିଥିଲା । ଫାଇନାନ୍ସ କମ୍ପାନୀର କର୍ମଚାରୀ ଗରାପୁରରେ କ୍ଷେତ୍ରବାସୀଙ୍କ ଘର ନିକଟରୁ ଗାଡି ଟାଣି ନେବା ପାଇଁ ଉଦ୍ୟମ କରିଥିଲେ । ହେଲେ କ୍ଷେତ୍ରବାସୀ ଏ ନେଇ କେନ୍ଦ୍ରାପଡ଼ା ଖାଉଟି ଅଦାଲତରେ ମାମଲା ଚାଲିଥିବା କାଗଜାତ ଦର୍ଶାଇବାରୁ କର୍ମଚାରୀମାନେ ପଳାଇଥିଲେ । ଏହାଦ୍ୱାରା କ୍ଷେତ୍ରବାସୀ ମାନସିକ ଭାବେ ନିର୍ଯାତିତ ହୋଇଥିଲେ । ଏହି ମାମଲାର ବିଚାର କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ଜୁନ୍ ୨୦୨୪
email : rabibarachayan2015@gmail.com

# ରବିବାର ଚୟନ



.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୫୬**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସୀତା !

ପାଟିକରି ଉଠିଥିଲେ ରାବଣ ।

କାହିଁକି ବୃଥାରେ ପାଟିକରୁଛ ଲଙ୍କପତି । ତୁମେ ତ ସ୍ୱଚକ୍ଷୁରେ ଦେଖୁଛ ମୋ ତୁଣ୍ଡର ରାମ ନାମ ତୁମ ସଂଗୀତ ପ୍ରବୀଣା ନାରୀ ମାନଙ୍କ କଣ୍ଠରୁଦ୍ଧ କରିଦେଲା । ତୁମ ନାମ, ତୁମ ଯଶ, କୀର୍ତ୍ତିକୁ ପାଥେୟ କରି ସେମାନେ ସଂଗୀତ ବୋଲୁଥିଲେ । ସେସବୁ ତାଙ୍କ ତୁଣ୍ଡରୁ ଅପସରି ଯାଇ ସେ ତୁଣ୍ଡରୁ ଝରିଲା ରାମନାମ । ଏହି ସାଧାରଣ ସଂଗୀତ ପ୍ରବୀଣା ନାରୀଙ୍କୁ କାହିଁକି ଡାକିଛ ଲଙ୍କପତି, ଯଦି ପାରୁଛ ମାତା ସରସ୍ୱତୀଙ୍କୁ ଆହ୍ୱାନ କର । ସେ ତାଙ୍କ ମଞ୍ଜୁଳ ବୀଣା ଧରି ଏଠାରେ ବସି ରାବଣ ନାମରେ ସଂଗୀତ ଗାନ କରନ୍ତୁ । ଏ ସାଧାରଣ ନର୍ତ୍ତକୀ ମାନଙ୍କୁ ମୋ ସମ୍ମୁଖରେ ନ ନଚାଇ ସ୍ୱର୍ଗପୁରୀରୁ ରମ୍ଭା, ମେନକା, ଉର୍ବଶୀ ଆଦି ନୃତ୍ୟ ପ୍ରବୀଣା ସ୍ୱର୍ଗନର୍ତ୍ତକୀ ମାନଙ୍କୁ ଏ ସ୍ଥାନକୁ ଆମନ୍ତ୍ରଣ କର, ସେମାନେ ମୋ ସମ୍ମୁଖରେ ନୃତ୍ୟ କରନ୍ତୁ । ତୁମର ସୂପକାର ମାନେ ଏ ଯେଉଁ ମିଷ୍ଟାନ୍ନ ତିଆରି କରିଛନ୍ତି ଏଥିରେ ମୋ ମନ ନାହିଁ, ତୁମେ ସ୍ୱୟଂ ମାତା ଅନ୍ନପୂର୍ଣ୍ଣାଙ୍କୁ ଡାକି ତାଙ୍କ ହସ୍ତରେ ଅନ୍ନ, ପ୍ରସାଦ ପ୍ରସ୍ତୁତ କରି ଆଣି ମୋ ସମ୍ମୁଖରେ ଥୋଇଦେଇ ଦେଖ, ସୀତାର ରୁଚି କେଉଁଥିରେ ରହୁଛି କି ?

"ସୀତାର ରୁଚି ସର୍ବଦା ରାମ ନାମରେ । ରାମଙ୍କ ହସ୍ତତୋଳା ପୁଷ୍ପ, ଫଳରେ, ରାମଙ୍କ ଦିଆ ଏହି ସାଧାରଣ ଶାଢ଼ୀରେ, ରାମଙ୍କ କଣ୍ଠରୁ ଝରୁଥିବା ସୀତା, ସୀତା ମଧୁର ସଂଗୀତରେ । ରାମଙ୍କ ନବଦୁର୍ବାଦଳ କାନ୍ତି ବିଶିଷ୍ଟ ରୂପଶୋଭାରେ । ସୀତାର କଣ୍ଠରେ ରାମ, ହୃଦୟରେ ରାମ, ମନରେ ରାମ, ବଚନରେ ରାମ, ପାନରେ, ଭୋଜନରେ, ଶୟନରେ ସବୁଠୁଁ ରାମ, ରାମ, ରାମ । ମୃତ୍ୟୁ ପର୍ଯ୍ୟନ୍ତ ମୋର ଗୋଟାଏ କଥା ସ୍ମରଣ ଥିବ ଲଙ୍କପତି ଏ ଜୀବନରେ କୌଶଲ୍ୟା ସୁତ ହିଁ ସୀତାର ଗତି, ମୁକ୍ତି, ଭକ୍ତି, ପ୍ରୀତି, ସ୍ନେହ, ଶ୍ରଦ୍ଧା ସବୁକିଛି । ଏତେପରେ ତୁମେ ଯଦି କିଛି ବୁଝି ନପାରୁଛ ତାହେଲେ ମୁଁ କହିବି ତୁମଠାରୁ ମୂର୍ଖ, ଅଜ୍ଞାନୀ, ଅବିବେକୀ...."

ମୋ ତୁଣ୍ଡରୁ ବଚନ ଛଡ଼ାଇ ନେଇ ସେ କହିଥିଲେ, "ହଁ ହଁ ରାବଣ ମୂର୍ଖ, ଅଜ୍ଞାନୀ, ଅବିବେକୀ । ତୁମେ ସତ୍ୟ କହିଛ ସୀତା, ତୁମକୁ ମୋ ଭଳି ଜଣେ ପଣ୍ଡିତ ଯାହାର ମୁଣ୍ଡରେ ଦଶ ପଣ୍ଡିତର ଜ୍ଞାନ ପୂରି ରହିଛି ସେ ଯେତେବେଳେ ବୁଝିବାରେ ଅସମର୍ଥ, ଏ ସଂସାରରେ ସ୍ୱୟଂ ବ୍ରହ୍ମା, ବିଷ୍ଣୁ, ଶିବ କେହି ତୁମକୁ ବୁଝି ପାରିବେ ନାହିଁ । ତୁମକୁ ଏ ଲଙ୍କପତି ରାବଣ କୋଟିକୋଟି ପ୍ରଣାମ ଜଣାଉଛି ସୀତା ।" ଏହାକହି ଦ୍ରୁତ ବେଗରେ ରାବଣ ଅଶୋକବନ ତ୍ୟାଗ କରିଥିଲେ ।

ତାଙ୍କ ଯିବା ପଥକୁ ଅନାଇ ରହିଥାନ୍ତି ସମସ୍ତ ପରିଚାରିକା, ନୃତ୍ୟ, ସଂଗୀତ, ବାଦ୍ୟକାରୀମାନେ। ସମସ୍ତେ ଚକିତ ସ୍ତବ୍ଧ, କାହାରି ତୁଣ୍ଡରେ ଭାଷା ନାହିଁ ।

ମୋ ଦେହରୁ ଗମ୍‌ଗମ୍ ହୋଇ ଝାଳ ବହି ଯାଉଥାଏ ସୁଧାମୟୀ । ରାମଙ୍କୁ ଧ୍ୟାନ କରି ମୁଁ ସିନା ଏତେ କଥା କହିଗଲି, ହେଲେ ଜାଣିନଥିଲି ତା' ପରବର୍ତ୍ତୀ ଅବସ୍ଥା କଣ ହେବ । ମୋ କଥା ଶୁଣି ରାବଣ ଯେ ମୋତେ ସମ୍ମାନ ଜଣାଇ ପ୍ରଣାମ କରି ଏ ସ୍ଥାନ ପରିତ୍ୟାଗ କରିବ, ତାହା ମୁଁ କେବେ ଭାବି ପାରି ନଥିଲି । ମୁଁ ମଧ ଚକିତ ହୋଇ ଯାଇଥିଲି ରାବଣର ବ୍ୟବହାରରେ । ମୁଁ ଭାବିଥିଲି ମୋ ମୁହଁରୁ ଏ ପ୍ରକାର ବାଣୀ ଶୁଣି ରାବଣ ମୋତେ ତିରସ୍କାର କରିବ, ଅସମ୍ମାନ କରିବ, କିନ୍ତୁ ଏ କ'ଣ ! ରାବଣର ଏପରି କାର୍ଯ୍ୟ ଦେଖି ମୁଁ ଚକିତ।

ଧୀରେଧୀରେ ପରିଚାରିକାମାନେ ମୋ ପାଖରୁ ବିଦାୟ ନେଇ ଯାଇଥିଲେ । ଏକାକୀ ଛିଡ଼ା ହେଇ ରହିନ୍ତି ମାତା ତ୍ରିଜଟା । କିଛି ସମୟ ବିତି ଯିବା ପରେ ସେ ମୋତେ ପଚାରିଥିଲେ ସୀତା ! ଏବେ ତୁମେ ଭୋଜନ କରିବ ?

ତାଙ୍କୁ କୁଣ୍ଢାଇ ପକାଇ ମୁଁ କାନ୍ଦିକାନ୍ଦି କହିଥିଲି ଏ ସବୁ କ'ଣ ଘଟିଯାଉଛି ମା' । ମୁଁ କିଛି ବୁଝିପାରୁ ନାହିଁ ।

ମୋତେ ସାନ୍ତ୍ୱନା ଦେଇ ସେ କହିଥିଲେ, ତୁ ବ୍ୟସ୍ତ ହଅନା ମା' । ସମୟ ସବୁ ସମସ୍ୟାର ସମାଧାନ କରିଦେବ । ଏହାକହି ସେ ମୋତେ ହାତରେ ଧରିଥିବା ପାଚିଲା ଫଳଟିକୁ ଛଡ଼ାଇ ଭୁଞ୍ଜାଇ ଦେଇଥିଲେ ।

### ॥ ବାର ॥

ପ୍ରତ୍ୟହ ସନ୍ଧ୍ୟା ସମୟରେ ବାଲ୍ମିକୀ ଆଶ୍ରମର ମୁନିକନ୍ୟା ମାନେ ସୀତାଙ୍କୁ ଘେରିପାରୁଶରୁ ବେଢ଼ି ଯାଆନ୍ତି, ତାଙ୍କ ମୁଖରୁ ଜୀବନରେ ବିତାଇଥିବା ଦୁଃଖ କାହାଣୀ ଶୁଣିବା ପାଇଁ । ନିଃସଂକୋଚରେ ସୀତା ଏ ପର୍ଯ୍ୟନ୍ତ ଅଂଗେ ଲିଭାଇଥିବା ଘଟଣାକୁ ତାଙ୍କ ସମ୍ମୁଖରେ ବଖାଣି ବସନ୍ତି । ଦୁଃଖ କାହାଣୀ କହୁଥିବା ସମୟରେ ସୀତା କାନ୍ଦି ପକାଇଲେ, ତାଙ୍କ ଗହଣରେ ଥିବା ମୁନିକୁମାରୀଙ୍କ ଚକ୍ଷୁରୁ ଅଶ୍ରୁ ଝରି ଆସେ । ଏ ଦୃଶ୍ୟ ଦେଖି ସନ୍ନ୍ୟାସିନୀ ଅନୁକମ୍ପା କହନ୍ତି, କାହିଁକି ଦିନ ରାତି ସେ ଆଖି ଦୁଇଟାକୁ ଯନ୍ତ୍ରଣା ଦେଉଛୁ ମା' ସୀତା । ଏମିତି କାନ୍ଦିକାନ୍ଦି ତୁ କ'ଣ ସପ୍ତ ସମୁଦ୍ରକୁ ଶୁଖାଇଦେବୁ । ତୋ ଗର୍ଭରେ ଯେଉଁ ଅମୂଲ୍ୟ ରତ୍ନ ବଢ଼ୁଛି ତା' ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ । ତୁ ଜନକ ରାଜାଙ୍କ ଝିଅ । ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ରବଧୂ । ସ୍ୱାମୀ ତୋର ଅରଣ୍ୟ ବାସରେ । ଏ ଜୀବନରେ ସୁଖ ଦୁଃଖ ତ ଚକ୍ରଘୂରିଲା ଭଳି, ଦିନରାତି ଘୂରୁଛି । ଦୁଃଖ, ସୁଖ ଏ ତ ଜୀବନ ନଦୀର ଦୁଇଟି ଧାର । କେତେବେଳେ କେଉଁ ନଦୀରେ ବନ୍ୟା ଆସିବ ତ କେଉଁ ନଦୀର ଧାର ଶୁଖିଯିବ । ଜୀବନର ଷୋଳବର୍ଷ ପର୍ଯ୍ୟନ୍ତ ବେଶ୍ ରାଜସୁଖ ତୁ ଭୋଗିଛୁ ମା' । ଅଯୋଧ୍ୟାରେ ବି କିଛିଦିନ ସେ ସୁଖ ପାଇଛୁ । ସୁଖ ପରେ ଯଦି ଦୁଃଖ ଆସିଛି ତାକୁ ସହିଯା । ଯା ପରେ ପୁଣି ସୁଖ ଆସିବ । ତୁ ଏଠାରେ କାନ୍ଦିଲେ ତୋ ସ୍ୱାମୀ ଅଯୋଧ୍ୟାରେ ଥାଇ କାନ୍ଦିବେ । ତୋ ଶାଶୁମାନଙ୍କ ଚକ୍ଷୁରୁ ଅଶ୍ରୁର ଝରଣା ଝରିବ । ତୋ ବାପା ମାଆଙ୍କ କଥା କ'ଣ ଆଉ ଅଧିକା କହିବି । ସର୍ବୋପରି ତୋ ଗର୍ଭରେ ଥିବା ଅଯୋଧ୍ୟାର ଭବିଷ୍ୟତ ବଂଶଧର ଉପରେ ମଧ ତାର ପ୍ରଭାବ ପଡ଼ିବ । ଏକଥା ତୋତେ ମୁନିଶ୍ରେଷ୍ଠ ବାଲ୍ମିକୀ ପୂର୍ବରୁ ସୂଚାଇ ଦେଇଛନ୍ତି । ଏକଥା କ'ଣ ତୋର ସ୍ମରଣ ନାହିଁ ସୀତା ।

ତାଙ୍କ କଥା ଶୁଣି ମୁଁ ଆଖିରୁ ଲୁହ ପୋଛି ପକାନ୍ତେ, ମୋ ମନକୁ ଭୁଲାଇବା ପାଇଁ ସୁଧାମୟୀ, ପ୍ରୀତିଦା, କମଳା, ଶ୍ୟାମଳୀ ଆଦି ମୁନିକନ୍ୟା ମାନେ କହନ୍ତି ଦେବୀ ସବୁଦିନେ ତ ଦୁଃଖର କଥା କହିଲ । ଅରଣ୍ୟବାସ କାଳର ସୁଖର କଥା ଦିନେ କୁହ ।

ତାଙ୍କ କଥା ଶୁଣି ସୀତାଦେବୀ କହିଥିଲେ ଦୁଃଖର ସାଗର ଭିତରୁ ସୁଖର ଜଳବୁନ୍ଦାଟିଏ ଖୋଜିଲେ କ'ଣ ମିଳିବ ସଖୀ । ତଥାପି ତୁମକୁ ଗୋଟାଏ ଦିନର କଥା କହୁଛି, ଯେଉଁଦିନ ମୋ ପ୍ରଭୁଙ୍କ ପରମ ଭକ୍ତ ହନୁମାନ ଆସି ଲଙ୍କାର ଅଶୋକବନକୁ ଧ୍ୱଂସ କରି ସାରା ଲଙ୍କାରେ ଅଗ୍ନିସଂଯୋଗ କରି ଦେଇ ସ୍ୱର୍ଣ୍ଣଲଙ୍କାକୁ ଭସ୍ମୀଭୂତ କରିଦେଇଥିଲା । (କ୍ରମଶଃ)

❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଚଳନ୍ତିକା

# ମୋହନ ବଂଶୀ

**ସୁବ୍ରତ ପଟ୍ଟନାୟକ**



ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ନିଶ୍ଚୟ ପୂରଣ ହେବ। ଓଡ଼ିଶା ଅସ୍ମିତା, ସ୍ୱାଭିମାନ ଓ ସଂସ୍କୃତିକୁ ବଜାୟ ରଖିବ ବିଜେପି ସରକାର। ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାପରେ ରାଜ୍ୟବାସୀଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି- ମୋହନ ଚରଣ ମାଝୀ। ରାଜ୍ୟପାଳ ରଘୁବର ଦାସ ତାଙ୍କୁ ୨୦୨୪ ଜୁନ୍ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ସଭା ମଞ୍ଚରେ ଉପସ୍ଥିତ ଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଅନ୍ୟ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ ଉପସ୍ଥିତ। ମୋହନ ଗଢ଼ିଛନ୍ତି ନିଜ ମନ୍ତ୍ରିମଣ୍ଡଳର ୧୬ଜଣିଆ ଟିମ୍। ସେମାନଙ୍କ ମଧ୍ୟରୁ ୪ଜଣ ଆଦିବାସୀ, ୨ଜଣ ଅନୁସୂଚିତ ବର୍ଗ ଆଉ ୫ଜଣ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ନିଆଯାଇପାରେ।

ନୂଆ ମନ୍ତ୍ରିମଣ୍ଡଳରେ କନକବର୍ଦ୍ଧନ ସିଂଦେଓ (୬୭) ପାଟଣାଗଡ଼, ପ୍ରଭାତୀ ପରିଡ଼ା (୫୭), ନିମାପଡ଼ା ଉପ-ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇବେ। ୧୧ଜଣଙ୍କୁ କ୍ୟାବିନେଟ ମନ୍ତ୍ରୀ ଓ ୫ଜଣଙ୍କୁ ସ୍ୱାଧୀନ ଦାୟିତ୍ୱ ଦିଆଯାଇଛି। ପ୍ରଥମଥର ବିଧାୟକ ପାଲଟିଥିବା ୮ଜଣ ନେତାଙ୍କୁ ମିଳିଛି ମନ୍ତ୍ରୀପଦ। ମୋଟ ୩୦ଟି ଜିଲ୍ଲାରୁ ୧୭ଟି ଜିଲ୍ଲାକୁ କୌଣସି ମନ୍ତ୍ରୀ ପଦ ମିଳିନାହିଁ। ସେଥିପାଇଁ ଚାଲିଛି ବିଚାର ବିମର୍ଷ। ବିଧାନସଭା ବାଚସ୍ପତି ଆସନ ଗ୍ରହଣ କରିଛନ୍ତି ସୁରମା ପାଢୀ। ଏଥର ମନ୍ତ୍ରୀମଣ୍ଡଳରେ ସୁରେଶ ପୂଜାରୀ (୬୪) ବ୍ରଜରାଜନଗର, ରବି ନାରାୟଣ ନାୟକ (୫୪) କୁଚିଣ୍ଡା, ନିତ୍ୟାନନ୍ଦ ଗଣ୍ଡ (୪୬) ଉମରକୋଟ, ସମ୍ପଦ ଚରଣ ସ୍ୱାଇଁ (୩୮) ପାରାଦୀପ, ଗଣେଶ ଚନ୍ଦ୍ର ସିଂ ଖୁଣ୍ଟିଆ(୪୮) ଯଶିପୁର, ସୂର୍ଯ୍ୟବଂଶୀ ସୂରଜ (୨୮) ଧାମନଗର, ପ୍ରଦୀପ ବଳ ସାମନ୍ତ(୬୬) ସୁକିନ୍ଦା, କୃଷ୍ଣଚନ୍ଦ୍ର ମହାପାତ୍ର (୫୩) ମୋରଡ଼ା, କୃଷ୍ଣଚନ୍ଦ୍ର ପାତ୍ର (୬୦) ଢ଼େଙ୍କାନାଳ, ପୃଥ୍ୱୀରାଜ ହରିଚନ୍ଦନ(୫୬) ଚିଲିକା, ମୁକେଶ ମହାଲିଙ୍ଗ (୫୦) ଲୋଇସିଂଘା, ବିଭୂତି ଭୂଷଣ ଜେନା(୫୭) ଗୋପାଳପୁର, ଗୋକୁଳାନନ୍ଦ ମଲ୍ଲିକ (୪୮) ପୋଲସରା ହୋଇଛନ୍ତି ସାମିଲ। ଉଲ୍ଲେଖଯୋଗ୍ୟ ୨୦୨୪ ନିର୍ବାଚନରେ ଓଡ଼ିଶାର ୧୪୭ ବିଧାନସଭା ଆସନରୁ ବିଜେପି ୭୮, ବିଜେଡ଼ି ୫୧, କଂଗ୍ରେସ ୧୪, ଅନ୍ୟାନ୍ୟ ୪ଟି ଆସନ ପାଇଛନ୍ତି। ଲୋକସଭାରେ ୨୧ଟି ଆସନରୁ ବିଜେପି ୨୦ଟି ଓ କଂଗ୍ରେସ ଗୋଟିଏ ଆସନ ଦଖଲ କରିଛି। ବିଜେଡ଼ି ହୋଇଛି ମୂଳପୋଛ। ଏ ହେଲା ଚଳିତ ନିର୍ବାଚନର ଫଳାଫଳ।

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମ୍ପର୍କରେ ଏହି ମୁକ୍ତ ବୃତ୍ତି ସ୍ତମ୍ଭକାର କିଛି ଲେଖିବାକୁ ମନ ବଳାଉଛେ। ମୋହନଙ୍କ ପୈତୃକ ଘର ଆମ କେନ୍ଦୁଝର ଜିଲ୍ଲା ରାଇକଳାରେ। ଜନ୍ମ ୧୯୭୨ ମସିହା ଜାନୁଆରୀ ୬ ତାରିଖ। ରାଇକଳାରେ ପାଞ୍ଚୋଟି ସାହି, ୩୫୨ଟି ଘର। ପିତା ଗୁଣରାମ ମାଝୀ ଥିଲେ ସରକାରୀ ଚାକିରିଆ। ମାତା ବାଲେ ମାଝୀ ଗୃହିଣୀ। ମୋହନ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ହରାଇଲେ ମାଆଙ୍କୁ। ପିତା ଗୁଣରାମ ଦ୍ୱିତୀୟ ବିବାହ କଲେ ନାଥମଣିଙ୍କୁ। ୨୦୧୫ ମସିହାରେ ଘଟିଲା ମୋହନଙ୍କ ପିତୃ ବିୟୋଗ। ମୋହନଙ୍କ ଶିକ୍ଷାଗତ ଯୋଗ୍ୟତା ବିଏ ଏଲଏଲବି। ୧୯୮୭ ମସିହାରେ ମାଟ୍ରିକ୍। ୧୯୯୦ ମସିହାରେ ଆନନ୍ଦପୁର କଲେଜରୁ କଳାରେ ଇଣ୍ଟର ମିଡିଏଟ, ୧୯୯୩ ମସିହାରେ ଚମ୍ପୁଆ ଚନ୍ଦ୍ରଶେଖର କଲେଜରୁ ସ୍ନାତକ ଡିଗ୍ରୀ। ପରେ ଢ଼େଙ୍କାନାଳ ଆଇନ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ। ପଢ଼ା ସରିବା ପରେ ଆରମ୍ଭ ହେଲା ଶିକ୍ଷକତା। ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ। କିଛିଦିନ ପରେ ଚାକିରି ଛାଡ଼ି ଆସିଲେ ରାଜନୀତିକୁ। ପ୍ରଥମେ ସମିତି ସଭ୍ୟ ଭାବେ ନିଜ ପଞ୍ଚାୟତରୁ ଲଢ଼ି ଫେଲ ମାରିଥିଲେ। ମାତ୍ର ପଛକୁ ହଟିଲେ ନାହିଁ। ୧୯୯୭ ପଂଚାୟତ ନିର୍ବାଚନରେ ସେ ହେଲେ ସରପଂଚ। ୨୦୦୦, ୨୦୦୪, ୨୦୧୯ ଓ ୨୦୨୪ ନିର୍ବାଚନରେ ସେ କେନ୍ଦୁଝର ସଦର ବିଧାନସଭା ଆସନରୁ ହେଲେ ବିଜୟୀ ବିଜେପି ବିଧାୟକ। ଅତୀତରେ ତୁଲାଇଛନ୍ତି ବିଜେପି ଦଳ ଉପମୁଖ୍ୟ ସଚେତକ ଦାୟିତ୍ୱ। ଧର୍ମପତ୍ନୀ ପ୍ରିୟଙ୍କା ମାରାଣ୍ଡି ଡାକ୍ତରାଣୀ। ରୁଚି ଆୟୁର୍ବେଦ ଚିକିତ୍ସା। ବଡ଼ପୁଅ ପ୍ରେମ ଆନନ୍ଦ +୨ ଛାତ୍ର, ସାନ ପୁଅ ତ୍ରିଷ୍ଣା ଆନନ୍ଦ ଅଷ୍ଟମ ଶ୍ରେଣୀରେ।

ରାଇକଳାର ସୁନାପୁଅ ମୋହନ ଜଣେ ଅତ୍ୟନ୍ତ ଲୋକପ୍ରିୟ ଆଦିବାସୀ ନେତା। ସମଗ୍ର କେନ୍ଦୁଝର ଜିଲ୍ଲାରେ ତାଙ୍କର ପ୍ରବଳ ଜନ ସମର୍ଥନ। ସ୍ୱଭାବରେ ଖୁବ୍ ଶାନ୍ତ ଓ ସରଳ। ଓଠରେ ସବୁବେଳେ ଚେନାଏ ହସ। କି ବିଚିତ୍ର ସଂଯୋଗ। ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦୁହେଁ ଆଦିବାସୀ। ଦୁହେଁ ସାନ୍ତାଳ। ଦୁହିଁଙ୍କ ଧମନୀରେ ଆଦିବାସୀ ରକ୍ତ। ଦୁଃଖ, କଷ୍ଟ, ଝଡ଼ ଝଞ୍ଜା ସହ ସଂଘର୍ଷ କରି ଦୁହେଁ ପହଞ୍ଚିଛନ୍ତି ସୌଭାଗ୍ୟର ଶୀର୍ଷ ସ୍ଥାନରେ। ସେମାନଙ୍କ ଯାତ୍ରାରେ ଏବେ ବିଜୟର ମଶାଲ୍। ସରଳ ମଣିଷଙ୍କ ପାଇଁ ଏହାହିଁ ଈଶ୍ୱରଙ୍କ ବରଦାନ। ମୁଖ୍ୟମନ୍ତ୍ରୀ ହେବାପରେ ମୋହନ ନିଜର ପୁରା ଟିମ୍‌କୁ ନେଇ ଶ୍ରୀମନ୍ଦିରରେ ମଙ୍ଗଳ ଆଳତୀରେ ଯୋଗ ଦେଇଛନ୍ତି। ପୂର୍ବ ପ୍ରତିଶ୍ରୁତି ମୁତାବକ ଶ୍ରୀମନ୍ଦିରର ଚାରିଟି ଯାକ ଦ୍ୱାର ଭକ୍ତଙ୍କ ଲାଗି ଖୋଲାଯିବାକୁ ଦେଇଛନ୍ତି ନିର୍ଦ୍ଦେଶ। ପୂରଣ କରିଛନ୍ତି କୋଟିକୋଟି ଭକ୍ତଙ୍କର ଦୀର୍ଘଦିନର ଦାବି। ଆମ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ବଡ଼ ଠାକୁରେ ଘଣ୍ଟ ଘୋଡ଼ାଇ ରଖିଥାନ୍ତୁ।

ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ସମସ୍ତଙ୍କୁ ଚକିତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ନାମ ଘୋଷଣା ହେବାପରେ ମୋହନ ଯାଇଥିଲେ ନବୀନ ନିବାସକୁ। ବ୍ୟକ୍ତିଗତ ଭାବେ ତାଙ୍କୁ ଆସିବାକୁ କରିଥିଲେ ବିନମ୍ର ନିବେଦନ। ନବୀନ କଥା ଦେଇଥିଲେ। କଥା ରଖିଲେ। ତାଙ୍କୁ ମଞ୍ଚାସୀନ ଅତିଥିଗଣ ଆଦରରେ ପାଛୋଟି ନେଇଥିଲେ। ତାଙ୍କ ପାଇଁ ଆସନ ସଂରକ୍ଷିତ ଥିଲା। ମୋହନଙ୍କୁ ସେ ନିଜର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଲେ। ରାଜନୀତିରେ ଏମିତି ଦୃଶ୍ୟ ବିରଳ। ଏ ଦୃଶ୍ୟର ପଟାନ୍ତର ନାହିଁ। ଭାରତରେ ଅନ୍ୟାନ୍ୟ ରାଜନେତା ଏଭଳି ନୀତି, ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ୍। ଓଡ଼ିଶାବାସୀଙ୍କ ତରଫରୁ ଆମେ ଉଭୟଙ୍କୁ ଆମର ଗଭୀର କୃତଜ୍ଞତା ଓ ଅଭିନନ୍ଦନ ଜଣାଉଛୁ। କେନ୍ଦୁଝରର ରାଇକଳା ଗାଁ ଆଜି ଯେମିତି ଆଦିବାସୀ ଦୁଲ୍‌କି ବାଜାରେ ଦୁଲୁକି ଉଠୁଛି, ସାରା ଓଡ଼ିଶା ସେମିତି ଆନନ୍ଦ ଉଲ୍ଲାସରେ ଉଛୁଳି ଉଠୁ, ଏତିକି ପ୍ରାର୍ଥନା।

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...

### ॥ ମନ ॥



**● ପୂର୍ଣ୍ଣଚନ୍ଦ୍ର ମହାରଣା**

କହିବ ତ ତମର ମୁଁ
ବେଠିଆ ହେବି
କୋଠିଆ ହେବି
ଛାଟିଆ ହେବି !!

ତମ ବୋଲକରା ହେବି
ବେଗାରି ହେବି
ଚାକର ହେବି
ତମ ଦୁଆରୀ ହେବି !!

ତମ ମଜୁରିଆ ହେବି
କୁଲି ହେବି
ତମ ଖଲି ଉଠେଇବି !!

ତମ ଗୋଡ ଘଷା ହେବି
ପାଦ ଆଉଁସା ହେବି
ଗୋଇଠା ଖିଆ ହେବି !!
ତମର ଦୂତ ହେବି
ତମ ବେତ ଖିଆ ହେବି
ତମ ଗୋରୁ ମୂତ କଢା ହେବି !!

କହିବ ତ ତମ ଆଜ୍ଞାକାରୀ ହେବି
ତମ ବଚନ ପାଳିବି
ତମ ପାଦ ମଂଚାଳିବି !!

ତମ ଛଡା କିଏ ମୋର
ନିଜର ଆଉ ଅଛି ଯେ
ଖାଲି ମନେଇ ପାରିଲେ ହେଲା !!

ମଣିଷ ପାଳିବା ସହଜ ଯେ
ହେଲେ ମନ ପାଳିବା ?
ଏଇ ମନ ପାଳିବା
ସହଜ ହେଇ ପାରିଲାନି ବୋଲି ତ
ମୁଁ କୋଉ ବା କାହାର ହଉଚି
ନା କୋଉଅବା ହେଇ ପାରିଲି !!

❤ ବାଲକାଟୀ, ଖୋର୍ଦ୍ଧା-୭୫୨୧୦୦
(ମୋ) ୯୮୬୧୩୩୨୧୧୮

### ॥ ମୂର୍ତ୍ତି ॥

**● ଜୟନ୍ତୀ ବିଶ୍ୱାଳ ବେହୁରିଆ**



ତା'ର ଦୀର୍ଘ ମିଆଦିର କାହାଣୀ
ଟପିଯାଏ ଆକାଶର ସରହଦ
ତାରା ସବୁ ଖସି ପଡନ୍ତି
ଗୋଟି ଗୋଟି ହୋଇ ,
ଆଲୁଅ ଛୁଇଁବା ଆଗରୁ. . !

ଏମିତି ଏକ ଅନ୍ଧକାରପୂର୍ଣ୍ଣ
ପୃଥିବୀରେ ତିଷ୍ଠି ରହିବା
ଯେହେତୁ ଧାର୍ଯ୍ୟ
ମୋର ଆୟୁଷ ଓ ଯାତନା
ଓହ୍ଲେଇ ପାରେନା ଦେହରୁ
ଭୋଗୁଥିବା ଜ୍ୱର ପରି ।

ମୋ ପାପୁଲିର ବ୍ୟାକୁଳତା
ଓ ଆଖିର ନୀରିହ ପ୍ରତିବାଦକୁ
ବେଖାତିର୍ କରି

ସଗର୍ବରେ ଚାଲିଯାଏ ସେ
ମୋ ମୁଣ୍ଡ ଡେଇଁ ।

ସେ ମୋ କଥା ଶୁଣେନି,
ନା 'ଶୁଣେନି କେବେ !
ଅଭ୍ୟାସବଶତଃ ତାକୁ
ଟିକେ ଟିକେ କରି
ପଢିବାକୁ ଗଲାବେଳେ,
ପ୍ରତିଥର ତା' ପ୍ରେମରେ ପଡେ
ସବୁ ଦାବି ଭୁଲି ।

ସେ ମୋ ପାଖରେ
ଥାଉ କି' ନଥାଉ
ମୋ ଚାରିପାଖରେ ଥାଏ
ତା' ଦେହର ବାସ୍ନା ।

ଖଣ୍ଡେ ଦୂରରୁ ସେ
ଆସିବା କଥା,
ମୁଁ ଯେତେଶୀଘ୍ର ଜାଣିପାରେ
ପବନ ବି' ପାରେନା ସେତେ ।

ମୋ ଚେହେରା'ରେ
ଅସୁଖର ଖରା
ଖୁବ୍ ଅସହ୍ୟ ହୁଏ ତାକୁ ।

ଗୋଟେ ଭାବଶୂନ୍ୟ ଛାଇ ନେଇ
ସେ ମୋର ନିକଟତର ହୁଏ ,
ଟିକ୍ ଟିକ୍ କରି କାଟିଦିଏ
ମୋ'ର ଉଦ୍ୟତ ତର୍ଜନୀ
ଗରମ ବାଲିରେ ପୋତିଦିଏ
କ୍ରୋଧିତ ନିଃଶ୍ୱାସ
ଅତି ଅସହାୟ କରି ।

ତା'ର ସେ ନିଷ୍ଠୁର ଆଙ୍ଗୁଳି
ଛୁଇଁବାକୁ ଗଲେ ମୋର ଓଠ
ଦୁଇପାଦ ଘୁଞ୍ଚି ଯାଇପାରେନି ପଛକୁ
ତରଳି ଯାଏ
ମହମର ମୂର୍ତ୍ତିଟିଏ ପରି,
ନୂଆ ଗୋଟେ
କ୍ଷତର ମୋହରେ...!!

❤ କୃଷ୍ଣ ନଗର,
ବାଲିଆ, ବାଲେଶ୍ୱର
(ମୋ) ୮୯୧୭୬୭୫୭୮୩

### ॥ କାଳେ ମୁଁ ନ ଥିବି ବୋଲି ॥

**● ନୀଳମାଧବ କର**



ମୋ ପାଖରେ ନାହଁ ତମେ,
ମୁଁ ସିନା ଦେଖୁନି ତମକୁ,
ଜଗତ ଦେଖୁଛି,
ମୋ ନୀଡ଼ରୁ ଉଡ଼ିଯିବା ପରେ,
ଏବେ ଏ ଆକାଶ ତମର,
ଅନ୍ତହୀନ ନିରବଧି, ଅଚିନ୍ତ୍ୟ, ଅନନ୍ୟ
ଦିଗବଳୟ ପାରିହେଇ ତମେ
ଉଡ଼ ଏତେ ଦୂର,
ମୋ ଆଖି ପାଏନି ସିନା,
ତମ ଛାଇ ପଡ଼େ ଏଠି ମୋ ପୃଥିବୀରେ,
ତମ କୀରତିର ପ୍ରାଚୁର୍ଯ୍ୟରେ
ବିଭୋର ସମସ୍ତେ ଏଠି
ତମକୁ ଅନେଇ ଥିବା,
ମୋ ପାଖରେ ନାହଁ ତମେ ସିନା,
ମୋ ଆଖି ଆଗରେ,
ଅପେକ୍ଷା କରିଥିବା ନିଶ୍ୱାସସବୁ ଭିତରେ
ମୁଁ ବି ଠିଆ ହେଇଛି,
ବିନା ଆଶାରେ, ବିନା ଇଚ୍ଛାରେ,
ସେସବୁ କାଳେ ବାନ୍ଧି ପକେଇବ ତମକୁ
ତମ ଡେଣାକୁ,
ଧିମା କରିଦେବ ତମ ଗତି,
ଅଂଶଟେ ହେଲେ ବି
କାଳେ ଦୂରେଇ ଯିବ ତମ ଲକ୍ଷ୍ୟ ।
ତମ ଆଶ୍ୱାସନା ଅଛି,
ତମ ଶବ୍ଦ ସବୁ ଅଛି, ସ୍ୱର ଅଛି
ରହି ରହି ମୋ କାନରେ ବାଜୁଛି
ତମେ ଯେ ଫେରିବ
ଏ ବିଶ୍ୱାସ ଅଛି ମୋର,
ତେବେ ତମେ ଫେରିଲା ବେଳକୁ
କାଳେ ମୁଁ ନ ଥିବି ବୋଲି,
ତମ ପାଇଁ ମୋ ନିଶ୍ୱାସସବୁକୁ
ମଳୟରେ ସିଞ୍ଚି ଦେଇଯାଉଛି ଏବେଠୁ।

❤ ଓଲଭରହାମ୍ପଟନ, ୟୁକେ

### ॥ ନିଅଁ ॥

**● ଅକ୍ଷୟ ପାତ୍ର**



ନିଅଁ ଖୋଳି ଗଢ଼ିବାକୁ ଚାହୁଁଛ ଯେ
ଇମାରତ୍ -
ନୂତନ ସମ୍ଭାବନାର
ନିଜେ ନିଜକୁ ତହିଁରେ ପୋତି
ଦୃଢ଼ ଭିତ୍ତି ଗଢ଼ିବାର ଦମ୍
ହିୟାରେ ଅଛି ତ ?

ନିଅଁ ଖୋଳି
ତୋଳି ଧରିବାକୁ
ଉତ୍କର୍ଷ ଓ ଉତ୍ତୁଙ୍ଗତା
ସଂସ୍କାର ଓ ସଭ୍ୟତା
ଥିତି ଓ କୀରତିର ସତ୍ତା
ପୋତିଦେବାକୁ ହୁଏ ଯେ'
ଆପଣା ପାର୍ଥୀବ ଇୟତ୍ତା;
ଏ କଥା ଜାଣ ତ ?
ମାଟି ତାଡ଼ି
ତଡ଼ା ମାଟିର ଗରଭେ
ନିଜ ଦମ୍ଭ ଓ ଇଚ୍ଛାଶକ୍ତିକୁ
ନିଜ ପ୍ରତିଶୃତିବଦ୍ଧତା ଓ ନିଃସ୍ୱାର୍ଥପରତାକୁ
କଂକ୍ରିଟ୍ ପରାୟେ ଥାପି
ଯେ' ପକେଇ ହୁଏ ନିଅଁ ଆଗାମୀର
ଏହା ପୂର୍ବଜଙ୍କଠୁଁ ଶିଖିଛ ତ ?

କେଉଁ ମନ୍ଦିର କି ସ୍ତୂପର
ନିଅଁ ତାଡ଼ି ଦେଖ
କାଳର ଭଙ୍ଗୁରତାରେ ପୀଷ୍ଟ ମୂଳଦୁଆ
ଏବେ ବି କେମିତି
ମାଟି କାମୁଡ଼ି ପଡ଼ିରହିଛି
ମଳିଛିଆ ଦିହମନେ
କି ଭାବେ ଭରି ଆତ୍ମୋତ୍ସର୍ଗର ଅମଳିନତା;
କିଛି ବୁଝିପାରୁଛ ତ ?

ପୋତ ପୋତ
ନିଜକୁ ହିଁ ପୋତ
ଆପେ ଆପଣାକୁ ସଜାଇ ଆଧାର
କାଂକ୍ଷିତ ନବଉନ୍ମେଷର
ଓ ସୁରକ୍ଷିତ ସୁରକ୍ଷିତ ପ୍ରତେ ହେଉ;
ମାନବତା :
ମହିମ୍ନ-ନିଅଁ
ଆମ ସହାବସ୍ଥାନର !

❤ ବିଭାଗ ମୁଖ୍ୟ
ଇଂରାଜୀ ବିଭାଗ,
ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିକଟା,
ଢ଼େଙ୍କାନାଳ-୨୦
(ମୋ) ୭୦୭୭୯୮୪୯୬୦

# କବିତା ବି ପାଠକକୁ ସେମିତି ଭାବରେ ପାଖକୁ ଡାକିବା ଦରକାର ଯେମିତି ସେ ଡାକକୁ ପାଠକ ଫାଙ୍କି ପାରିବ ନାହିଁ : କିଶୋର ପାଣିଗ୍ରାହୀ

**କିଶୋର ପାଣିଗ୍ରାହୀ**

ଓଡିଆ ସାହିତ୍ୟ ଜଗତର ଗୋଟେ ଶ୍ରଦ୍ଧଶୀଳ ଉଚ୍ଚାରଣ । ଜୀବନ ଜିଜ୍ଞାସାକୁ ନେଇ ତାଙ୍କ ଭିତରେ ଅଛି ଯେଉଁ ପ୍ରଶ୍ନବାଚୀ, ତାହା ତାଙ୍କ ଭିତରର ସୃଜନକର୍ମର ପରାକାଷ୍ଠାକୁ ହିଁ ଦୃଶ୍ୟମାନ କରାଏ । ବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହ ହେଉ କି ସାମାଜିକ ବିଲକ୍ଷଣ ସବୁଠି ତାଙ୍କ କବିତାର ଅନୁପ୍ରବେଶ ବେଶ୍ ପରିଚ୍ଛନ୍ନ । କବି କିଶୋର ପାଣିଗ୍ରାହୀ ହେଉଛନ୍ତି ସମକାଳୀନ ବାସ୍ତବତାର ଜଣେ ସାର୍ଥକ ଚିତ୍ରକର । ସେ ସଜାଡି ପାରନ୍ତି ଆବେଗ, ଅଭୀପ୍ସା, କାରୁଣ୍ୟ, ଅବସାଦମାନଙ୍କୁ ଅନୁଭବର ଅନୁରାଗରେ, ସେ ପରଶି ପାରନ୍ତି ତାଙ୍କର ମାର୍ମିକ ଅନୁଭୂତିକୁ ନିଆରା ଭାବ ଓ ଶବ୍ଦର ପୁଟ ଦେଇ । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ କବିତାର ଆଦ୍ୟ ସ୍ଫୁରଣ ?**

■■ କବିତା କାହିଁକି ପଚାରିଲେ କହିବି, କବିତା ଗୋଟେ ଖୋଇ । ଅଢ଼େଇକିଆରିଆ ତମ୍ପ ଦଉଡ଼ି ଦଉଡ଼ି ନପାରିଲେ, ଶେଷରେ ମାଟିକୁ ଚୋଟ ମାରି ମନବୋଧ କରେ । କବି ବି ସେୟା କରେ । ତେବେ ନିଜର ଭାବାବେଗକୁ ପ୍ରକଟ କରିବା ମଣିଷର ସହଜାତ ପ୍ରବୃତ୍ତି । ନିଜକୁ ପ୍ରକାଶ କରିବା ପାଇଁ ସଭ୍ୟତାର ଆଦିକାଳରୁ ମଣିଷ ଖୋଜିଆସିଚି ମାଧ୍ୟମଟିଏ । କେବଳ କବିତା କାହିଁକି, ଭାଷା/ସାହିତ୍ୟ: ଏପରିକି ସମସ୍ତ କଳାସୃଷ୍ଟି ହିଁ ସେଇଥିପାଇଁ । ନିଜର ଆକୁତି ଓ ଆକୃତିମାନଙ୍କୁ ସେ ପ୍ରକଟ କରିଆସିଚି ପଥରରେ, ପତ୍ରରେ, ଶବ୍ଦରେ,ଚିତ୍ରରେ, ଶବ୍ଦ-ଚିତ୍ରରେ, ଲେଖନୀ ମୁନ ଓ ନିହାଣ ଗାରରେ । ପ୍ରତ୍ୟେକ କଳା ବସ୍ତୁ ଜଗତରେ ପରିବେଶ ସହ ସଂଘର୍ଷ, ସଂସର୍ଗ, କ୍ରିୟା, ପ୍ରତିକ୍ରିୟାର ଆଧ୍ୟାତ୍ମିକ ପ୍ରକଟନ । ମୋର ବାପା (କାହ୍ନୁ ଚରଣ ପାଣିଗ୍ରାହୀ) ଜଣେ କବି । ଜେଜୀ ମା'ଙ୍କର ମୁହଁରେ ଥା'ନ୍ତି ଜଗନ୍ନାଥ ଦାସ, ରାଧାନାଥ, ଗଙ୍ଗାଧର ଓ କୃଷ୍ଣ ପ୍ରସାଦ, ଗୋପବଂଧୁ ଇତ୍ୟାଦି । ଉଭୟଙ୍କ ଠାରୁ କବିତା ଶୁଣେ, ଆଲୋଚନା ବି ଶୁଣେ । ୧୯୮୬ ମସିହାରେ, ଧାମନଗର କଲେଜରେ ଯୁକ୍ତ ଦୁଇ ସମୟରେ, ମୋର ଶିକ୍ଷକ, କବି ବିଜୟ ମହାପାତ୍ର, ସୋମନାଥ ଓଝା ଓ ଅବନୀ ପ୍ରଧାନଙ୍କ ସଂସ୍ପର୍ଶରେ ଆସିଲି । ଦିନେ ବିଜୟ ସାର୍ ଡାକି ତାଙ୍କ କବିତା ଶୁଣେଇଲେ ଓ ପଚାରିଲେ, ମୁଁ କବିତା ଲେଖୁଚି କି ନାହିଁ । ମନା କଲି । ସେ କହିଲେ, "ପ୍ରତିଯୋଗିତାରେ ତୁମର ବକ୍ତୃତା ମୁଁ ଶୁଣୁଥିଲି, ତୁମର ଶବ୍ଦ ଚୟନ କହୁଚି- ତୁମେ ଖୁବ୍ ସିରିଅସ୍ କବିତା ଲେଖିପାରିବ, ଲେଖ ।" ସେ ବାଧ୍ୟ କରି କହିଲେ, "ମୋତେ ଗୋଟେ କବିତା ଲେଖିକି ଦିଅ, କଲେଜ୍ ମାଗାଜିନ୍ ପାଇଁ ।" ଦୁଇଦିନ ପରେ କବିତାଟିଏ ଲେଖି ଦେଖେଇଲି । ସେ ଖୁବ୍ ଖୁସି ହୋଇ ମୋତେ କୁଣ୍ଢେଇ ପକେଇଲେ, ଚା'ଦୋକାନକୁ ଡାକି ନେଇ ଚା' ପିଆଇଲେ ଓ ମୋ ଭିତରେ ଆତ୍ମବିଶ୍ୱାସ ଭରିଦେଲେ ।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋର ସାରସ୍ୱତ ପ୍ରେରଣା ଖୋଦ୍ ମୋର ଜୀବନ, ଯାହାକୁ ମୁଁ 'ଦୁଃଖମହାମେରୁ' ବୋଲି ଡାକି ପାରେ । ମୋର ଗୋଟାପଣରୁ ମୁହୂର୍ମୁହୂ ଭାଙ୍ଗିପଡ଼ିଥିବା ପ୍ରତି ଟୁକୁଡ଼ାର ଆର୍ତ୍ତି; ମୋର ବାରମ୍ବାର ଗଢ଼ିହେବାର ନିତ୍ୟନୂତନ ପ୍ରସ୍ତୁତି ଏବଂ ମୋର ଡାକରେ ସାରା ଦେଉଥିବା ପ୍ରତିଟି ହୃଦୟର 'ଓ' ମୋର ସାରସ୍ୱତ ପ୍ରେରଣା । ସାହିତ୍ୟର ଆଦ୍ୟ ଗୁରୁ ତ ମୋର ପ୍ରାଥମିକ ଶିକ୍ଷକମାନେ । ତେବେ ସାହିତ୍ୟ ରଚନାର ଆଦ୍ୟ ଗୁରୁ କଥା ଆସିଲେ ମୁଁ କବି ସୋମନାଥ ଓଝାଙ୍କ ନାମ ନେବି ଗର୍ବରେ । ସେ ହିଁ ପ୍ରଥମେ ମୋତେ ଶବ୍ଦ-ଭେଦ ଓ ଭାବ-ଭୋଗ ଶିଖାଇଥିଲେ ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?**

■■ ପ୍ରଥମେ ପ୍ରଜାତନ୍ତ୍ର "ମୀନାବଜାରରେ" 'ରାଜା ଜଣେ ଥିଲେ' ଓ ତା'ପରେ 'ଝଂକାର'ରେ 'ନିଜଖୋଜା' ଶୀର୍ଷକରେ ବାହାରିଲା ମୋର କବିତା; ଯୁକ୍ତ ତିନି ପଢୁଥିଲି ସେତେବେଳେ । ତା'ପରେ 'ଧ୍ୱନିପ୍ରତିଧ୍ୱନି'ରେ ପ୍ରାୟ ପ୍ରକାଶିତ ହେଉଥିଲା ମୋର କବିତା । ବେଶ୍ ଉତ୍ସାହିତ କରିଥିଲା ତାହା । 'ଝଂକାର'ରେ କବିତା ବାହାରିବା ସେତେବେଳେ କେତେ ବଡ଼ କଥା ମୁଁ ଜାଣିନଥିଲି; ଏମିତି ଗୋଟେ ପଠେଇ ଦେଇଥିଲି । ମୋତେ ଯେତେବେଳେ ଏ ବିଷୟରେ ଅନ୍ୟମାନେ କହିଲେ, ସଂକୋଚରେ 'ଝଂକାର'କୁ ଆଉ କବିତା ପଠେଇଲି ନାହିଁ । ଚାରିବର୍ଷ ପରେ ସଂପାଦକ କବି ସରୋଜରଂଜନ ମହାନ୍ତି ଦେଖାହେଲେ ପ୍ରଥମ ଥର, ଭଦ୍ରକରେ । ମୋ ନାମ ଶୁଣିବା ପରେ ସେ ମୋର ସଂପୂର୍ଣ୍ଣ ଠିକଣା ବି କହିଦେଲେ । ଆଶ୍ଚର୍ଯ୍ୟ ହେଲି । ପୁଣି କବିତା ପଠେଇବାକୁ କହିଲେ; ପୁଣି ପଠେଇବା ଆରମ୍ଭ କଲି 'ଝଂକାର'କୁ । କବି ସରୋଜରଂଜନ ମହାନ୍ତି ମୋର ସବୁଦିନ ପାଇଁ ନମସ୍ୟ ଓ ସ୍ମରଣୀୟ । କାହାର ଆଙ୍ଗୁଳି ଧରି ବାଟ ଚାଲିଲେ ମୁଁ ଝୁଣ୍ଟିପଡ଼େ । ସେଥିପାଇଁ ଇତସ୍ତତଃ ହେଉଥାଏ ସବୁବେଳେ । ପ୍ରେମ କରୁକରୁ ବୈରାଗୀ, ଯୁଦ୍ଧ କରୁକରୁ ବୁଦ୍ଧ ପାଲଟିଯାଏ ଅନେକବେଳେ । ଗୋଟେ ଜାଗାରେ ବସି ପାରେନାହିଁ । କୌଣସି ଆଦର୍ଶ କିମ୍ବା ବାଦ ମୋ ପାଇଁ ଠିକ୍ ଏମିତି । ଅବଶ୍ୟ ଏହା ମୋର ଦୁର୍ବଳତା ହୋଇପାରେ । ହଁ, ଗୋଟିଏ ବ୍ୟାକୁଳତା ଭିତରେ ମୁଁ ସବୁବେଳେ ଅଥୟ ହେଉଥାଏ । ତାହା ହେଲା, ସମସ୍ତେ ପରସ୍ପରର ପୀଡ଼ା ଓ ପ୍ରସନ୍ନତାକୁ ଭୋଗିପାରନ୍ତେ କି ନିଜ ଭିତରେ ! ଏତକ ହୋଇପାରିଲେ ଆଉ କ'ଣ ଲୋଡ଼ା କି ? ସବୁ ଲକ୍ଷ୍ୟ ଆପେଆପେ ସେଇଠି ପୂରଣ ହୋଇଯା'ନ୍ତା, ସବୁ ଆଦର୍ଶ ସେଇଠି ବଂଚି ରହନ୍ତେ ।

ଗୋଟିଏ ବ୍ୟାକୁଳତା ଭିତରେ ମୁଁ ସବୁବେଳେ ଅଥୟ ହେଉଥାଏ । ତାହା ହେଲା, ସମସ୍ତେ ପରସ୍ପରର ପୀଡ଼ା ଓ ପ୍ରସନ୍ନତାକୁ ଭୋଗିପାରନ୍ତେ କି ନିଜ ଭିତରେ ! ଏତକ ହୋଇପାରିଲେ ଆଉ କ'ଣ ଲୋଡ଼ା କି ? ସବୁ ଲକ୍ଷ୍ୟ ଆପେଆପେ ସେଇଠି ପୂରଣ ହୋଇଯା'ନ୍ତା, ସବୁ ଆଦର୍ଶ ସେଇଠି ବଂଚି ରହନ୍ତେ ।

■ **ସୃଜନଶୀଳତା କ୍ଷେତ୍ରରେ ଉଦାରତା ଏକ ବିରୋଧାଭାସ ଭଳି ମନେହୁଏ; କ'ଣ କହିବେ ?**

■■ 'ବିରୋଧାଭାସ ଥିବା' ଠାରୁ 'ବିରୋଧାଭାସ ଥିବା ଭଳି ମନେହେବା' ଦୂରତାଟି ସକାରାତ୍ମକ ଓ ପାଖାପାଖି ନିରାପଦ । ଏମିତି ମନେ ହେବା ଉଚିତ୍ କାରଣ ଆମେ ଆହୁରି ଉଦାର ହେବାକୁ ଚେଷ୍ଟା କରିବା । କବିତା ଲେଖୁଥିବା ଲୋକମାନେ ସବୁ କବି ନୁହଁନ୍ତି ଯେପର୍ଯ୍ୟନ୍ତ ସେମାନେ ଲେଖୁଥିବା କବିତା ଓ ବଂଚୁଥିବା ନିଜର ଜୀବନ ଭିତରେ ଥିବା ବ୍ୟବଧାନକୁ ହଟେଇବାରେ ଅସମର୍ଥ । କବିମାନଙ୍କୁ ଆମେ ଏବେ ଋଷି, ମୁନି କିମ୍ବା ସନ୍ଥ କହି ପାରୁନାହାନ୍ତି ସେଥିପାଇଁ । ଉଦାରତା ଏକ ଆଧ୍ୟାତ୍ମିକ ଉତ୍ତରଣ । ସମ୍ବେଦନଶୀଳତା, ନିଷ୍କଳୁଷ ଶିଶୁତ୍ୱ ଓ ଆବେଗ ଯେତେବେଳେ କବିତ୍ୱରୁ କ୍ରମଶଃ ନିର୍ବାସିତ ହେବ ଅହଂର ପ୍ରତିଷ୍ଠା ପାଇଁ କାରସାଦି, ସିଆଣାପଣ ଓ ଚାଲାକି ସେ ଜାଗାକୁ ମାଡ଼ିବସିବ । କବିତା ହେବ କାଗଜ ଫୁଲ; ହୃଦୟ ହେବ କାଠର ଅର୍ଗଳି । ତେଣୁ ଆଗରୁ କହିଚି ଅନ୍ୟର ପୀଡ଼ା ଓ ପ୍ରମୋଦକୁ ନିଜ ଭିତରେ ଭୋଗିପାରିବାର ସମ୍ବେଦନଶୀଳତା ଟିକିଏ ଲୋଡ଼ା । ସେତକ ହେଲେ 'ମୁଁ', 'ତୁ', 'ସେ' ମିଶି 'ସୋହଂ' ହୋଇଯିବ ।

■ **କୁହାଯାଉଛି, ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ମାତୃଭାଷା ସଂକଟରେ ଅଛି, ସତ୍ୟ । ସାହିତ୍ୟ ହିଁ ଏଥିରୁ ମୁକ୍ତିର ମାର୍ଗ ନିଶ୍ଚୟ । ସାହିତ୍ୟ ପାଇଁ ଭାଷା ଖାଲି ବଂଚେନାହିଁ, କ୍ରମଶଃ ପୁଷ୍ଟ, ବହୁମୁଖୀ-ଭାବସଂବାହୀ ଓ ପରିପକ୍ୱ ହେଇଚାଲିଥାଏ, ଯେଉଁ ପରିପକ୍ୱତାର ଅନ୍ତିମ ପର୍ଯ୍ୟାୟ ବୋଲି କିଛି ନଥାଏ । ଓଡ଼ିଆ ଭାଷାର ଅନ୍ୟ ଏକ ବିଚକ୍ଷଣତା ହେଲା, ଏବେ ବି ଆମର କଥିତ ଭାଷାରେ ଭରପୁର ସାହିତ୍ୟ ରହିଛି । କଥାକଥାରେ ଆମର ଉପମା, ଅଳଙ୍କାର, ବୋଲି, ଢଗଢମାଳି, ରୂଢ଼ି, ପ୍ରାଚୀନ ସାହିତ୍ୟର ଉଦ୍ଧୃତି ଇତ୍ୟାଦି ରହିଥାଏ । ଏଥିରୁ ମୁକ୍ତି ପାଇବାର ମାର୍ଗ ଆମର ଅଭିଭାବକ, ଶିକ୍ଷାୟତନ ଓ ପାଠ୍ୟକ୍ରମ । ଅଭିଭାବକଙ୍କର ରୁଚି ବଦଳିବ, ପାଠ୍ୟକ୍ରମର ପରିତବର୍ତ୍ତନ ହେବ ଯଦି । ଆମେ ଠାକୁର ଘରେ ସାହିତ୍ୟକୁ ପୋଥି କରି ପୂଜା କରୁଥିଲେ, ପ୍ରତି ସଂଜରେ ଶୁଦ୍ଧପୂତ ହୋଇ ପଢୁଥିଲେ । ଏବେ ସଂଧ୍ୟାରେ ପିଲାମାନେ ପ୍ରାର୍ଥନା ବି କରୁନାହାନ୍ତି । ଦୁଃଖ ଲାଗେ, ଏବେ ସାହିତ୍ୟ ପାଠ ପ୍ରତି ଆଗ୍ରହ ତିଆରି କରିବାର କ୍ଷେତ୍ର ନାହିଁ । ଯେଉଁମାନେ ସାହିତ୍ୟକୁ ଭଲପାଆନ୍ତି ବା ସାହିତ୍ୟ କରନ୍ତି, ଅଧିକାଂଶ ଗୋଟିଏ ପାରିବାରିକ ପ୍ରଭାବରେ କରନ୍ତି । ଏବେ ପରିବାର ଓ ଶିକ୍ଷାୟତନ ଉଭୟ ଅର୍ଥ ଉପାର୍ଜନ ଓ ବସ୍ତୁସୁଖ ଆହରଣର ପ୍ରେରଣା କେନ୍ଦ୍ର । ଆଗରୁ ସାହିତ୍ୟ ଶିକ୍ଷକମାନେ ସାହିତ୍ୟିକ ତିଆରି କରୁଥିଲେ । ସେମିତି ଶିକ୍ଷକ, ଶିକ୍ଷାକ୍ଷେତ୍ର ଓ ପରିବାର କମିକମି ଯାଉଚି । ପାଠ୍ୟକ୍ରମ ବି ନିରୁତ୍ସାହଜନକ ।

■ **କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତାର ପରିବର୍ତ୍ତନ ସମ୍ଭବ କି ?**

■■ କବିତାର ଭବିଷ୍ୟତକୁ ନେଇ ମୁଁ ବହୁତ ଆଶାବାଦୀ । କବିତା କ'ଣ କି ? ହୃଦୟର ଡାକ ତ ? ଗୋଟେ ହୃଦୟର ଡାକ ଆର ହୃଦୟରେ ବାଜିବ ନାହିଁ କେମିତି ? କବିତା ଦ୍ୱାରା ମାନସିକତାରେ ପରିବର୍ତ୍ତନ ଆଣିବା ସମ୍ଭବ ନିଶ୍ଚୟ । କବିତାର ଚୋଟ ମଂଜ ଥରାଏ ଦୂରଦୂରାନ୍ତରେ; କବିତାର ଡାକରେ ଶିରସ୍ତ୍ରାଣ ଖସେ, ଓଲଟିପଡ଼େ ସିଂହାସନ ଦେଶଦେଶାନ୍ତରେ । ଯେତେ ବିପ୍ଳବ ଓ ପରିବର୍ତ୍ତନ ଘଟିଚି ବିଶ୍ୱରେ ସେଥିରେ କବିତାର ଭୂମିକା ବହୁ ଆଗରେ । ମୃତ୍ୟୁକୁ ଜୟ କରିବା ଭଳି କବିତା ତ ପୁଣି ଅଛି ଆମ ସାହିତ୍ୟ ପରଂପରାରେ !

■ **ଓଡ଼ିଆ ସାହିତ୍ୟ ବିଶେଷ କରି କବିତାର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକପାଖରୁ ଦୂରେଇଯାଉଛି ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ?**

■■ ମୁଁ ଆଶ୍ୱସ୍ତ । ହେଲେ ପଢ଼ିବା ତ ଦରକାର । ଅନେକ ଏବେ କହନ୍ତି, "ସାହିତ୍ୟ ପଢ଼ି କ'ଣ ଲାଭ ?" ପ୍ରତିଟି କଥାରେ 'କ'ଣ ଲାଭ' ଭଳି ପ୍ରତ୍ୟାଶାଟି ଯେପର୍ଯ୍ୟନ୍ତ ଆମର ଶିକ୍ଷାବ୍ୟବସ୍ଥା ଓ ଅଭିଭାବକ ପିଲାମାନଙ୍କ ଭିତରେ ସଜାଗ କରି ରଖିଥିବେ, କବିତା କି ସାହିତ୍ୟ ସେପର୍ଯ୍ୟନ୍ତ କେବଳ ପରୀକ୍ଷାରେ ପାଶ୍ କରିବା ପାଇଁ ପଢ଼ାଯାଉଥିବ । ଜଣେ ଦୂରେଇଯିବା ଅର୍ଥ ଆର ପକ୍ଷଟି ଆପେ ଦୂରରେ ରହିଯିବ । ଏ କ୍ଷେତ୍ରରେ କମ୍ ବେଶି ହେଲେ ବି ଉଭୟେ ଦୂରତା ତିଆରି କରିଛନ୍ତି । ତେବେ ଆଗ ଦୂରେଇଗଲା କିଏ ? ଏ ପ୍ରଶ୍ନ ଏବଂ ତା'ର ତର୍ଜମା କରିବା ପାଇଁ ସାହସ ଲୋଡ଼ା । ଆମେ ଏବେ ପାଠକର ପାଖକୁ ଯିବା ପାଇଁ ଚେଷ୍ଟା କରୁଚୁ । ମଣିଷର କଥା, ଆମ ମାଟି, ପାଣି, ପବନର କଥା ସହଜ ଭାବରେ କବିତାରେ କହିଲେ ଲୋକାଦୃତ ହେବ ବୋଲି ଭାବୁଚୁ । କିନ୍ତୁ ସହଜ ସରଳକୁ ଆଳ କରି ଆମେ କ'ଣ ଲେଖୁଚୁ ? ସରଳତା ନାଆଁରେ ଯା'ଚ୍ଛାତା । ଖୋଲାଖୋଲି କହିଲ ତ ତିନିପାଞ୍ଚିରୁ ଗଲ । ଅବଶ୍ୟ ଶିକ୍ଷାବ୍ୟବସ୍ଥା ଠାରୁ ଆରମ୍ଭ କରି ପାରିବାରିକ ଚଳଣି ଏବଂ ଆହୁରି ଅନେକ ସାହିତ୍ୟ ପାଠକୁ ନକାରାତ୍ମକ ଭାବେ ପ୍ରଭାବିତ କରିଛି । ଶିକ୍ଷା ପାଠ୍ୟକ୍ରମରୁ ସାହିତ୍ୟ ପ୍ରାୟ ଦୂରେଇ ଗଲାଣି; ଭାଷା/ସାହିତ୍ୟ କହିଲେ ସେଠି କିରାଣି କାଗଜୀ ପାଠ ପଢ଼ା ଚାଲିଚି । ପାଠ୍ୟକ୍ରମରେ ସୁସ୍ଥ, ସଂସ୍କୃତ ଜୀବନ ନିର୍ବାହର ମୂଲ୍ୟବୋଧ ଓ କୌଶଳଠାରୁ ସହଜ ଜୀବିକାର୍ଜନର ତରିକାର ତାଲିମ୍ ବେଶ୍ ସ୍ପଷ୍ଟ । କବିତା ବି ପାଠକକୁ ସେମିତି ଭାବରେ ପାଖକୁ ଡାକିବା ଦରକାର ଯେମିତି ସେ ଡାକକୁ ପାଠକ ଫାଙ୍କି ପାରିବ ନାହିଁ । କବି ବୋଲାଇ ବଂଚି ରହିବା ଓ କବିତ୍ୱକୁ ଲାଳନ କରିଚାଲିବା ଏବେ ଦୁଇଟି ପ୍ରତୀପ କୋଣୀୟ ସ୍ଥିତି । ମେଂଚେ ନହେଇ କେଂଚେ ହେଉ ବରଂ କବିତା ଲେଖା ହେଉଥାଉ- ଏତକ ତ କରାଯାଉ ? ଯେଉଁ ସାହିତ୍ୟ ହୃଦୟର କଥା ନିଷ୍କପଟ ଭାବରେ କହୁଥାଏ ସେ ସାହିତ୍ୟ ସାଧାରଣ ପାଠକ ପାଖରେ ପହଂଚେ, ପହଂଚୁଛି ଏବଂ ଆଗକୁ ପହଂଚିବ ମଧ୍ୟ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ତ ଖୁବ୍ ବେଶି କିନ୍ତୁ ଅପରିହାର୍ଯ୍ୟ ନୁହେଁ । ପୁରସ୍କାର ପ୍ରତ୍ୟେକ ସୃଜନକର୍ମର ପ୍ରେରଣା । କିନ୍ତୁ ପୁରସ୍କାର ଚୟନ (ହାତଗଣତିରେ କେତୋଟି ଛାଡ଼ି ଦେଲେ) କେତେ ନିରପେକ୍ଷ ତାହା ବି ଭାବିବା କଥା । ଏମିତି ବି କିଛି ପୁରସ୍କାର ଅଛନ୍ତି ଯାହା ଆପଣ ପାଇବାମାତ୍ରେ ଲୋକେ ଆଙ୍ଗୁଳି ଉଠେଇ ଦିଅନ୍ତି । ଯାହା ବି ହେଉ, ପୁରସ୍କାର ସତ୍ ଲେଖକର ଅଭିଷ୍ଟ ନହେଉ; ପାଠକଙ୍କର ଶ୍ରଦ୍ଧା ଓ ପ୍ରତିକ୍ରିୟା ତା' ପାଇଁ ମହାର୍ଘ ମହାପ୍ରସାଦ; ଅନ୍ୟସବୁ ଆନୁଷଙ୍ଗିକ ହୋଇ ରହିଥାଉ । ଆଶା କରିବି, ସଂବେଦନଶୀଳତା, ନିରପେକ୍ଷତା ଏବଂ ସମାଜର ସବୁ ବର୍ଗର ମନ ଓ ହୃଦୟକୁ ଛୁଇଁବାକୁ ହୃଦୟ ସଂପ୍ରସାରଣ ଜାରି ରହିଥାଉ ।

❤❤

■ **ଅଳ୍ପରେ କିଶୋର ପାଣିଗ୍ରାହୀ...**

ଜନ୍ମ : ୧୧ ଡିସେମ୍ବର୧୯୭୧
ବର୍ତ୍ତମାନର ଠିକଣା- ବିରୁହାଁ, ଜାହାଙ୍ଗୀର, ଭଦ୍ରକ
(ମୋ) ୯୪୩୮୫୫୧୦୧୦
୭୦୦୮୧୧୭୯୬୪
ବୃତ୍ତି: ଅଧ୍ୟାପନା, ଇଂରାଜୀ



■ **ପ୍ରକାଶିତ ପୁସ୍ତକ** ■

କବିତା : 'ଚୋଟ', 'କ୍ଷତ', 'ଶଂଖଚିଲ', 'ଅଛି'
ଅନୁବାଦ : 'ସେମାନଙ୍କ ଶ୍ରେଷ୍ଠ ଗଳ୍ପ', 'ଦୁଇଟି ପାଟଳ ପାଦ', 'ସେକ୍ସପିଅର୍ କାହାଣୀ'
ଆଲୋଚନା: 'ନିଆରା ନଈର ରିଆଜ୍'



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି କିଶୋର ପାଣିଗ୍ରାହୀ



ପୁରସ୍କାର ଗ୍ରହଣ କରିବା ଅବସରରେ କବି କିଶୋର ପାଣିଗ୍ରାହୀ...

# ଏପରି ନିରୋଳା ମଣିଷଟିଏ ମିଳିବା ନିଶ୍ଚିତ ଭାବରେ ବିରଳ...



ଗୋଲାପ ମଞ୍ଜରୀ କର

ଆଶ୍ଚର୍ଯ୍ୟର କଥା, ଅମ୍ବିକା ମୋର ଗୋଟିଏ ବି ବହି ପଢ଼ି ନଥିଲେ, ମତେ କେବେ ଦେଖି ନଥିଲେ। କେବଳ ଯାଜପୁରର ସୁପ୍ରସିଦ୍ଧ ସମାଲୋଚକ ଅଧ୍ୟାପକ ମହେଶ୍ୱର ପାଢ଼ୀଙ୍କ ବହିରେ ମୋ ଗପର ସମୀକ୍ଷା ପଢ଼ିଥିଲେ । ସେ ଚିଠିରେ ମୋର ପ୍ରାୟ ଅଧିକାଂଶ ଗପର ଧାଡ଼ିସବୁ ଥିଲା, ଯାହା ତାଙ୍କୁ ବିମୋହିତ କରିଥିଲା। କୌତୁହଳ, ଅନୁସନ୍ଧିତ୍ସା ମତେ ବ୍ୟାକୁଳ କଲା ତାଙ୍କୁ ଚିଠି ଲେଖିବା ପାଇଁ ।

## ପ୍ରିୟ ପାଠକ-୧୯

ଚିଠିଟିଏ ପାଇଲେ ମନ ରୁଣୁଝୁଣେଇ ଯାଏ । ଆଉ ସେ ଯଦି ପାଠକର ହାତଲେଖା ଚିଠି ହୋଇଥାଏ, ତା ପୁଣି କାର୍ଡରେ ନୁହେଁ ଇନ୍‌ଲାଣ୍ଡ ଲେଟରରେ । ଆଃ ! ସତରେ ହୃଦୟଟା ମୋର ଗୁଣୁଗୁଣେଇ ଯାଇଥିଲା ସେଦିନ । ଏବେ ତ ମେସେଜରେ, ମେସେଞ୍ଜରରେ, ହ୍ୱାଟସଆପ୍‌ରେ, ଇନ୍‌ଷ୍ଟାଗ୍ରାମରେ ସବୁ କଥା, ସବୁ ବାର୍ତ୍ତା । ଚିଠିର ଆବେଗ, ଭାବପ୍ରବଣତା ସେଥିରେ କାହିଁ ? ଚିଠିଟିଏ ଆସିବା ସାତ ସପନ ଲାଗିଗଲାଣି ।

ଉତ୍ସୁକତା ଓ କୌତୁହଳର ସହ ଇନ୍‌ଲାଣ୍ଡ ଲେଟରଟିକୁ ଖୋଲିଲି । ଅଜଣା ପାଠକଠାରୁ ସୁନ୍ଦର ହସ୍ତାକ୍ଷରରେ ଛଳଛଳ ଚିଠିଟିଏ । ଛୋଟ ନୁହେଁ ଦୀର୍ଘ । ସତେ ଯେମିତି ମୋ ଆଗରେ ବସି କଥା ହେଉଛି । ଆଖିରେ, ମୁହଁରେ ଗଦଗଦ ଭାବ, କଥାରେ ବାଟୁଳି ବାଜୁନି, ମୁଁ ବସିଛି ମହା ମହିମାମୟୀ ସାମ୍ରାଜ୍ଞୀର ଆସନରେ, ଆଉ ସେ ମୋର ଦୀନହୀନ ପ୍ରଜା । ଦୀର୍ଘ ପ୍ରତୀକ୍ଷା ପରେ ପ୍ରଥମ ଦେଖାରେ ଅନେକ ଦିନର ଅନିରୁଦ୍ଧ ଆବେଗକୁ ପ୍ରକାଶିତ କରିବାର ବିମୁଗ୍ଧ ପ୍ରୟାସ ।

ସେ ଥିଲେ ଅମ୍ବିକା ପ୍ରସାଦ ବାରିକ, ମୋ ପାଠକ ସୂଚୀପତ୍ରର ଅଗ୍ରଗଣ୍ୟ ନାମ । ଗ୍ରାମ ମନ୍ଦରଖଣ୍ଡ, ଯାଜପୁର ଜିଲ୍ଲା, ୨୦୨୧ ମସିହାର ଏକ ଉତ୍ତପ୍ତ ମଧ୍ୟାହ୍ନରେ ଯାହାର ଚିଠିଟି ମୋ ହୃଦୟରେ ଚଇତାଳିର ମଧୁର ଶୀତଳତା ଭରି ଦେଇଥିଲା । ପ୍ରାୟ ୧୯/୨୦ ବର୍ଷ ତଳେ ପାଠକମାନଙ୍କ ଠାରୁ ଚିଠି ଆସୁଥିଲା । ମନରେ ମହକ ଭରୁଥିଲା। ବେଶି କାର୍ଡରେ, କେବେ କେବେ ରିପ୍ଲାଏ କାର୍ଡ ସହ, କଦବା କ୍ୱଚିତ ଇନ୍‌ଲାଣ୍ଡ ଲେଟରରେ ବା ଲଫାପାରେ, ଶତାଧିକ ସେ ସବୁ ଚିଠି ଆଜି ବି ସୁରକ୍ଷିତ ରହିଛି, କିଛି ସ୍ମୃତିକୋଷରେ କିଛି ମହାର୍ଘ୍ୟ ସମ୍ପତ୍ତି ପରି ଯତ୍ନ ସାଇତା ମୁଦା ବ୍ୟାଗରେ ।

ଆଶ୍ଚର୍ଯ୍ୟର କଥା, ଅମ୍ବିକା ମୋର ଗୋଟିଏ ବି ବହି ପଢ଼ି ନଥିଲେ, ମତେ କେବେ ଦେଖି ନଥିଲେ। କେବଳ ଯାଜପୁରର ସୁପ୍ରସିଦ୍ଧ ସମାଲୋଚକ ଅଧ୍ୟାପକ ମହେଶ୍ୱର ପାଢ଼ୀଙ୍କ ବହିରେ ମୋ ଗପର ସମୀକ୍ଷା ପଢ଼ିଥିଲେ । ସେ ଚିଠିରେ ମୋର ପ୍ରାୟ ଅଧିକାଂଶ ଗପର ଧାଡ଼ିସବୁ ଥିଲା ଯାହା ତାଙ୍କୁ ବିମୋହିତ କରିଥିଲା। କୌତୁହଳ, ଅନୁସନ୍ଧିତ୍ସା ମତେ ବ୍ୟାକୁଳ କଲା ତାଙ୍କୁ ଚିଠି ଲେଖିବା ପାଇଁ । ମୁଁ ମୋ ଫୋନ ନମ୍ବର ଦେଇ ତାଙ୍କୁ ଅନୁରୋଧ କରିଥିଲି ଫୋନ କରିବାକୁ । ଏ ପରିଣତ ବୟସରେ ବାରମ୍ବାର ଚିଠି ଲେଖିବାର ଧୈର୍ଯ୍ୟ ବା ମୋର କାହିଁ ?

ତା'ପରେ ଫୋନ । ପ୍ରତି ଆଠ ଦଶଦିନ ଅନ୍ତରରେ, ତାଙ୍କର ଅକ୍ଷର ଯେମିତି ସୁନ୍ଦର, କଥାବାର୍ତ୍ତା ସେହିପରି ମାର୍ଜିତ । ମୁଁ ଯେତିକି ତାଙ୍କର ନିକଟତର ହେଉଥିଲି ସେତିକି ଚମତ୍କୃତ ହେଉଥିଲି । ସେ ନିଜକୁ ଜଣେ କୃଷକ ବୋଲି ପରିଚୟ ଦେଇଥିଲେ । କାହିଁକି କେଜାଣି ତାଙ୍କର ଅନ୍ୟ ପରିଚୟ ସେ ମୋ ଠାରୁ ଗୋପନ ରଖିବାକୁ ଚାହୁଁଥିଲେ ! ଅନେକ ଥର ଫୋନ କରିବା ଭିତରେ ମୁଁ ତାଙ୍କର ବେଦ, ଉପନିଷଦ, ଗୀତା, ଭାଗବତ, ପୁରାଣ ପ୍ରଭୃତିରେ ଅଗାଧ ଜ୍ଞାନର ପରିଚୟ ପାଇଥିଲି । ତାଙ୍କର ଜ୍ଞାନର ଗଭୀରତା ଆଗରେ ମୁଁ ନିଜକୁ ଖୁବ୍ ନ୍ୟୁନ ମନେ କରୁଥିଲି । ପ୍ରାଚୀନ ସାହିତ୍ୟଠାରୁ ଆରମ୍ଭ କରି ଅତ୍ୟାଧୁନିକ ସାହିତ୍ୟ ପର୍ଯ୍ୟନ୍ତ ତାଙ୍କର ଜ୍ଞାନର ପରିସୀମା ବିସ୍ତୃତ ଥିଲା । ଆଧୁନିକ କବି ଓ କବିତା ବିଷୟରେ ଆମେ ଖୁବ୍ କମ୍ କଥା ହୋଇଛୁ। କିନ୍ତୁ ଗଳ୍ପ ଓ ଗାଳ୍ପିକ ସବୁ ଯେମିତି ତାଙ୍କ ଜିଭ ଅଗରେ ।

ବୀଣାପାଣି ମହାନ୍ତି, ପ୍ରତିଭା ରାୟ, ମନୋଜ ଦାସ, ଚନ୍ଦ୍ରଶେଖର ରଥ, ସୁରେନ୍ଦ୍ର ମହାନ୍ତି, ବିଭୂତି ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ତରୁଣକାନ୍ତି ମିଶ୍ର, ବିଷ୍ଣୁ ସାହୁ, ଜଗଦୀଶ ମହାନ୍ତି, ସରୋଜିନୀ ସାହୁ, ପାରମିତା ଶତପଥୀ, ବନଜ ଦେବୀ ସମସ୍ତଙ୍କ ଲେଖା ସେ ପଢ଼ିଛନ୍ତି, ସମସ୍ତଙ୍କୁ ଜାଣିଛନ୍ତି, ଅନେକଙ୍କ ସାଙ୍ଗରେ କଥା ବି ହୋଇଛନ୍ତି । ମୁଁ ତାଙ୍କୁ ତପନ ମହାପାତ୍ରଙ୍କ କଥା ପଚାରିବାରୁ ସେ କହିଥିଲେ, ନୟାଗଡ଼ର 'କାଉଁରୀ ପାନିଆ'ର ଲେଖକ ତ ? ସତରେ ମୁଁ ଅଭିଭୂତ ହୋଇଗଲି । ସେ କିନ୍ତୁ ତାଙ୍କ ସହିତ କେବେ କଥା ହୋଇ ନାହାଁନ୍ତି ବୋଲି କହିଥିଲେ, ତାଙ୍କ ପ୍ରତି ମୁଁ ଅଧିକ ସଶ୍ରଦ୍ଧ ହୋଇଥିଲି ମୋର ପ୍ରିୟ ଲେଖକ ଲେଖିକାମାନଙ୍କୁ ସେ ପଢ଼ିଥିବାର ଶୁଣି । କୃପାସାଗର ସାହୁଙ୍କର ସେ ଜଣେ ବିଶିଷ୍ଟ ପ୍ରଶଂସକ ଥିଲେ ।

ବର୍ତ୍ତମାନର ସ୍ୱାର୍ଥନ୍ୱେଷୀ ସମାଜରେ ଏପରି ନିରୋଳା ମଣିଷଟିଏ ମିଳିବା ନିଶ୍ଚିତ ଭାବରେ ବିରଳ । କୌଣସି ସ୍ୱାର୍ଥ ନଥାଇ ଏପରି ଏକ ଏକାମ ଭାବସ୍ନିଗ୍ଧ ସମ୍ପର୍କ ଯେ ସମ୍ଭବ ସେଥିପାଇଁ ତାଙ୍କ ନିକଟରେ ମୁଁ ଋଣୀ ରହିଗଲି । ଅସୁମାରୀ ଋଣ ସୁଝା ନ ହେଲା ପରି ଏ ଋଣ ରହିଲା ପରଜନ୍ମକୁ ।

୨୦୨୨ ମସିହା ସେପ୍ଟେମ୍ବରରେ ସେ ମୋ ପାଖକୁ ଡାକ ଯୋଗେ ଓଡ଼ିଶା ସାହିତ୍ୟର ୩ଟି ଉପାଦେୟ ପୁସ୍ତକ ପଠାଇଥିଲେ । ଡକ୍ଟର ଗୌରହରି ଦାସଙ୍କ ସଙ୍କଳିତ 'ଓଡ଼ିଆ କ୍ଷୁଦ୍ରଗଳ୍ପ', ଚନ୍ଦ୍ରଶେଖର ନନ୍ଦଙ୍କ 'ଶ୍ରେଷ୍ଠ ଗଳ୍ପ' ଓ ଅନ୍ୟ ଏକ ସମାଲୋଚନା ପୁସ୍ତକ । ବହି ଗୁଡ଼ିକ ନିଶ୍ଚିତ ଭାବରେ ପୁରୁଣା ଥିଲା କିନ୍ତୁ ସଯତ୍ନରକ୍ଷିତ ଯେ ଥିଲା ତାହା, ତାର ସୁଦୃଶ୍ୟ ବନ୍ଧା ମଲାଟରୁ ଜଣା ପଡ଼ି ଯାଉଥିଲା । ମୁଁ ତାଙ୍କ ପାଇଁ କେବଳ ଜଣେ ସାହିତ୍ୟିକା ନଥିଲି ଅଜାଣତରେ ସେ ମତେ ତାଙ୍କର ମରମୀ ବଡ଼ ଭଉଣୀର ଆସନରେ ବସାଇ ସାରିଥିଲେ। 'ଏତେ ବହି କେମିତି ଓ କେତେବେଳେ ପଢ଼ନ୍ତି'ର ଉତ୍ତରରେ ସେ କହିଥିଲେ, 'ମୁଁ ବିଲକୁ ଗଲାବେଳେ ବ୍ୟାଗରେ ନିଶ୍ଚୟ ୨/୪ ଖଣ୍ଡ ବହି ନେଇ ଯାଇଥାଏ । ସବୁଠାରୁ ଯାହା ମୋତେ ବିସ୍ମିତ ଓ ଆମୋଦିତ କରିଥିଲା, ତାହା ହେଲା ସେ ବହିସବୁ କିଣିକି ପଢ଼ନ୍ତି, ମାଗି ଯାଚି ନୁହେଁ; ଯେଉଁ ବଦଭ୍ୟାସରୁ ଆମେ ଆଜି ପର୍ଯ୍ୟନ୍ତ ନିଜକୁ ମୁକ୍ତ କରି ପାରି ନାହୁଁ ।

ବର୍ତ୍ତମାନର ସ୍ୱାର୍ଥନ୍ୱେଷୀ ସମାଜରେ ଏପରି ନିରୋଳା ମଣିଷଟିଏ ମିଳିବା ନିଶ୍ଚିତ ଭାବରେ ବିରଳ । କୌଣସି ସ୍ୱାର୍ଥ ନଥାଇ



ପ୍ରିୟ ପାଠକ

ଏପରି ଏକ ଭାବସ୍ନିଗ୍ଧ ସମ୍ପର୍କ ଯେ ସମ୍ଭବ ସେଥିପାଇଁ ତାଙ୍କ ନିକଟରେ ମୁଁ ଋଣୀ ରହିଗଲି । ଅସୁମାରୀ ଋଣ ସୁଝା ନ ହେଲା ପରି ଏ ଋଣ ରହିଲା ପରଜନ୍ମକୁ ।

ଅମ୍ବିକାଙ୍କର ସ୍ତ୍ରୀଙ୍କ ଦେହ ବଡ଼ ଜଟିଳ ଅବସ୍ଥାରେ ଥିଲା, ଫୋନର ଅବଧି ଧୀରେ ଧୀରେ କମି କମି ଆସି ଠପ୍ ହୋଇଗଲା । ଫୋନ କଲେ ବି ପ୍ରାୟ ଦେଢ଼ବର୍ଷ ହେବ କୌଣସି ଉତ୍ତର ମୁଁ ପାଉନାହିଁ । ତଥାପି ପ୍ରିୟ ଗୀତର ଘୋଷା ପରି ବେଳ ଅବେଳରେ ମନେପଡ଼ି ଅନ୍ତର୍ଦାହ ସୃଷ୍ଟି କରୁଛି । ଏ ଲେଖାର ସନ୍ଦେଶ ତାଙ୍କ ପାଖରେ ପହଞ୍ଚିବ କି ନାହିଁ ମୁଁ ଜାଣେନା। କିନ୍ତୁ ତାଙ୍କ ଅକୃତ୍ରିମ ଶ୍ରଦ୍ଧା, ଅସୁମାରୀ ସ୍ନେହ ଓ ଅଜସ୍ର ସମ୍ମାନ ପାଖରେ ମୁଁ ନତମସ୍ତକ ହୋଇ ରହିଲି ।

♥ ମୋ: ୯୩୩୭୭୩୯୯୧

# ଶିକ୍ଷାନୁଷ୍ଠାନ ନିଶାମୁକ୍ତ ହୋଇପାରୁନି



ପୁଷ୍ପମିତ୍ର ମହାପାତ୍ର

ଖୁସିର କଥା ଯେ ଓଡ଼ିଶା ସରକାର ଗତବର୍ଷ ଅଗଷ୍ଟ ମାସ ଠାରୁ 'ହ୍ୱାଇଟ ସ୍ପାଇଡର' (ଧଳା ବୁଢ଼ିଆଣୀ) ନାମରେ ଏକ ବିଶେଷ ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ଅବକାରୀ ଗୁଇନ୍ଦା ତଥା ସାଧାରଣ ଜନତାଙ୍କ ଠାରୁ ସୂଚନା ଭିତ୍ତିରେ ବହୁ ନିଶା ମାଫିଆ ଧରାପଡ଼ିଲେଣି।

ତମାଖୁ ମୁକ୍ତ କ୍ୟାମ୍ପସ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତମାଖୁ ବର୍ଜନ ଦିବସ ଆସିଲେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ହେଲେ ସ୍କୁଲ, କଲେଜ ପାଖରେ ଖୋଲିଥିବା ସିଗାରେଟ ଗୁଟଖା ଦୋକାନ ବନ୍ଦ ହୋଇପାରୁନି। ଶିକ୍ଷାନୁଷ୍ଠାନର ଶହେ ମିଟର ଦୂରରେ କୌଣସି ନିଶା ସାମଗ୍ରୀ ଦୋକାନ ରହିବ ନାହିଁ ବୋଲି ନିୟମ ରହିଥିଲେ ମଧ୍ୟ ଏହାକୁ କେହି ମାନୁନାହାନ୍ତି। ଏହି ଆଇନ ୨୦୦୩ରୁ ଲାଗୁ କରଯାଇଛି। କିନ୍ତୁ ଏବେ ଶିକ୍ଷାନୁଷ୍ଠାନ ନିକଟରେ ମାଳ ମାଳ ନିଶାଦ୍ରବ୍ୟ ଦୋକାନ ରହିଛି। ଶିକ୍ଷାର୍ଥୀମାନେ ଏଠାରୁ ନିଶା ସେବନ କରୁଛନ୍ତି। ପୋଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାବେଳେ ଏହାର ବେଶ ଫାଇଦା ଉଠାଉଛନ୍ତି ବ୍ୟବସାୟୀ। ଦୋକାନୀମାନେ ଖୁଲମଖୋଲା ସବୁଠାରେ ବିକ୍ରି କରୁଛନ୍ତି। ଏପରିକି ଗଞ୍ଜେଇ ଓ ବ୍ରାଉନସୁଗାର ବି ଏସବୁ ଦୋକାନରେ ମିଳୁଥିବା ଜଣାପଡ଼ିଛି।

ଖୁସିର କଥା ଯେ ଓଡ଼ିଶା ସରକାର ଗତବର୍ଷ ଅଗଷ୍ଟ ମାସ ଠାରୁ 'ହ୍ୱାଇଟ ସ୍ପାଇଡର' (ଧଳା ବୁଢ଼ିଆଣୀ) ନାମରେ ଏକ ବିଶେଷ ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ଅବକାରୀ ଗୁଇନ୍ଦା ତଥା ସାଧାରଣ ଜନତାଙ୍କ ଠାରୁ ସୂଚନା ଭିତ୍ତିରେ ବହୁ ନିଶା ମାଫିଆ ଧରାପଡ଼ିଲେଣି। ଦିନକୁ ଦିନ ଏହିଭଳି କଡ଼ାକଡ଼ି ତନଖି ଚାଲିଛି ଏବଂ କୋଟି କୋଟି ଟଙ୍କାର ଧଳା ଜହର ବା ହେରୋଇନ ଓ ବ୍ରାଉନ ସୁଗାର ଧରାପଡ଼ି ସାରିଲାଣି। ଅବଶ୍ୟ ଏଥିରେ ଆନ୍ତଃରାଜ୍ୟ ମାଫିଆ ଗୋଷ୍ଠୀ ଅନ୍ତର୍ଭୁକ୍ତ। ଆମ ରାଜ୍ୟରେ ରାଜ୍ୟ ସରକାରଙ୍କ ହ୍ୱାଇଟ ସ୍ପାଇଡର ଅଭିଯାନ ସହିତ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଜଗି ରହିଛନ୍ତି ଏବଂ ବହୁ ପୂର୍ବରୁ ସଂଗଠିତ ଭାବେ କାମ କରୁଥିବା ନିଶାମୁକ୍ତି ଅଭିଯାନ ମଧ୍ୟ ସକ୍ରିୟ ରହିଛି। ନିକଟରେ ଯାଇଛି ବିଶ୍ୱ ତମାଖୁ ବର୍ଜନ ଦିବସ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଏହାକୁ ପାଳନ କରାଯାଉଛି। ସଚେତନା ଶୋଭାଯାତ୍ରା ମଧ୍ୟ କରାଯାଉଛି। ସବୁପରେ ମଧ୍ୟ ଏହାକୁ ବନ୍ଦ କରାଯାଇପାରୁନାହିଁ। ଯେଉଁମାନେ ଖୋଲାଖୋଲି ଉଲଂଘନ କରୁଛନ୍ତି ସେମାନଙ୍କ ପ୍ରତି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଉଛି। ପୋଲିସ ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ସ୍ଥାନୀୟ ପ୍ରଶାସନ ସମସ୍ତେ ନଦେଖିଲା ପରି ରହୁଛନ୍ତି। ଅନେକ ପ୍ରତିଷ୍ଠିତ ହାଇସ୍କୁଲ ପ୍ରାଥମିକ ବିଦ୍ୟାଳୟ ନିକଟରେ ନିଶାଦ୍ରବ୍ୟ ବିକ୍ରି କରାଯାଉଛି। କେବଳ ସ୍କୁଲ ନୁହେଁ ମହାବିଦ୍ୟାଳୟ ନିକଟରେ ଏବଂ ଏହାର ଚାରିପାଖରେ ଛତୁ ଫୁଟିଲା ଭଳି ଦୋକାନ ରହିଛି। କ୍ୟାମ୍ପସ ଭିତରେ ସିଗାରେଟ, ଗୁଟୁଖା ଖୋଲାରେ କାରବାର ଚାଲିଛି। ଅନେକ ସମୟରେ ଲୁଚାଛପାରେ ମଦ, ଗଞ୍ଜେଇ ମଧ୍ୟ ବିକ୍ରି ହେଉଛି। କେବଳ ରାଜଧାନୀ ନୁହେଁ, ରାଜ୍ୟସାରା ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏସବୁ ଦେଖୁଥିଲେ ମଧ୍ୟ ଚୁପ ରହୁଛନ୍ତି। କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ତମାଖୁ ନିୟନ୍ତ୍ରଣ କମିଟିକୁ ଦିଆଯାଇଥିଲେ ମଧ୍ୟ କମିଟି ନୀରବଦ୍ରଷ୍ଟା ସାଜିଛି। ମଝିରେ ମଝିରେ ଲୋକଦେଖାଣିଆ ଭାବେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଏ। କେବଳ ଜୋରିମାନା ଆଦାୟ କରାଯାଏ। ତାପରେ ଯଥା ପୂର୍ବଂ ତଥା ପର ନୀତିରେ ପୁଣି ବେପାର ଚାଲେ।

ସୂଚନା ଅନୁସାରେ କ୍ୟାମ୍ପସକୁ ଡ୍ରଗ୍ସ, ତମାଖୁ ଓ ମଦ୍ୟପାନମୁକ୍ତ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ଅଧୀନରେ ଥିବା ସରକାରୀ ଓ ଅନୁଦାନପ୍ରାପ୍ତ କଲେଜର କୌଣସି ପ୍ରଫେସର, ଅଧ୍ୟାପକ କିମ୍ବା କର୍ମଚାରୀମାନେ ଯଦି ମଦ୍ୟପାନ/ନିଶା ସେବନ କରି କ୍ୟାମ୍ପସକୁ ଆସନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବ୍ୟବସ୍ଥା ରହିଛି। ଆଇନ ଅନୁଯାୟୀ କ୍ୟାମ୍ପସ ନିକଟରୁ ତମାଖୁ ଦୋକାନ ହଟାଇବା ଲାଗି ପୁଲିସ ସହାୟତାରେ ଚଢ଼ଉ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ୍‌ଲାଇନର ସଂଶୋଧନ ନିୟମକୁ କଡ଼ାକଡ଼ି ଲାଗୁ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା (ଏନଏସଏସ) ସଦସ୍ୟଙ୍କୁ ଗୁରୁଦାୟିତ୍ୱ ଦିଆଯାଇଥିଲା। ପନ୍ଦର ଦିନ କିମ୍ବା ମାସକୁ ଅତିକମରେ ଥରେ ସଚେତନତା କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା। କେତେକ ଶିକ୍ଷାନୁଷ୍ଠାନରେ କାଁ ଭାଁ ସଚେତନତା କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ନିଶା ରୋକିବା ପାଇଁ କ୍ୟାମ୍ପସ ଗୁଡ଼ିକରେ ଆଖି ଦୃଶିଆ ପଦକ୍ଷେପ ନିଆଯାଉନି।

ଯଦି ଆମେ ଆମର ଭବିଷ୍ୟ ପିଢ଼ିକୁ ଏକ ନିଶ୍ଚିତ ମୃତ୍ୟୁଯନ୍ତାରୁ ରକ୍ଷା କରିବାକୁ ଚାହୁଁଥିବା, ତେବେ ଏହି 'ଧଳା ବୁଢ଼ିଆଣୀ' ବନାମ 'ମାଟିଆ ଚିନି' ଅଭିଯାନରେ ରାଜ୍ୟ ଅବକାରୀ ବିଭାଗ ସହିତ ଖୋଲାଖୋଲି ସହଯୋଗ କରିବା ଅତ୍ୟାବଶ୍ୟକ। ପାଖ ପଡ଼ୋଶୀରେ, ବଜାରରେ, ଦୋକାନରେ ଯେଉଁଠି ବି ନିଶା ଦ୍ରବ୍ୟ କାରବାରର ଆଭାସ ମିଳିବ, ତାହା ଆମେ ସରକାରଙ୍କ ଦ୍ୱାରା ବିଶେଷ ଭାବେ ପ୍ରଚାରିତ ହ୍ୱାଟସଆପ ନଂରେ ତତ୍‌କ୍ଷଣାତ ଜଣାଇବା ଦରକାର। ନ ହେଲେ ଧୀରେ ଧୀରେ ଏହି ଧଳା ଓ ମାଟିଆ ଜହର ଅକ୍ଟୋପସର ପଞ୍ଝା ବିସ୍ତାର କରି ଆମ ଯୁବ ସମାଜକୁ କବଳିତ କରିଦେବ। ସଭ୍ୟ ସମାଜରେ ଜନଜାଗୃତି ସବୁପ୍ରକାର ଦୁର୍ନୀତି ଓ ଦୁର୍ଷ୍କର୍ମକୁ ବିରୋଧ କରିବା ପାଇଁ ସବୁଠାରୁ ପ୍ରଭାବୀ ଶକ୍ତି ଭାବେ ଯୁଗେ ଯୁଗେ ପରିଚିତ। ଆମେ ଆଜି ସେହି ଶକ୍ତିକୁ ଆହ୍ୱାନ କରୁଛୁ ଯେ ଆମ ରାଜ୍ୟକୁ ଓ ଦେଶକୁ ନିଶା ଅଜଗରର କବଳରୁ ମୁକ୍ତି ଦେବା ପାଇଁ ସମସ୍ତେ ଅଣ୍ଟା ଭିଡ଼ି ଧଳା ବୁଢ଼ିଆଣୀ ବନାମ ମାଟିଆ ଚିନି ଅଭିଯାନର ସ୍ୱଂୟସେବକ ଓ ସୈନିକ ଭାବେ ସମାଜ ରକ୍ଷା ପାଇଁ ଆଗେଇ ଆସନ୍ତୁ। ଓଡ଼ିଶା ଅବକାରୀ ଅଧିନିୟମରେ ମଦ ବ୍ୟବସାୟ ଲାଗି ଯେଉଁ ସ୍ଥାନ ଓ ବ୍ୟକ୍ତିଙ୍କ ଉପରେ କଟକଣା ରହିଛି, ବସ୍ତୁତଃ ସେହି ନିଷିଦ୍ଧାଞ୍ଚଳଗୁଡ଼ିକରେ ସଂଖ୍ୟାଧିକ ନିଶା ଦୋକାନ ଚାଲିଛି। ୨୦୧୩ ଏପ୍ରିଲରେ ରାଜ୍ୟ ସରକାର ଘୋଷଣା କରିଥିବା ରାଜ୍ୟ ଯୁବନୀତିରେ ଯୁବପିଢ଼ି ମଧ୍ୟରେ ନିଶା ଓ ଅନ୍ୟ ମାଦକ ଦ୍ରବ୍ୟ ପ୍ରସାର ନେଇ ଉଦବେଗ ପ୍ରକାଶ କରାଯିବା ସହିତ ନିଶାମୁକ୍ତ ଗ୍ରାମ ପ୍ରତିଷ୍ଠା ଲାଗି କୁହାଯାଇଥିଲେ ମଧ୍ୟ ନିଶା ନିବାରଣ ପାଇଁ ଆନ୍ତରିକତା ଅଭାବରୁ ଯୁବନୀତିର ଏହି ଆଭିମୁଖ୍ୟ ସଫଳ ହେବା ପରିବର୍ତ୍ତେ ବିଫଳ ହେଉଛି। ତେଣୁ ଯଦି ସରକାର ପକ୍ଷରୁ ଏସବୁ ନିୟମକୁ କଡ଼ାକଡ଼ି ପାଳନ କରାଯିବା ସହିତ ଉଲଂଘନକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତେବେ ଯାଇ କ୍ୟାମ୍ପସ ନିଶାମୁକ୍ତ ହୋଇପାରିବ।

♥ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

# ଶ୍ରୀ ଜୀଉଙ୍କ ଅନବସର, ଖଳିଲାଗି ଓ ଅଲାରନାଥ ଦର୍ଶନ



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ସ୍ନାନ ଓ ଶ୍ରୀଗୁଣ୍ଡିଚା ମଧ୍ୟବର୍ତ୍ତୀ ସମୟରେ ହେଉଥିବା ବିଧାନ ହେଉଛି ଅନବସର ବା ଅଣସର । ଦେବସ୍ନାନ ପୂର୍ଣ୍ଣିମା ବା ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ହିଁ ଅଣସର ନାମରେ ପରିଚିତ । ଠାକୁରମାନେ ସ୍ନାନ ପରେ ବିଜେ କରିଥାନ୍ତି ଅଣସର ପିଣ୍ଡିରେ । ସାଧାରଣ ଦର୍ଶନ ନିଷେଧ ଥିବା ଏହି ୧୫ ଦିନ ଶବରରାଜ ବିଶ୍ୱାବସୁ ଓ ବିଦ୍ୟାପତିଙ୍କର ବଂଶଧର ଦଇତା ପତି ସେବାୟତଙ୍କ ଅଖଣ୍ଡ ଅଧିକାର ଦେଖିବାକୁ ମିଳେ । ଅଣସର ନୀତିର ୩ଟି ମୌଳିକ ତାତ୍ପର୍ଯ୍ୟ ରହିଛି । ପୌରାଣିକ ମତରେ ଶବର ଭକ୍ତ ବିଶ୍ୱାବସୁଙ୍କ ସ୍ମୃତିଚାରଣ, ଦ୍ୱିତୀୟ ଠାକୁରଙ୍କ ଗୁପ୍ତନୀତି ପାଇଁ ସମୟ ଓ ସୁଯୋଗ ସୃଷ୍ଟି ଏବଂ ତୃତୀୟରେ ଶ୍ରୀଜୀଉ ଜ୍ୱରେ ବାଧିକାଗ୍ରସ୍ତ ହୋଇ ଔଷଧ ଗ୍ରହଣ କରିବାର ଦୃଷ୍ଟାନ୍ତ । ଏହି ସମୟରେ ପ୍ରଭୁଙ୍କୁ ଅନ୍ନ ଭୋଗ ବଦଳରେ ବିଭିନ୍ନ ଫଳମୂଳ, ଚକଟା ଓ ପଣା ଭୋଗ ପୂଜା କରାଯାଏ । ଏହି ଘରଟିକୁ ବାଉଁଶ ତାଟିରେ ଆବୃତ୍ତ କରି ରଖାଯାଏ । ଅତ୍ୟଧିକ ସ୍ନାନ ହେତୁ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୋଇ ଏହି ନୀତି ଅବଲମ୍ବନ କରିଥାନ୍ତି । ଏଠାରେ ହୋଇଥାଏ ପ୍ରଭୁଙ୍କର ଗୁପ୍ତସେବା । ପଞ୍ଚମୀ ଦିନ ପ୍ରଭୁଙ୍କ ଅଙ୍ଗରେ ଫୁଲୁରି ତେଲ ଲାଗି ହୋଇଥାଏ । ଷଷ୍ଠ ଦିନଠାରୁ ତିନିଦିନ ଯାଏ ଓଷ ଲାଗି ହୋଇଥାଏ । ଦଶମୀରେ ଚକା ବିଜେ । ତା ପରେ ଏକାଦଶୀରେ ଖଳି ଲାଗି ଓ ଦଶମୂଳ ପାଚନ ଲାଗି ଏବଂ ଦ୍ୱାଦଶୀରେ ଦ୍ୱାଦଶୀ ନୀତି, ତ୍ରୟୋଦଶୀରେ ଘଣା ଲାଗି ଶେଷରେ ନବଯୌବନ ଦର୍ଶନ ବା ନେତ୍ରୋତ୍ସବ ପାଳିତ ହୁଏ ।

**ଗୋପନ ସେବାରେ ଦିବ୍ୟପ୍ରଲେପ : ଖଳିଲାଗି:** ଶ୍ରୀଜଗନ୍ନାଥଙ୍କ ଅଣସର ଗୋପନ ସେବାରେ ଶୁଦ୍ଧ ସୁଆରମାନେ ଶ୍ରୀଅଙ୍ଗ ସେବା କରନ୍ତି। ବିଦ୍ୟାପତି ବଂଶଜ ରୂପେ ମାନ୍ୟତା ଦାବି କରୁଥିବା ଶୁଦ୍ଧ ସୁଆରମାନେ ଏହି ଭିତରେ ଖଳିଲାଗି କରିବା ବିଧି ରହିଛି। ସ୍କନ୍ଦ ପୁରାଣ, ବାମଦେବ ସଂହିତା, ନିଳାଦ୍ରି ମହୋଦୟ, ଦେଉଳ ତୋଳା ଆଦି ଗ୍ରନ୍ଥରେ ଗୁପ୍ତ ସେବା ସମ୍ପର୍କରେ ସବିଶେଷ ସୂଚନା ରହିଛି। ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପ ବା ଖଳିକୁ ରୂପା ଫିଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥାନ୍ତି। ଭିତର ଖଳି ଲାଗି ପୂର୍ବରୁ ପ୍ରଭୁଙ୍କ ଘଣା ଲାଗି ଗୋପନ ନୀତି ସଂପନ୍ନ ହୋଇଥାଏ। ଏଥିପୂର୍ବରୁ ନୂତନ ବିଗ୍ରହଙ୍କୁ ଗୋପନ ସେବାରେ ରକ୍ତ ବସ୍ତ୍ର ଆବରଣ ଦିଆଯାଇଥାଏ। ଗୋପନୀୟତା ରକ୍ଷା କରି ଦଇତାପତି, ପତିମହାପାତ୍ର ସେବକମାନେ ଏକ ସ୍ୱତନ୍ତ୍ର ଶୈଳୀ ଅବଲମ୍ବନରେ ଶ୍ରୀଜୀଉଙ୍କୁ ରକ୍ତ ବସ୍ତ୍ର ଆବରଣ ଦେଇଥାନ୍ତି। ଏହାପରେ ନବଯୌବନ ପୂର୍ବରୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଶେଷ ଦଫାରେ ବିଳମ୍ବିତ ରାତିରେ ଖଳି ଲାଗି ଦିଆଯାଏ। ଏହି ଖଳିକୁ ଶୁଦ୍ଧ ସୁଆରମାନେ ନିଜ ନିଜ ବାସଭବନରେ ଶୁଦ୍ଧ ସହକାରେ ପ୍ରସ୍ତୁତ କରିଥାନ୍ତି। ପୂର୍ବ ସନ୍ଧ୍ୟାରେ ଧୂପ ପରେ ଏହି ଖଳିକୁ ପ୍ରସ୍ତୁତ କରି ଶୁଦ୍ଧ ସୁଆରଙ୍କୁ ବାସଭବନରେ ଅଧିବାସରେ ରଖିଥାଆନ୍ତି। ଏହି ଖଳି ବିଜେ ପାଇଁ ଶ୍ରୀମନ୍ଦିରରୁ ଘଣ୍ଟ, ଛତା ସହ ଡକାରା ଯାଇଥାଏ ଶୁଦ୍ଧ ସୁଆର ସେବକଙ୍କ ବାସଭବନକୁ। ତିନି ଠାକୁର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଖଳି ବିଜେରେ ତିନିଜଣ ସେବାୟତ ଶ୍ରୀମନ୍ଦିର ଯାଇଥାଆନ୍ତି। ବିଜେ କାହାଳୀ, ବଜୟନ୍ତ୍ରୀ, ଘଣ୍ଟ, ଛତା ସହ ଶୋଭାଯାତ୍ରାରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ନିମନ୍ତେ ତିନି ଶୁଦ୍ଧ ସୁଆର ଅଧିବାସିତ ଖଳି ପ୍ରସାଦକୁ ଶ୍ରୀମନ୍ଦିର ବିଜେ କରିଥାନ୍ତି। ଏହା ପୂର୍ବରୁ ଏହି ଖଳିକୁ ଶୁଦ୍ଧ ସୁଆରଙ୍କ ବାସଭବନରେ ଖଳି ହାଣ୍ଡିକୁ ମହିଳାମାନେ ବନ୍ଦାପନା କରିଥାନ୍ତି। ବିଜେ କାହାଳି ବାଜିବା ପରେ ବରକନ୍ଦାଜଙ୍କ ସୁରକ୍ଷା ବଳୟ ଭିତରେ ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଳି ବିଜେ କରିଥାନ୍ତି। ଶୁଦ୍ଧ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ବିଳମ୍ବିତ ରାତିରେ ଏହି ଖଳିକୁ ଶ୍ରୀବିଗ୍ରହଙ୍କୁ ଲାଗିର ଗୋପନ ସେବା ସଂପନ୍ନ ହୋଇଥାଏ।

**ଅଲାରନାଥ ଦର୍ଶନ:** ଶ୍ରୀଜୀଉଙ୍କ ଅନବସର କାଳରେ ସାଧାରଣ ଦର୍ଶନ ସମ୍ଭବ ହୋଇନଥାଏ । ମନ୍ଦିରରେ ପୂଜା ପାଆନ୍ତି ପଟିଦିଅଁ । ତେବେ ଶ୍ରୀଜଗନ୍ନାଥ ଦର୍ଶନର ପୂଣ୍ୟ ଲାଭ ହୁଏ ପ୍ରଭୁ ଅଲାରନାଥଙ୍କ ଦର୍ଶନରେ । ପୁରୀର ବ୍ରହ୍ମଗିରିଠାରେ ଏକ ସୁଦୃଶ୍ୟ ମନ୍ଦିରରେ ବିଦ୍ୟମାନ ଅଛନ୍ତି ଶ୍ରୀ ଅଲାରନାଥ । ଶିଳା ବିଗ୍ରହ ଶିଳା ବ୍ରହ୍ମ ନାରାୟଣ ମୂର୍ତ୍ତି ଶ୍ରୀ ଅଲାରନାଥ । ଶ୍ରୀ ଜଗନ୍ନାଥଙ୍କର ମୂଳ ବିଗ୍ରହ ନୀଳମାଧବଙ୍କର ଯେଉଁ ରୂପ ବର୍ଣ୍ଣନା ଇନ୍ଦ୍ର ନୀଳମଣି ପୁରାଣ, ସ୍କନ୍ଦ ପୁରାଣ, କପିଳ ସଂହିତା, ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟରେ ହୋଇଛି, ସେ ସବୁ ପ୍ରତିମା ଲକ୍ଷଣ ଅଲାରନାଥ ବିଗ୍ରହରେ ପ୍ରତିଭାତ ହେଉଥିବାରୁ ନୀଳାଚଳରୁ ଅନ୍ତର୍ହିତ ନୀଳମାଧବ ଅଲାଲ୍ୟ ବ୍ରାହ୍ମଣ ଗୃହାବସ୍ଥାନ ପରେ ବ୍ରହ୍ମଗିରିଠାରେ ଆର୍ବିଭୂତ ହୋଇଥିବା ଅନୁମାନ ସତ୍ୟରେ ପରିଣତ ହୋଇଛି । କଳା ଦୃଷ୍ଟିରୁ ପ୍ରାୟ ଛଅଫୁଟ ଉଚ୍ଚତା ବିଶିଷ୍ଟ ଗୋଟିଏ ମାତ୍ର କଳାମୁଗୁନି ପ୍ରସ୍ତର ନିର୍ମିତ ଅଲାରନାଥଙ୍କ ବିଗ୍ରହ ଏକ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରଭା ବା ତୋରଣ ମଧ୍ୟରେ ଦଣ୍ଡାୟମାନ । ଏହି ବିଷ୍ଣୁ ବିଗ୍ରହଙ୍କୁ ପରମ ଗୋପନୀୟ ମନ୍ତ୍ରରେ ସ୍ୱୟଂ ବ୍ରହ୍ମା ପ୍ରତିଷ୍ଠା କରିଥିଲେ । ପରବର୍ତ୍ତୀ କାଳରେ ହିନ୍ଦୁଧର୍ମର ପ୍ରଚାରକ ରୂପେ ଶ୍ରୀ ସମ୍ପ୍ରଦାୟର ଦ୍ୱାଦଶ ପୂର୍ବସୂରୀ ପରମ ବିଷ୍ଣୁଭକ୍ତ ପାର୍ଷଦଗଣ ଏହି ପୀଠରେ ଅବସ୍ଥାନ ପୂର୍ବକ ବ୍ରହ୍ମାକର୍ତ୍ତୃକ ପ୍ରତିଷ୍ଠିତ ଚତୁର୍ଭୁଜ ଜନାର୍ଦ୍ଦନ ବିଷ୍ଣୁଙ୍କୁ ପଞ୍ଚରାତ୍ର ବିଧିରେ ପୂଜାର୍ଚ୍ଚନା କରୁଥିଲେ, ତତ୍କାଳରେ ଏହାଙ୍କୁ ଆଲୋୟାର ବା ଆଲବର ସମ୍ପ୍ରଦାୟ କୁହାଯାଉଥିଲା । ଉକ୍ତ ଆଲବରମାନଙ୍କର ପ୍ରଭୁ ଶ୍ରୀମନ୍ନାରାୟଣ କ୍ରମଶଃ ଆଳବର ନାଥ, ଆଲାରନାଥ - ଅଲାରନାଥ ନାମରେ ବହୁ ପ୍ରସିଦ୍ଧି ଲାଭ କଲେ । ଅନବସର ପନ୍ଦରଦିନ ଏବଂ ମହାଅଣସର ସମୟରେ ଅଲାରନାଥ ଦର୍ଶନ ଏକ ବିଧି ।

♥ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

ଚେତନାର ଦର୍ପଣ - ୩୪

# ବାପା ; ଜୀବନ ବଗିଚାର ମାଳି



♥ ଲଳିତ ମୋହନ ମିଶ୍ର

କୁହାଯାଏ ବାପା ଲୋରୀ ଶୁଣାନ୍ତି ନାହିଁ । ମା' ଲୋରୀ ଶୁଣାଏ କିନ୍ତୁ ବାପାଙ୍କର ପିଠି ଥାପୁଡା (ଥପକ) ନିରନ୍ତର ଚାଲିଥାଏ । ଶିଶୁଟି ମା'ର ଲୋରୀ ଶୁଣିପାରେ, ବାପାଙ୍କର ସ୍ନେହ ପୂର୍ବକ ଥପକକୁ ଦେଖିପାରେ ନାହିଁ, କେବଳ ଅନୁଭବ କରେ । ବାପା ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ପୁତ୍ର ସହିତ ଥାଆନ୍ତି। ସେଥିପାଇଁ ତ କୁହାଯାଏ - 'ପିତା ବୈ ଜାୟତେ ପୁତ୍ରଃ' ଅର୍ଥାତ୍ ପିତା ହିଁ ପୁତ୍ର ରୂପରେ ଜନ୍ମ ଗ୍ରହଣ କରନ୍ତି । ବୀଜରୁ ହିଁ ବୃକ୍ଷ । ବୀଜ ରୂପ ପିତାର ସନ୍ତାନ ସନ୍ତତି ଭାବରେ ବୃକ୍ଷ । ସାରା ଜୀବନ ବାପାମାଆ ସନ୍ତାନର ଶିରାପ୍ରଶିରାରେ ପ୍ରବାହିତ ହୁଅନ୍ତି । ବାପା ହେଉଛନ୍ତି ପାଳକ, ପୋଷକ ଓ ରକ୍ଷକ। ପରିବାରର ଦାୟିତ୍ୱକୁ ଦକ୍ଷତାର ସହ ସମ୍ପାଦନ କରିବାର ଦାୟିତ୍ୱ ବାପାଙ୍କ ଉପରେ । ମହାଭାରତରେ କୁହାଯାଇଛି - ବାପା ଆକାଶଠାରୁ ବି ବଡ । ଜୀବନରେ ଅନୁଶାସନ ରକ୍ଷା କରିବା ଏକ କଷ୍ଟକର କାମ, ଏଥିରେ ବ୍ୟକ୍ତିକୁ ବିଶ୍ରାମ ମିଳି ନଥାଏ । ଅନୁଶାସନ ସହିତ ବଞ୍ଚିବାକୁ କେହି ପସନ୍ଦ କରନ୍ତି ନାହିଁ। କିନ୍ତୁ ସତ କଥା ହେଉଛି ଶୃଙ୍ଖଳା ବିନା ଜୀବନର ସନ୍ତୁଳନ ରହେନାହିଁ । ଆମେ ଅନୁଶାସନ ନାମକ ଲକ୍ଷ୍ୟ ପଥରୁ ବିଚ୍ୟୁତ ହେବା ଉଚିତ୍ ନୁହେଁ । ଏହାକୁ ଆମେ ଏକ ଗୁଡିର ଉଦାହରଣ ଦ୍ୱାରା ବୁଝିପାରିବା । ଉଡୁଥିବା ଗୁଡିଟି ଆକାଶରେ ସେ ପର୍ଯ୍ୟନ୍ତ ଉଡିଥାଏ, ଯେ ପର୍ଯ୍ୟନ୍ତ ସେ ସୁତାରେ ବାନ୍ଧି ହୋଇ ରହିଥାଏ। ସୁତାଟି କଟିଗଲେ ତାର ଅସ୍ତିତ୍ୱ ହରାଇ ଦିଏ। ସେପରି ଆମ ଜୀବନ ଶୃଙ୍ଖଳାର ସୂତ୍ର ହେଉଛନ୍ତି ବାପା। ଆମ ଜୀବନକୁ ନିୟନ୍ତ୍ରଣ କରନ୍ତି ବାପା । ଶୃଙ୍ଖଳିତ ଜୀବନ ଯାପନ କରୁଥିବା ପିଲାମାନେ ଜୀବନରେ ସଫଳ ବ୍ୟକ୍ତିତ୍ୱରେ ପରିଣତ ହୁଅନ୍ତି । ପିତା ନାରୀକେଳ ସଦୃଶ । ଉପରେ ଗମ୍ଭୀର ବ୍ୟବହାର କିନ୍ତୁ ଭିତରେ କୋମଳ ସ୍ୱଭାବ । ବାପାଙ୍କ ପ୍ରେମ ଦୃଶ୍ୟମାନ ହୁଏ ନାହିଁ, ଅନୁଭବ ହୁଏ । ବାହାରୁ କଠୋର ଦେଖାଯାଉଥିବା ପିତା ଆଭ୍ୟନ୍ତରୀଣ ସ୍ତରରେ ବହୁତ ଭାବପ୍ରବଣ । ସମସ୍ତଙ୍କ ସାମ୍ନାରେ ମା' କାନ୍ଦନ୍ତି କିନ୍ତୁ ବାପା କାନ୍ଦି ପାରନ୍ତି ନାହିଁ। ଝିଅ ବିଦାୟ ଅବସରରେ ବାପାଙ୍କ ଭାବପ୍ରବଣତା ଅନୁଭବ ମାତ୍ର । ବାପା ପୂର୍ଣ୍ଣ ହୃଦୟରେ ପିଲାଙ୍କୁ ଲାଳନପାଳନ କରନ୍ତି । ବାପାଙ୍କ ପରିବାର ବଗିଚାରେ ଫୁଲ ଗୁଡ଼ିକ ଫୁଟି ହସି ଉଠନ୍ତି, ସେମାନଙ୍କ ସୁଗନ୍ଧରେ ଘର ସଂସାର ମହକିତ କରିଦିଏ । ପିତୃ ଦିବସ ଏକଦିନିଆ ଉତ୍ସବ । ସନ୍ତାନ ଜୀବନରେ ବାପାଙ୍କ ଅବଦାନ ଏକ ନିରନ୍ତର ଆଧ୍ୟାତ୍ମିକ ସମ୍ମାନ । ଯେମିତି କୌଣସି ଘରର ସ୍ଥିତି ତା'ର ଭିତ୍ତିଭୂମି ଉପରେ ନିର୍ଭର କରିଥାଏ, ଠିକ୍ ସେହିପରି ବାପା ପିଲାର ସଫଳତାର ଆଧାର ପାଲଟି ଯାଆନ୍ତି। ମା' ପିତାଙ୍କ ସହ ଭାବନାତ୍ମକ ଭାବରେ ଯୋଡ଼ି ହୋଇଥାନ୍ତି ଏବଂ ସଂଘର୍ଷରେ ଢାଲ ହୋଇ ଏହାକୁ ମଜବୁତ କରିଥାନ୍ତି । କଠିନ ପରିସ୍ଥିତିରେ ଉପଯୁକ୍ତ ନିଷ୍ପତ୍ତି ନେବାରେ ସକ୍ଷମ ନହେଲେ, ବାପାଙ୍କ ପରାମର୍ଶ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ବାପାଙ୍କ ମାର୍ଗଦର୍ଶନରେ, ଜୀବନର ଗଭୀରତାକୁ ବୁଝିବା ଏବଂ ଆଗକୁ ବଢ଼ିବାର ସହାୟକ ହୋଇଥାଏ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ସତ୍ସଙ୍ଗର ପ୍ରଭାବ...

## ମନୋଜ କୁମାର ବେହେରା



ଗୋଟିଏ ଗାଁରେ ସତ୍ସଙ୍ଗ ଚାଲିଥିଲା । ଜଣେ ପ୍ରସିଦ୍ଧ ସନ୍ଥ ଆସିକରି କଥା ଶୁଣାଉଥିଲେ। ଜଣେ ଭକ୍ତ ସନ୍ଥଙ୍କୁ ପଚାରିଲେ, ଗୁରୁଜୀ ! ମନ, ବୁଦ୍ଧି, ଚିତ୍ତ ଆଉ ଅହଂକାର କ'ଣ ? ସନ୍ଥ କହିଲେ,ଏହି ଚାରିଟାକୁ ଅନ୍ତଃ କରଣ ଚତୁଷ୍ଟୟ ମଧ୍ୟ କୁହନ୍ତି। ବ୍ୟକ୍ତିର ଚେତନା ସମଗ୍ର ଆଉ ଅଖଣ୍ଡ ଅଟେ, ଅବିଭାଜ୍ୟ ଅଟେ । କିନ୍ତୁ ଏହାର ବିଭିନ୍ନ କାର୍ଯ୍ୟର କାରଣରୁ ଏହାକୁ ଅନ୍ତଃ କରଣ ଚତୁଷ୍ଟୟ ମଧ୍ୟ କୁହନ୍ତି । ମନନ କରିବାର କ୍ରିୟାର କାରଣ ଏହାକୁ ମନ କୁହାଯାଏ । ସମସ୍ତ ସ୍ମୃତିକୁ ସଂଗୃହୀତ କରିବାକୁ ଚିତ୍ତ କୁହନ୍ତି। ନିର୍ଣ୍ଣୟ କରିବା ପାଇଁ ଏହାକୁ ବୁଦ୍ଧି କୁହନ୍ତି । ଏଥରେ ମୋର ଭାବ ହୋଇଥାଏ । ସେଥିପାଇଁ ଏହାକୁ ଅହଂକାର କୁହନ୍ତି । ଏସବୁ ଗୋଟିଏ ଚେତନାର କାର୍ଯ୍ୟ ଅଟେ ।

ଭକ୍ତ..ଗୁରୁଜୀ ମୃତ୍ୟୁକୁ କେମିତି ଜାଣିବା। ସନ୍ଥ କହିଲେ, ଯଦି ମୃତ୍ୟୁକୁ ଜାଣିବାର ଅଛି, ତା'ହେଲେ ପ୍ରଥମେ ନିଜର ନିଦକୁ ଜାଣ । କାହିଁକିନା ନିଦ ଆଉ ମୃତ୍ୟୁର ବେଶୀ ଅନ୍ତର ନଥାଏ । ଭକ୍ତ..ଗୁରୁଜୀ କାମନା କ'ଣ ? ସନ୍ଥ କହିଲେ, ଜୀବନର ଆଧାର କାମନା ଅଟେ । ପରିଗ୍ରହ ଆଉ ଉପଭୋଗର ଆଧାର ମଧ୍ୟ କାମନା ଅଟେ। ଯେଉଁଠି ମନ ଅଛି ସେଠାରେ କାମନା ଅଛି। ଯେତେବେଳେ କାମନା ତୀବ୍ର ହୋଇଯାଏ ସେତେବେଳେ ଲାଗିଥାଏ କି ଶକ୍ତି ଯେମିତି ଅଭାବଗ୍ରସ୍ତ ହେଇଯାଇଛି । ମନ ସେତେବେଳେ ଅଧୀର ହୋଇଉଠେ । ଆଉ ଏହି ଭାବକୁ ମଧ୍ୟ ତୃଷ୍ଣା କହନ୍ତି । ଭକ୍ତ.. ଗୁରୁଜୀ ମୌନର ଅର୍ଥ କ'ଣ ? ସନ୍ଥ କହିଲେ, ଅଭିବ୍ୟକ୍ତର ସବୁଠୁ ଗହୀର ମାଧ୍ୟମ ହେଲା ମୌନ । ମୌନରୁ ଯାହା ଆମେ କରି ପାରିବା ତାହା ଶବ୍ଦ ଦ୍ୱାରା କରି ହେବନାହିଁ । କାହିଁକିନା ଶବ୍ଦର କମ୍ହିଁ ମୌନକୁ ଜନ୍ମ ଦେଇଥାଏ । ପୁଣି ଥରେ ଭକ୍ତ ପଚାରିଲେ, ଗୁରୁଜୀ ଡର ଆଉ ଆଶା କ'ଣ ? ଗୁରୁଜୀ କହିଲେ,ସୁଖ-ଦୁଃଖ, ପ୍ରେମ ଆଉ ବିପଦ ସବୁ ଯାଗାରେ ଡର ଆଉ ଆଶାର ନିଜର ପ୍ରବେଶ ବନେଇ ରଖିଥାନ୍ତି । ଆମର ପୁରାଜୀବନ ଏହି ଦୁଇ ଖମ୍ବରେ ଅଟକିଯାଏ ଆଉ ବାକି ଭାବନା ସବୁଏହା ପରେ ଆସିଥାଏ । ଯେମିତି ଆମେ ସବୁବେଳେ ଡରରେ ରହିଥାଉକି ଯଦି ଆମେ ସମ୍ବନ୍ଧ ଭଲରେ ନରଖିବା ତା'ହେଲେ ଆମକୁ ବିପଦ ବେଳେ କିଏ ଆସି ସାହାଯ୍ୟ କରିବ । ଭକ୍ତ.. ଗୁରୁଜୀ ମୋର ଶେଷ ପ୍ରଶ୍ନ ହେଲା, ଭଗବାନ ଆଉ ଇଶ୍ୱର କ'ଣ ଏକ ? ଗୁରୁଜୀ କହିଲେ, ଦୁହିଁଙ୍କର ଧରାତଳ ହିଁ ଭିନ୍ନ ଅଟେ । ଭଗବାନ ମାନବ ଜୀବନଧାରୀ ଅଥବା ସୃଷ୍ଟିରେ ପ୍ରାଣୀ ରୂପରେ(ଦଶାବତାର ଭଳି) ହୋଇଥାନ୍ତି। ଇଶ୍ୱର ସୃଷ୍ଟିର ଭାଗ ଅଟନ୍ତି । ସୃଷ୍ଟିର ବିକାଶ ଆଉ ସଂହାରରେ ତାଙ୍କର ବିଶେଷ ଭୂମିକା ହୋଇଥାଏ ।

+ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),
ଭୁବନେଶ୍ୱର-୨୨
ମୋ: ୭୯୭୮୮୩୦୬୧୧

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର



**ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ମୋଛାତ୍ର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସହିତ ଜଡିତ ,ଯାହାର ପରିସମାପ୍ତି ଘଟିଥିଲା ୧୯୬୪ ମସିହାରେ । ଏହା ଭିତରେ ୬୦ବର୍ଷ ବିତିଗଲାଣି ।ତଥାପି, ଆଜିବି ମୋ ଚକ୍ଷୁ ସମ୍ମୁଖରେ ଅନେକ ଘଟଣାର ଦୃଶ୍ୟ ଭାସି ଉଠୁଛି-ଭୁଲି ହେଉନି ଆଦୌ । ସେଇ ସ୍ମୃତିରାଜିକୁ ସମ୍ବଳକରି ଦୀନକୃଷ୍ଣ ସ୍ମୃତି ପରିଷଦ,ଜଳେଶ୍ୱର ଆନୁକୂଲ୍ୟରେ ୧୯୯୪ 'ବସନ୍ତ ଉତ୍ସବ 'ପାଳନ ଅବସରରେ ଏକ ଦୀର୍ଘ କବିତା ରଚନା କରିଥିଲି ।**

ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୩୧)
କଲେଜ ଜୀବନ..(ଗ)

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ମୋଛାତ୍ର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସହିତ ଜଡିତ ,ଯାହାର ପରିସମାପ୍ତି ଘଟିଥିଲା ୧୯୬୪ ମସିହାରେ । ଏହା ଭିତରେ ୬୦ବର୍ଷ ବିତିଗଲାଣି ।ତଥାପି, ଆଜିବି ମୋ ଚକ୍ଷୁ ସମ୍ମୁଖରେ ଅନେକ ଘଟଣାର ଦୃଶ୍ୟ ଭାସି ଉଠୁଛି-ଭୁଲି ହେଉନି ଆଦୌ ।

ସେଇ ସ୍ମୃତିରାଜିକୁ ସମ୍ବଳକରି ଦୀନକୃଷ୍ଣ ସ୍ମୃତି ପରିଷଦ,ଜଳେଶ୍ୱର ଆନୁକୂଲ୍ୟରେ ୧୯୯୪ 'ବସନ୍ତ ଉତ୍ସବ 'ପାଳନ ଅବସରରେ ଏକ ଦୀର୍ଘ କବିତା ରଚନା କରିଥିଲି -- ଯାହାର ଶୀର୍ଷକ ଥିଲା---

-'ମୃଗତୃଷ୍ଣା'-

ମୁଁ ଖୋଜୁଛି ମୋ ବନ୍ଧୁ ସଖା ସହୋଦରେ
ସମୟରେ ଉଜାଣିରେ ଭାସି
'ଚଉଷଠିର ଚିନ୍ତା ଚେତନାରେ
'ଚଉରାନବେ ପ୍ରଥମ ଭାଗରେ
ଆଜିର ଏ ମଧୁମୟ ବସନ୍ତ ଉତ୍ସବେ ।
ଫକୀର ମୋହନ କଲେଜଠୁଁ ବାଲିଘାଟ
ଯାଏଁ ଶାନ୍ତିକାନନରୁ ଫେରି ଖୋଜେ
ନର୍ଥ ହଷ୍ଟେଲରେ
ଚାନ୍ଦିପୁର ବେଳାଭୂମି,ଝାଉଁବଣ,
ସୁଏଲପୁର, ପ୍ରଗତିମେସ୍ ସବୁଆଡେ
ଲାଗୁଅଛି ଫାଙ୍କା,
ଭୋଗରାଇ ,କଟିସାହି,ବାଲିଆପାଳରେ
ଶାଳିକୋଠା,କଟକ ବା ଭୁବନେଶ୍ୱରରେ
ମୋ ବନ୍ଧୁମାନଙ୍କୁ କାହିଁ ଭେଟିଲିତ ନାହିଁ,
'ଚଉଷଠି ମନ ଆଉ ଚିନ୍ତା ଚେତନାରେ
'ଚଉରାନବେ ପ୍ରଥମ ଭାଗରେ
ଆଜିର ଏ ବସନ୍ତ ଉତ୍ସବେ ।
କାର୍ଲମାର୍କ୍ସ,ଗାନ୍ଧୀ ,ମାଓ,ଆଡାମସ୍ମିଥ ଯାଏଁ
କାହାର ଚରମ ନିନ୍ଦା,ପ୍ରଶଂସା ବା ହୁଏ ।
ଗରମ ପକୁଡି ମୁଢି ଟୁପ୍ ଟାପ୍ ବର୍ଷା
ସେ ଦିନର ବନ୍ଧୁମାନେ ଯୁକ୍ତିରେ ମୁଖର
'ବିଶ୍ୱଶ୍ରୀ ପ୍ରେସ'ର ସେଇ
ଛୋଟ କୋଠରିରେ
ହସୁଥିବେ ବ୍ରଜବାବୁ ମୁରୁକି ମୁରୁକି ।
ଗୋଆ ଅଧିକାର ଅବା ଚୀନ ଆକ୍ରମଣ
ହରଷ ବିଷାଦେ ଭରା ସେ ଯୁବ ମାନସ
ପେକିଂ ବା ବେଲଗ୍ରେଡରୁ ଆସୁଥିବ ଚିଠି
ଲୁଚି ଲୁଚି ପଢୁଥିବେ ବନ୍ଧୁମାନେ ବସି ।
ବନ୍ୟା ଆଉ ଝଡବେଳେ ରିଲିଫ ବାଣ୍ଟିବେ
ପରଦୁଃଖେ ଦୁଃଖୀ ହୋଇ ସୁଖ ବାଣ୍ଟି
ଦେବେ।
ଗିରିଜା ଉମେଶ ପୁଣି ଗଙ୍ଗାନାରାୟଣ
ରମା ଉମା ଶାନ୍ତି ଅବା ଲିଲି ଡଲି ଛବି-
ସଭିଙ୍କୁ ଖୋଜୁଛି ମୁହିଁ
'ଚଉଷଠିର ମନ ଓ ଚିନ୍ତାରେ
ଆଜିର ଏ ବସନ୍ତ ମିଳନେ ।
+ + + +
ବନ୍ଧୁଗଲେ କିଏ କାହିଁ ଏଇମିତି
ଜୀବନ ବିତିଲା
ପଚାଶ ଟପିଲା ପରେ ଜୀବନର
ଉଜାଣି ବହିଲା।
ମୁଁ ତେଣୁ ପାଇବି କାହିଁ ମୋ ବନ୍ଧୁ ମାନଙ୍କୁ
'ଚଉଷଠିର ମନ ଓ ଚିନ୍ତାରେ,
ତଥାପି ଖୋଜୁଛି ମୋର ବନ୍ଧୁ ପରିଜନେ,
'ଚଉରାନବେ ପ୍ରଥମ ଭାଗରେ
ଆଜିର ଏ ବସନ୍ତ ଲଗନେ ।


(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ବାଙ୍କୀ ପାଟପୁରର ସିଂହନାଥ ମନ୍ଦିର



## ସୁଷମା ପରିଜା



ଆସ ବୁଲିଯିବା।

କଟକ ଜିଲ୍ଲାର ବାଙ୍କୀ ଉପଖଣ୍ଡଟି ମହାନଦୀର ତଟ ଦେଶରେ ଅବସ୍ଥିତ ଏକ ଲାବଣ୍ୟ ମଞ୍ଜୁଳ ଭୂମି ଖଣ୍ଡ । ବଣ ଜଙ୍ଗଲ ଘେରା ଏହି ସୁନ୍ଦର ଉପଖଣ୍ଡରେ ୧୬୬ଟି ରାଜସ୍ୱ ଗ୍ରାମ ରହିଛି ଏବଂ ଏହି ସମସ୍ତ ଗ୍ରାମରେ ବାଙ୍କୀର ଅଧିଷ୍ଠାତ୍ରୀ ମା' ଚର୍ଚ୍ଚିକା ଠାକୁରାଣୀଙ୍କ ଭବ୍ୟ ମନ୍ଦିରଟି ସହ ଛୋଟ ବଡ ହୋଇ ପ୍ରାୟ ଏକଶତରୁ ଉର୍ଦ୍ଧ୍ୱ ମନ୍ଦିର ରହିଛି । ଏଠାକାର ଅଧିବାସୀ ମାନେ ନିଜର ସଂସ୍କୃତି, ପରମ୍ପରା ଏବଂଧର୍ମ ଧାରଣାକୁ ବଜାୟ ରଖି ଐଶ୍ୱରୀୟ କୃପାକୁ ନିଜ ଜୀବନର ଧ୍ୟେୟ ମନେ କରିଥାନ୍ତି।

ଉତ୍କୃଷ୍ଟ କଳାର ଦେଶ ଏ ଉତ୍କଳ। କାଳେ କାଳେ ଉତ୍କଳୀୟ ଶିଳ୍ପୀମାନଙ୍କ ନିହାଣ ମୂଳର ସୂକ୍ଷ୍ମ କାରିଗରୀ ସାରା ବିଶ୍ୱରେ ଚର୍ଚ୍ଚିତ। ସେମାନଙ୍କ କଳା କୌଶଳରେ ଓଡ଼ିଶାର କୋଣ ଅନୁକୋଣରେ ଗଢ଼ି ଉଠିଥିଲା ଅଜସ୍ର ସୁନ୍ଦର ମନ୍ଦିର ମାନ। ଐତିହାସିକ ତଥ୍ୟ ଅନୁଯାୟୀ ସପ୍ତମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ଗଙ୍ଗ ବଂଶ ଏବଂ ଭୌମକର ବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟରେ ସେମାନେ ଉତ୍କଳୀୟ କଳା ସ୍ଥାପତ୍ୟ ଭାସ୍କର୍ଯ୍ୟର ଉନ୍ନତିକୁ ପ୍ରାଧାନ୍ୟ ଦେଇ ଅନେକ ଗୁଡ଼ିଏ ମନ୍ଦିର ତୋଳାଇଥିଲେ ଅଥବା ପୁନରୁଦ୍ଧାର କରାଇଥିଲେ। ସେଥିପାଇଁ ଶିଳ୍ପୀ ମାନଙ୍କୁ ସମ୍ମାନ ଜଣାଇ ପ୍ରୋତ୍ସାହିତ କରୁଥିଲେ। ସେହି ପ୍ରୟାସରୁ ଗଢ଼ି ଉଠିଥିଲା ଅନନ୍ୟ କଳାକୃତିର ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର ଏବଂ କୋଣାର୍କର ସୂର୍ଯ୍ୟମନ୍ଦିର ଯାହା ଏଯାବତ୍ ବିଶ୍ୱର ଶ୍ରେଷ୍ଠ କଳାକୃତି ଭାବରେ ପରିଗଣିତ ହେଉଛି। ବାଙ୍କୀ ପାଟପୁରର ସିଂହନାଥ ମନ୍ଦିରଟି ମଧ୍ୟ ଏହି ସମୟର ଏକ ସ୍ୱତନ୍ତ୍ର କଳାକୃତି।



କଟକ ସଦର ମହକୁମାଠାରୁ ମାତ୍ର ପଚାଶ କିଲୋମିଟର ଦୂରରେ ବାଙ୍କୀ। ବାଙ୍କୀର ଦକ୍ଷିଣକୁ ବାଙ୍କୀ ଖୋର୍ଦ୍ଧା ରାସ୍ତାରେ ମାତ୍ର ଏକ କିଲୋମିଟର ଯିବା ପରେ ସେଠାରୁ ପୂର୍ବ ଦିଗରେ ଅଳ୍ପ ବାଟ ଗଲେ ପଡ଼େ ପାଟପୁର ଗ୍ରାମ। ସେହି ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ସିଂହନାଥ ଦେବଙ୍କ ମନ୍ଦିର । ଯଦିଓ ମନ୍ଦିରର ନିର୍ମାଣ ସମ୍ବନ୍ଧରେ ସଠିକ୍ ତଥ୍ୟ ମିଳେନାହିଁ ତଥାପି ଏହା ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ନିର୍ମିତ ହେଇଥିବାର କୁହାଯାଏ।

ଏଠାରେ ପ୍ରଚଳିତ ଏକ ଜନଶ୍ରୁତି ଅନୁଯାୟୀ ଏହି ସ୍ଥାନଟି ଘଞ୍ଚ ଗୁଳ୍ମ, କଣ୍ଟା ଗଛ ଏବଂ କଣ୍ଟି କପାଳୀ ନାମକ ଏକ ଔଷଧୀୟ ଲଟାରେ ଆଚ୍ଛାଦିତ ଥିଲା। ନିକଟସ୍ଥ ସାହାଡାପଦା ଗ୍ରାମର ନାଥ ବେହେରା ନାମକ ଏକ ଗୋପାଳ ଦିନେ ଗାଈ ଚରାଇବା ସମୟରେ ତା'ର ଚମ୍ପା ନାମ୍ନୀ ଦୁଧିଆଳୀ ଗାଈ ଏକ ଉଇ ହୁଙ୍କା ପାଖରେ ଠିଆହୋଇ ଦୁଇଟି ନାଗସାପଙ୍କୁ କ୍ଷୀର ପିଆଉ ଥିବାର ଦେଖିଲା। ସେଦିନ ସିନା ସେ ସେଠାରୁ ଗାଈକୁ ହୁରୁଡେଇ ଆଣିଲା କିନ୍ତୁ ପରବର୍ତ୍ତୀ ଦିନ ମାନଙ୍କରେ ମଧ୍ୟ ସେହି ପ୍ରକ୍ରିୟା ଜାରି ରହିବାରୁ ସେ ଉଇ ହୁଙ୍କାରେ ନିଶ୍ଚୟ କିଛି ଅଲୌକିକ ପଦାର୍ଥ ରହିଛି ଭାବି ଉତ୍ସୁକତା ବଶତଃ ଗୋପାଳଟି ସେଇ ହୁଙ୍କାକୁ ତାଡିବାରୁ ତା' ଭିତରେ ଏକ ଶିବଲିଙ୍ଗ ଥିବାର ଦେଖିଲା। ଖଣ୍ଡ ବିଖଣ୍ଡିତ ହୋଇଥିବା ଶିବଲିଙ୍ଗଙ୍କୁ ଦେଖି ଭୟଭୀତ ହୋଇ ଗୋପାଳଟି ଗାଆଁକୁ ଯାଇ ସମସ୍ତ ଗ୍ରାମବାସୀଙ୍କୁ ଜଣାଇବା ପରେ ସେମାନେ ସମସ୍ତେ ଯାଇଁ ବାଙ୍କୀ ଗଡ଼ର ରାଜାଙ୍କୁ ଜଣାଇଲେ। ସେହି ସମୟରେ ବାଙ୍କୀର ରାଜା ଥିଲେ ଶ୍ରୀ ସିଂହ ଧଳ। ।ପ୍ରଜା ମାନଙ୍କ ଗୁହାରି ଶୁଣି ରାଜା ସେହି ସ୍ଥାନକୁ ପରିଦର୍ଶନ କରି ସେଠାରେ ଶିବ ମନ୍ଦିରଟିଏ ତୋଳାଇବାର ସମସ୍ତ ବନ୍ଦୋବସ୍ତ କରାଇଥିଲେ । ସେ ସମୟରେ ସେଠାରେ ଥିବା କଣ୍ଟି କପାଳୀ ନାମକ ଔଷଧୀୟ ଲଟାର ଏକ ଭାଗ ମନ୍ଦିରରେ ଅଦ୍ୟାବଧି ବିଦ୍ୟମାନ। ସୂକ୍ଷ୍ମ



କାରୁକାର୍ଯ୍ୟ ଯୁକ୍ତ ଏହି ମନ୍ଦିରଟିର ନିର୍ମାଣ କାର୍ଯ୍ୟ ସରିବା ପାଇଁ ପ୍ରାୟ ଦୁଇ ବର୍ଷ ସମୟ ଲାଗିଥିଲା। ରାଜା ସିଂହ ଧଳଙ୍କ ନାମାନୁସାରେ ଠାକୁର ସିଂହନାଥ ଦେ୍ୱ ନାମରେ ନାମିତ ହେଲେ। ରାଜା ସେଠାରେ ଠାକୁରଙ୍କ ନିତ୍ୟ ପୂଜାର୍ଚ୍ଚନା ପାଇଁ ସେବକମାନଙ୍କୁ ୧୧ ବାଟି ୧୧ ମାଣ ୧୧ ଗୁଣ୍ଠ ୧୧ ବିଶ୍ୱା ଜମି ଖଞ୍ଜା ଦେଇ ଥଇଥାନ କରାଇଲେ। ରାଜା ସିଂହ ଧଳ ଖୁବ୍ ପ୍ରଜାବତ୍ସଳ ଏବଂ ଧର୍ମ ପରାୟଣ ଥିଲେ। ତାଙ୍କର ରାଜତ୍ୱ କାଳ ଥିଲା ମାତ୍ର ପନ୍ଦରବର୍ଷ( ୧୨୮୩ ରୁ ୧୨୯୮ ମସିହା)। ସେହି ସମୟ ମଧ୍ୟରେ ସେ ବାଙ୍କୀ ଗଡ଼ର ଶ୍ରୀଚୈତନ୍ୟ ମନ୍ଦିର, କମଳାବାଗର କନକ ଦୁର୍ଗା ମନ୍ଦିର, ବୈଦ୍ୟେଶ୍ୱରର ସିଂହନାଥ , ରାମନାଥ ଏବଂ ବୈଦ୍ୟନାଥ ମନ୍ଦିର ଆଦି ନିର୍ମାଣ କରାଇଥିଲେ। ତାଙ୍କର ରାଜୁତିରେ ତାଙ୍କ ଧ୍ୱଜାରେ ସିଂହ ଚିହ୍ନ ରହିଥିଲା । ତେଣୁ ସେହି ସମୟକୁ ଐତିହାସିକ ତଥ୍ୟ ଭାବରେ ଗ୍ରହଣ କରାଯାଏ।

ସିଂହନାଥ ମନ୍ଦିରଟି ସମୁଦାୟ ଚାରି ଏକର ପରିମିତ ଭୂମିରେ ଅବସ୍ଥିତ ଏବଂ ଏହାର ଚାରିପଟ ସୁଉଚ୍ଚ ପାଚେରୀ ଦ୍ୱାରା ପରିବେଷ୍ଟିତ। ମୁଖ୍ୟ ମନ୍ଦିରଟିର ଉଚ୍ଚତା ଷାଠିଏ ଫୁଟ୍। ମନ୍ଦିରର ମୁଖଶାଳା ପଶ୍ଚିମ ଦିଗକୁ ରହିଛି। ଗମ୍ଭୀରା ମଧ୍ୟରେ ଶକ୍ତିଟି ସମ୍ପୂର୍ଣ୍ଣ ଦୃଶ୍ୟମାନ ହେଉଥିଲେ ମଧ୍ୟ ଲିଙ୍ଗ ଦୃଶ୍ୟମାନ ହୋଇ ନଥାନ୍ତି। କେବଳ ଲିଙ୍ଗ ସ୍ଥଳରେ ବେଷ୍ଟିତ ହୋଇଥିବା ସର୍ପରାଜ ଦୃଶ୍ୟମାନ ହୋଇଥାନ୍ତି। ପାର୍ଶ୍ୱ ଦେବତା ଭାବରେ ଦକ୍ଷିଣରେ ବିଘ୍ନରାଜ ଗଣେଶ, ଉତ୍ତରରେ ମା' ପାର୍ବତୀ, ଏବଂ ପୂର୍ବ ଦିଗରେ କାର୍ତ୍ତିକେୟ ପୂଜା ପାଉଛନ୍ତି। ମନ୍ଦିରର ପଛ ପଟକୁ ଏ ପାବଚ୍ଛ ଯୁକ୍ତ ବିରାଟ ପୁଷ୍କରିଣୀ ରହିଛି। ମନ୍ଦିର ମଧ୍ୟରେ ରନବେଦୀ, ଶିବବିବାହ ମଣ୍ଡପ, ଭେଟ ମଣ୍ଡପ ରହିଛି। ଠାକୁରଙ୍କ ସମ୍ମୁଖରେ ବୃଷଭ ଶାୟିତ ଅବସ୍ଥାରେ ପୂର୍ବ ଦିଗକୁ ମୁଖ କରି ରହିଛନ୍ତି।

ମନ୍ଦିର ବେଢ଼ା ପରିସରରେ ତ୍ରିନାଥ ମନ୍ଦିର, ରୋଷ ଶାଳା ଏବଂ ଯଜ୍ଞ ଶାଳା ରହିଛି। ଏହି ଯଜ୍ଞଶାଳାରେ ପ୍ରତି ପୂର୍ଣ୍ଣିମାରେ ବିଶ୍ୱଶାନ୍ତି ଯଜ୍ଞ ହୋଇଥାଏ। ମନ୍ଦିର ମଧ୍ୟରେ ରାମ ଲକ୍ଷ୍ମଣ, ଅନନ୍ତ ଶୟନ, ହନୁମାନ, ନବଗୁଞ୍ଜର, ଶୁକ ପକ୍ଷୀର ଭାଗବତ ଶ୍ରବଣ, ମା'ବ୍ରହ୍ମେଇ ଏବଂ ଜୟାବିଜୟା ମୂର୍ତ୍ତି ରହିଛନ୍ତି। ମୁଖ୍ୟ ପ୍ରବେଶ ଦ୍ୱାରଟି ରଥାକୃତିର ଯାହାର ସମ୍ମୁଖ ଭାଗରେ ଦୁଇଟି ଉଦ୍ୟତ ଅଶ୍ୱ ରହିଛନ୍ତି।

ଠାକୁର ମାନଙ୍କ ଦୈନନ୍ଦିନ ନୀତି କାନ୍ତିରେ ସକାଳ ମଙ୍ଗଳ ଆଳତୀ ପରେ ବାଲଭୋଗ, ମଧ୍ୟାହ୍ନରେ ଖେଚୁଡ଼ି ଭୋଗ ଏବଂ ସନ୍ଧ୍ୟା ଆଳତି ପରେ ବାଲଭୋଗ ଲାଗି ହୋଇଥାଏ।

ଶ୍ରୀ ସିଂହନାଥ ଦେବଙ୍କର ମୁଖ୍ୟ ପର୍ବ ମଧ୍ୟରେ ରହିଛି ଶୀତଳ ଷଷ୍ଠୀ ବା ଶିବବିବାହ, ମହାଶିବରାତ୍ରି, ଦୋଳପର୍ବ ଏବଂ କାର୍ତ୍ତିକ ମାସର ଭୀଷ୍ମ ପଞ୍ଚକ। ଏତଦବ୍ୟତୀତ ବର୍ଷର ଅନ୍ୟାନ୍ୟ ସମୟରେ ମଧ୍ୟ ଏଠାରେ ଭକ୍ତ ମାନଙ୍କ ଭିଡ଼ ଲାଗିରହିଥାଏ। ଆଖପାଖ ସମସ୍ତ ଗ୍ରାମର ଲୋକମାନଙ୍କ ଧାରଣାରେ ଶ୍ରୀ ସିଂହନାଥ ଖୁବ୍ ପ୍ରତ୍ୟକ୍ଷ ଦେବତା। ଜୟ ଶ୍ରୀ ସିଂହନାଥ ଦେବ।

♥ ଶାରଳା ଭବନ, ପୋତା
ପୋଖରୀ, କଟକ-୪

# ମୂଳ ଖରସ୍ରୋତା ପୁନଃରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଲେ କୋରାଇ ବିଧାୟକ ଆକାଶ ଦାସ ନାୟକ

ଧର୍ମଶାଳା, ୨୨/୬ (ନି.ପ୍ର): ଯାଜପୁର ଜିଲା ଖରସ୍ରୋତା ପୁନଃରୁଦ୍ଧାର ସମିତି, ମଧୁବନ ହାଟ ଓ ରସୁଲପୁର ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ କୋରାଇ ବିଧାୟକ ଆକାଶ ଦାସ ନାୟକଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଡାକବଙ୍ଗଳା ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଂଚଳର ଦୀର୍ଘ ଦିନର ଦାବି ପୁରଣ ହେବ । ଦାବି ମୁତାବକ, ମୂଳ ଖରସ୍ରୋତାର ପୁନଃରୁଦ୍ଧାର ହେବ ବୋଲି ବିଧାୟକ ଅକାଶ ଦାସ ନାୟକ ଯୋଗ ଦେଇ ପ୍ରତିଶୃତି ଦେଇଥିଲେ।

ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖରସ୍ରୋତା ପୁନଃରୁଦ୍ଧାର ସମିତି ସମେତ ଦୁଇ ଅନୁଷ୍ଠାନର ସମସ୍ତ ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ । ପ୍ରାକ୍ତନ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ କାର୍ଯ୍ୟ ପରିଚାଳନା କରିଥିଲେ । ଟିକରପଡା ଠାରୁ ଖଣ୍ଡିତର ପର୍ଯ୍ୟନ୍ତ ୧୨ କି.ମି. ଦୀର୍ଘ ଶୁଷ୍କ ନଦୀ ଶଯ୍ୟାର ପୁନଃରୁଦ୍ଧାର ପାଇଁ ଦୀର୍ଘ ଦୁଇ ଦଶନ୍ଧି ଧରି ବହୁବାର ଜନ ଅନ୍ଦୋଳନ ଚାଲି ଆସିଛି । ବହୁ ସମୟରେ ସରକାରରେ ଥିବା ନେତା, ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ବରିଷ୍ଠ ସରକାରୀ କର୍ମଚାରୀ ନଇର ପୁନଃରୁଦ୍ଧାର ପାଇଁ ବାରମ୍ବାର ପ୍ରତିଶୃତି ଦେଇ ଆସୁଥିଲେ ମଧ ବାସ୍ତବରେ ଏ ଦିଗରେ କୌଣସି ଆଖି ଦୃଶିଆ ପଦକ୍ଷେପ ଏ ପର୍ଯ୍ୟନ୍ତ ନିଆଯାଇ ପାରି ନାହିଁ । ଯାହାକି ଜନ ଅସନ୍ତୋଷ ବୃଦ୍ଧି ପାଇଛି । ଚଳିତ ନିର୍ବାଚନ ପୂର୍ବରୁ 'ନଦୀ ପୁନଃରୁଦ୍ଧାର ପ୍ରତିଶୃତି ନାହିଁ ତ ଭୋଟ ନାହିଁ' ଡାକରା ଦିଆଯିବା ପରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ଏହି ପ୍ରସଙ୍ଗ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥିଲେ । ତେବେ ଏହି ଶୁଷ୍କ ଖରସ୍ରୋତାର ପୁନଃରୁଦ୍ଧାର ହେବ ବୋଲି ବିଧାୟକ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଏହି ଆନ୍ଦୋଳନର ସକ୍ରୀୟ ସହଯୋଗୀ ଇଂ. ବିଶ୍ୱଜିତ ମହାନ୍ତି ନଈ ପୁନଃରୁଦ୍ଧାର ବିଗରେ ଥିବା ପ୍ରତିବନ୍ଧକ ହଟାଇବା ପାଇଁ ବିଧାୟକଙ୍କ ନିକଟରେ ନିବେଦନ କରିଥିଲେ । ଶେଷରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭ୍ୟ ତଥା ଶିକ୍ଷକ ନେତା ପ୍ରଦୀପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଶଶିଭୂଷଣ ସାହୁ ଓ ସମସ୍ତ କର୍ମକର୍ତା ସହଯୋଗ କରିଥିଲେ ।

# ତିନି ଠାକୁରଙ୍କ ସ୍ନାନ ଉତ୍ସବ ପାଳିତ

ନୂଆପଡ଼ା, ୨୨/୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ପ୍ରସିଦ୍ଧ ଖଡିଆଳ ଠାରେ ଆଜି ପାରମ୍ପରିକ ରୀତି ନୀତିରେ ତିନି ଠାକୁର ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ସ୍ନାନ ଉତ୍ସବ ପାଳିତ ହୋଇଥିବା ସହିତ ସୁଦର୍ଶନ, ଦୁଇ ଯୁଡ଼ା ଜଗନ୍ନାଥ ମିଳିତ ରୂପେ ସ୍ନାନ ମଣ୍ଡପରେ ସ୍ନାନ କରିଥିଲେ। ପଂଚ ଜଳ, ଗଙ୍ଗା ଜଳ, କ୍ଷୀର, ଦହି, ଘୃତ୍ ଆଦି ଦେଇ ପ୍ରଭୁଙ୍କ ସ୍ନାନ ହୋଇଥିବା ବେଳେ ତୁଳସୀ ପତ୍ରରେ ସିଂଚନ କରିଥାନ୍ତି। ଖଡ଼ିଆଳରେ ଦଧିବାମନ, ପତିତପାବନ ଏବଂ ବାମନ ରୂପେ ତିନି ଠାକୁର ପୂଜା ପାଉଥିବା ବେଳେ ତିନି ଗୋଟି ସ୍ୱତନ୍ତ୍ର ମନ୍ଦିରରେ ପୂଜା ପାଇଥାନ୍ତି। ତିନି ମନ୍ଦିର ପରିସର ମଧ୍ୟରେ ତିନି ଗୋଟି ସ୍ନାନ ମଣ୍ଡପରେ ଠାକୁରଙ୍କ ଦେବ ସ୍ନାନ ଉତ୍ସବ ପାଳିତ ହୋଇଯାଇଛି। ମଝିଆ ଗୁଡ଼ିରେ ଦୁଇ ଗୋଟି ଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଏବଂ ସୁଦର୍ଶନଙ୍କ ସ୍ନାନ ଉତ୍ସବ ପାଳିତ ହୋଇଅଛି। ସେବାୟତ ମାନେ ଗରିଆରେ ଜଳ ଆଣି ଠାକୁରଙ୍କୁ ଗଧାଉଥିବା ବେଳେ ସ୍ନାନ ସାରି ନୂତନ ପୋଷାକ ବେଶ ବୁସାରେ ସୁସଜ୍ଜିତ ହୋଇଛନ୍ତି। ସେବାୟତ ମାନେ ସେବା ରେ ଯୋଗ ଦାନ କରି ନିଜ କର୍ତବ୍ୟ ପାଳନ କରିଥିଲେ। ସେହିପରି ଆଜି ପବିତ୍ର ଦେବସ୍ନାନ ପୂର୍ଣମା ଝୋଲପଥର ଗ୍ରାମ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ରେ ଚାରି ଦିଅଁଙ୍କ ସ୍ନାନୋତ୍ସବ ମହାସମାରୋହ ଶହ ଶହ ଭକ୍ତମାନଙ୍କ ଗହଣ ରେ ପାଳିତ ହୋଇଯାଇଛି। ଏହି ସମୟରେ ଘଂଟ, ଶଙ୍ଖ, ମାଦଳ, ହରିବୋଲ ହୁଳହୁଳି ଶବ୍ଦ ରେ ମନ୍ଦିର ପ୍ରାଙ୍ଗଣ ପ୍ରକମ୍ପିତ ହୋଇଉଠିଥିଲା। ଏଥରେ ମନ୍ଦିରର ପ୍ରତିଷ୍ଠାତା ଡ:ଶିଦ୍ଧାର୍ଥ ମହାପାତ୍ର ଓ ତାଙ୍କର ଧର୍ମପତ୍ନୀ ମଞ୍ଜୁଳା ମହାପାତ୍ର କର୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ମନ୍ଦିର ପୂଜକ ହେମନ୍ତ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ। ପୂଜା କମିଟିର ସଦସ୍ଯ ଗୁରୁବାରୁ ରାଉତ, ଅମୂଲ୍ଯ କୁମାର ମୁଣ୍ଡ, ଝାଟି ମେହେର, କୁନୁ ମେହେର , ବିରାଟ ମେହେର ଶ୍ରୀ ରବିନ୍ଦ୍ର ମହାପାତ୍ର, ଗ୍ରାମ ର ଝାଁକର ପୁର୍ଣ୍ଣ ଚନ୍ଦ୍ର ଶବର ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ରବିନ୍ଦ୍ର ମହାପାତ୍ର ବାଦ୍ଯ ପରିବେଷଣ କରିଥିବା ବେଳେ ବିରାଟ ମେହେର, ସାଧୁ ମେହେର ପ୍ରମୁଖ ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗୌତମ ପ୍ରସାଦ ମୁଣ୍ଡ ଦେବସ୍ନାନ ସମ୍ବନ୍ଧୀୟ ସ୍ୱରଚିତ ଏକ ଭଜନ ପରିବେଷଣ କରିଥିଲେ। ସ୍ନାନବିଦ୍ଧି ସରିଲା ପରେ ଚତୁର୍ଧା ବିଗ୍ରହ ଅଣସର ବିଜେ କଲେ।ସେହିପରି ଖଡ଼ିଆଳ ବ୍ଲକ ତୁକଲା ଶ୍ରୀ ଜଗନ୍ନାଥ ମନ୍ଦିରରେ ଆଜି ଦେବ ସ୍ନାନ ପୂର୍ଣ୍ଣିମା ଆୟୋଜିତ ହୋଇ ଯାଇଛି। ଆଜି ସକାଳୁ ଚତୁର୍ଦ୍ଧାମୂର୍ତିଙ୍କ ମଙ୍ଗଳ ଆଳତି ସହ ହୋମ ଯଜ୍ଞ କରାଯାଇଥିଲା। ତୁଳସୀ ମେହେର ସପତ୍ନୀ କର୍ତା କାର୍ଯ୍ୟ ତୁଲାଇଥିବା ବେଳେ ଗୌରୀ ହୋତା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ଠାକୁର ମାନଙ୍କୁ ସୁଗନ୍ଧିତ ଦିବ୍ୟ ଜଳରେ ସ୍ନାନ କରାଯାଇଥିଲା। ପୁରୀ ମନ୍ଦିର ରୀତିନୀତି ଅନୁସାରେ ଏଠାରେ ଠାକୁର ମାନେ ୧୦୮ କଳସ ଜଳରେ ଦିବ୍ୟ ସ୍ନାନ ହୋଇଥିଲେ। ମନ୍ଦିର କମିଟି ସଭାପତି ଦିନେଶ ପ୍ରସାଦ ତିୱାରୀ, କମିଟି ସଦସ୍ୟ ଗଣେଶ ଦୁବେ, ମହେନ୍ଦ୍ର ଦାଶ, ତୁଲାରାମ ପଟେଲ, ମଧୁ ସୂଦନ ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ତିନି ଠାକୁରଙ୍କ ଦର୍ଶନ କରି ଦିବ୍ୟ ଅନୁଭୂତି ପ୍ରାପ୍ତ କରିଥିଲେ।ସେହିପରି ଖଡ଼ିଆଳ ବ୍ଲକ ମାଲପଡ଼ା ଶ୍ରୀ ଜଗନ୍ନାଥ ମନ୍ଦିରରେ ଆଜି ଦେବ ସ୍ନାନ ପୂର୍ଣ୍ଣମା ଆୟୋଜିତ ହୋଇ ଯାଇଛି। ଆଜି ସକାଳୁ ଚତୁର୍ଦ୍ଧାମୂର୍ତିଙ୍କ ମଙ୍ଗଳ ଆଳତି ସହ ହୋମ ଯଜ୍ଞ କରାଯାଇଥିଲା। ଦୀପକ ମେହେର ଓ ସଂଗୀତା ମେହେର କର୍ତା। କାର୍ଯ୍ୟ ତୁଲାଇଥିବା ବେଳେ କିଶୋର ଦାଶ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ଠାକୁର ମାନଙ୍କୁ ସୁଗନ୍ଧିତ ଦିବ୍ୟ ଜଳରେ ସ୍ନାନ କରାଯାଇଥିଲା। ପୁରୀ ମନ୍ଦିର ରୀତିନୀତି ଅନୁସାରେ ଏଠାରେ ଠାକୁର ମାନେ ୧୦୮ କଳସ ଜଳରେ ଦିବ୍ୟ ସ୍ନାନ ହୋଇଥିଲେ। ମନ୍ଦିର କମିଟି ସଭାପତି ଆତ୍ମାରାମ ମେହେର, କମିଟି ସଦସ୍ୟ ବେଣୁଧର ମେହେର, ନେତ୍ର ମେହେର, ଉତମ ମେହେର, ପୂର୍ବତନ ସଭାପତି ଦିନେଶ ପ୍ରସାଦ ତିୱାରୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ତିନି ଠାକୁରଙ୍କ ଦର୍ଶନ କରି ଦିବ୍ୟ ଅନୁଭୂତି ପ୍ରାପ୍ତ କରିଥିଲେ। ସେହିପରି ଖଡ଼ିଆଳ ବ୍ଲକ ଦୋହେଲ ପଡ଼ା ଗ୍ରାମ ସ୍ଥିତ ଜଗନ୍ନାଥ ମନ୍ଦିରରେ ଆଜି ଚତୁର୍ଦ୍ଧାମୂର୍ତିଙ୍କ ଦିବ୍ୟ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଆଜି ସକାଳୁ ଠାକୁରଙ୍କ ମଙ୍ଗଳ ଆଳତୀ ପରେ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଥିଲେ। ପରେ ଦିବ୍ୟ ଓ ସୁଗନ୍ଧିତ ଜଳରେ ଠାକୁର ମାନଙ୍କୁ ସ୍ନାନ କରାଯାଇଥିଲା। ଆଖ ପାଖ ଅଂଚଳର ଶତାଧିକ ଲୋକ ଏଥିରେ ସାମିଲ ହୋଇଥିଲେ। ପୂର୍ଣ୍ଣଚନ୍ଦ୍ର ବେହେରା ସପତ୍ନୀ କର୍ତା କାର୍ଯ୍ୟ ତୁଲାଇଥିବା ବେଳେ ପୂର୍ବତନ ଖଡ଼ିଆଳ ବ୍ଲକ ଅଧକ୍ଷ କେଶବ ବେହେରା, ଖାସବାହାଲ ସରପଂଚ କୁନୁ ଚରଣ ବେହେରା, ପୂର୍ବତନ ସରପଂଚ ସନ୍ତୋଷ ନିଆଲ, ଜାମଖୁଂଟା ସରପଂଚ ଉଦ୍ଧବ ବେହେରାଙ୍କ ସମେତ ଖଗେଶ୍ୱର ବେହେରା, ନାରାୟଣ ରାଉତ, ଘନେଶ୍ୱର ବେହେରା ପ୍ରମୁଖ ଦେବ ସ୍ନାନ ପୂର୍ଣ୍ଣିମାରେ ସହଯୋଗ କରିଥିଲେ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବିଶ୍ୱ ଯୋଗ ଦିବସ

କେନ୍ଦ୍ରାପଡ଼ା, ୨୨/୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୌଜନ୍ୟରୁ ବାରୋ ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆନୁକୂଲ୍ୟରେ ସି.ଏଚ୍.ଓ କୃଷ୍ଣାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତୀୟ ଯୋଗ ଦିବସ ଯଥାବିଧି ପାଳିତ ହୋଇଯାଇଛି । ବାରୋ ସରପଂଚ ଗୋପୀନାଥ ମଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ । ମୁଖ୍ୟ ବକ୍ତା ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ବିକାଶ ପଟ୍ଟନାୟକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯୋଗର ଉପାଦେୟତା ସଂପର୍କରେ ସୂଚନା ପ୍ରଦାନ କରିବା ସହିତ ବିଶ୍ୱ ଯୋଗ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ସି.ଏଚ୍. ଓ ଶ୍ରୀଯୁକ୍ତ ମହାପାତ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହିଳା ସ୍ୱାସ୍ଥ୍ୟ କର୍ମୀ ଲିଲି ସ୍ୱାଇଁ ଏବଂ ସ୍ୱାସ୍ଥ୍ୟ କର୍ମୀ ଦେବାନନ୍ଦ ପରିଡା ସୁସ୍ଥ ଶରୀର ଚର୍ଯ୍ୟା କ୍ଷେତ୍ରରେ ଯୋଗର ଭୂମିକା ସଂପର୍କରେ ଆଲୋଚନା କରିଥିଲେ । ଆଶା କର୍ମୀ ସରସ୍ୱତୀ ସ୍ୱାଇଁ ଜୟନ୍ତୀ ମଲିକ, ସ୍ନେହଲତା ପ୍ରଧାନ, ବାରୋ ସ୍ଥିତ ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡାଙ୍କ ସମେତ ବହୁ ବୁଦ୍ଧିଜୀବି ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ନିଜ ନିଜର ମତାମତ ପ୍ରଦାନ କରିଥିଲେ ।

# କନ୍ଧମାଳ ଜିଲ୍ଲାରେ ସିକ୍ୟୁରିଟି ଗାର୍ଡ ଏବଂ କ୍ୟାସ୍ ସର୍ଭିସ ପାଇଁ ପ୍ରଶିକ୍ଷଣ ଚୟନ ଶିବିର

କନ୍ଧମାଳ, ୨୨/୬ (ନି.ପ୍ର): ଜିଲ୍ଲା ନିୟୋଜକ କାର୍ଯ୍ୟାଳୟ, କନ୍ଧମାଳ ଓ ଏସ୍.ଆଇ.ଏସ୍.ର ମିଳିତ ସହଯୋଗରେ ଜିଲ୍ଲାର ପ୍ରତି ବ୍ଲକରେ ଏସ୍.ଆଇ.ଏସ୍.ରେ ସିକ୍ୟୁରିଟି ଗାର୍ଡ(ସାଧାରଣ ପଦବୀ)ଏବଂ କ୍ୟାସ୍ ସର୍ଭିସ୍ ପଦବୀ ପାଇଁ ପ୍ରଶିକ୍ଷଣ ନିମନ୍ତେ ଚୟନ ଶିବିର ଅନୁଷ୍ଠିତ ହେବବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିୟୋଜନ ଅଧିକାରୀ, କନ୍ଧମାଳ, ଫୁଲବାଣୀ ସୂଚନା ଦେଇଛନ୍ତି। ରିଜିଓନାଲ୍ ଟ୍ରେନିଂ ଏକାଡେମୀ, କଟକ ଦ୍ୱାରା ପ୍ରଶିକ୍ଷଣ ସମାପ୍ତ ପରେ ୧୦୦ ଶତକଡ଼ା ଚାକିରିର ଗ୍ୟାରେଂଟି ମଧ ଏସ୍.ଆଇ.ଏସ୍. ଦେଉଛି। ତାଙ୍କର ନିଯୁକ୍ତି ଟିମ୍ ଏହି ଚୟନ ଶିବିର ପରିଚାଳନା କରିବେ। ଏହି ଚୟନ ଶିବିର ଚଳିତ ଜୁନ୍ ମାସ ୨୪, ୨୫, ୨୬, ୨୭ ଓ ୨୮ତାରିଖ ଏବଂ ଆସନ୍ତା ଜୁଲାଇ ମାସ ୦୧, ୦୨, ୦୩, ୦୪, ୦୫, ୦୮ ଓ ୦୯ ତାରିଖ ଦିନ ୦୯ଟାରୁ ଅପରାହ୍ନ ୦୧ ଘଂଟା ସମୟ ମଧ୍ୟରେ ଯଥାକ୍ରମେ ଚୁମୁଡ଼ିବନ୍ଧ, କୋଟଗଡ଼, ଦାରିଙ୍ଗିବାଡ଼ି, ବାଲିଗୁଡ଼ା, କେ. ନୂଆଗାଁ, ରାଇକିଆ, ଘୁ.ଉଦୟଗିରି, ଟିକାବାଲି, ପିରିଙ୍ଗିଆ, ଫୁଲବାଣୀ, ଖଜୁରୀପଡ଼ା ଏବଂ ଚକାପାଦ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ, କନ୍ଧମାଳଙ୍କ ସୂତ୍ରରୁ ଜଣାପଡ଼ିଛି। ପଦବୀ ଅନୁଶାରେ ଶିକ୍ଷାଗତ ଯୋଗ୍ୟତା, ଉଚ୍ଚତା, ଓଜନ ଓ ବେତନ ସ୍ଥିର କରାଯାଇଛି। ସିକ୍ୟୁରିଟି ଗାର୍ଡ(ସାଧାରଣ ପଦବୀ) ପାଇଁ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ୍ କିମ୍ବା ଫେଲ୍ ଥିବାବେଳେ, କ୍ୟାସ୍ ସର୍ଭିସ୍ ପଦବୀ ପାଇଁ ୨ ପାସ୍ ରଖାଯାଇଛି। ସମସ୍ତ ପଦବୀ ପାଇଁ ବୟସ ସୀମା ୧୯ରୁ ୪୦ ବର୍ଷ ଥିବା ବେଳେ ସିକ୍ୟୁରିଟି ଗାର୍ଡ(ସାଧାରଣ ପଦବୀ) ପାଇଁ ଉଚ୍ଚତା ୧୬୭.୫ ମି. ଓ କ୍ୟାସ୍ ସର୍ଭିସ୍ ପଦବୀ ପାଇଁ ୧୬୫ମି. ହୋଇଥିବା ଆବଶ୍ୟକ। ସିକ୍ୟୁରିଟି ଗାର୍ଡ(ସାଧାରଣ ପଦବୀ) ପାଇଁ ଓଜନ ୫୬ରୁ୯୦ କିଲୋ ଓ କ୍ୟାସ୍ ସର୍ଭିସ୍ ପଦବୀ ପାଇଁ ୫୦ରୁ ୯୦ କିଲୋ ହୋଇଥିବା ଆବଶ୍ୟକ। ସେହିପରି, ସିକ୍ୟୁରିଟି ଗାର୍ଡ(ସାଧାରଣ ପଦବୀ) ପାଇଁ ବେତନ ୧୪ହଜାର ଟଙ୍କାରୁ ୨୫ହଜାର ଟଙ୍କା ରଖାଯାଇ ଥିବାବେଳେ ଓ କ୍ୟାସ୍ ସର୍ଭିସ୍ ପଦବୀ ପାଇଁ ୧୪ହଜାର ଟଙ୍କାରୁ ୧୯ହଜାର ଟଙ୍କା ରଖାଯାଇଛି। ବ୍ଲକ୍ରେ ଚୟନହେବା ପରେ ସେମାନଙ୍କୁ ଚୌଦାର,କଜଳକଣା ଛକ, ରିଜିଓନାଲ୍ ଟ୍ରେନିଂ ଏକାଡେମୀ, କଟକ ଠାରେ ପ୍ରଶିକ୍ଷଣ ଦିଆଯିବ। ପ୍ରଶିକ୍ଷଣ ପରେ, ବିର୍ଲା, ଏଲ୍. ଏଣ୍ଡ୍ ଟି., ହାଲ୍, ନାଲ୍କୋ, ଟାଟା, ଜିନ୍ଦଲ୍, ଅଇ.ଓ.ସି.ଏଲ୍., ଜେ.ଏସ୍.ଡବ୍ଲ୍ୟୁ., ଏମ୍.ସି.ଏଲ୍., ଇଫକୋ, ପିପିଏଲ, ପୋର୍ଟ ଓ ହସ୍ପିଟାଲ୍ ଭଳି ସ୍ଥାନରେ ପ୍ରଶିକ୍ଷାର୍ଥୀମାନଙ୍କୁ ୬୫ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ଚାକିରୀ ଦେବାର ପ୍ରତିଶୃତି ସହିତ ବେତନ ବୃଦ୍ଧି,ପ୍ରମୋଶନ, ବୋନସ, ପେନ୍ସନ୍ ଯୋଜନା, ଗ୍ରାଚ୍ୟୁଟି, ପ୍ରୋଭିଡେଣ୍ଟ ଫଣ୍ଡ ଏବଂ ଆହୁରି ଅନେକ ସୁବିଧା ରହିଛିବୋଲି ଏସ୍.ଆଇ.ଏସ୍. ସୂଚନା ଦେଇଛି। ତେବେ, ଚୟନିତ ପ୍ରାର୍ଥୀଙ୍କ ପାଇଁ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ପଞ୍ଜିକରଣ ଶୁଳ୍କ ୩୫୦ଟଙ୍କା ରଖାଯାଇଛି ଯାହା ଫୋନ୍ ପେ ମାଧ୍ୟମରେ ଦେୟ ହେବ ବୋଲି ଜଣାପଡ଼ିଛି। ଚୟନବେଳେ ଏସ୍.ଆଇ.ଏସ୍.ର ନିଯୁକ୍ତି ଟିମ୍ଙ୍କ ଠାରୁ ସମସ୍ତ ତଥ୍ୟ ଯୋଗାଇଦିଆଯିବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ, କନ୍ଧମାଳ ଜଣାଇଛନ୍ତି।

# କେନ୍ଦ୍ରାପଡ଼ା ସୁରକ୍ଷା ସମିତିର ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୨/୬ (ନି.ପ୍ର): କଟକ-ଚାନ୍ଦବାଲି ରାସ୍ତା ମଧ୍ୟରେ କେନ୍ଦ୍ରାପଡା ସ୍ଥିତ ତିନିମୂହାଣୀ ଗୋବରୀ ନଦୀ ପୋଲର ଅପ୍ରୋଚ ରୋଡ ଜୁନ ମାସ ୮ ତାରିଖ ଦିନ ଧସିକରି ଭାସିଯାଇଛି । ଯାହାଫଳରେ ଏହି ରାସ୍ତାରେ ବିପଦ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡା ସୁରକ୍ଷା କମିଟିର ସଦସ୍ୟମାନେ ନିମ୍ନମାନର କାର୍ଯ୍ୟକୁ ବିରୋଧ କରିଛନ୍ତି । ତେଣୁ ଆଗକୁ ବର୍ଷାଦିନ ଆସୁଥିବାରୁ ଗୋବରୀ ନଦୀରେ ପାଣି ଆସିଲେ ତାହା ସମ୍ପୂର୍ଣ୍ଣ ରୂପେ ଧୋଇଯିବ । କ୍ୱାରଣ ଏହି ରାସ୍ତାରେ ପ୍ରତିଦିନ ଶହ ଶହ ବାଲି ବୋଝେଇ ହାଇୱା ଯିବା ଆସିବା କରୁଛି । ରାସ୍ତା ଦୁର୍ବଳ ଥିବାରୁ ବର୍ତମାନ ସମୟରେ ଭାରୀଯାନ ଏହି ରାସ୍ତାରେ ନିଷେଧ କରାଯିବା ଉଚିତ। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଏ ଦିଗରେ ସତର୍କ ରହିବା ପାଇଁ କମିଟି ଚେତାବନୀ ଦେଇଛି । ଏହାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚେତାବନୀ ଦେଇଛନ୍ତି ।

ଘଟଣାରୁ ପ୍ରକାଶ ଯେ କଟକ - ଚାନ୍ଦବାଲି ସ୍ଥିତ ଗୋବରୀ ନଦୀର ପୋଲ ପାଖରେ ଆଉ ଏକ ନୂତନ ପୋଲର ନିର୍ମାଣ କାର୍ଯ୍ୟ ଦାୟିତ୍ୱ ଗତ ୨୦୨୧ ମସିହା ଅକ୍ଟୋବର ୧୧ ତାରିଖରେ କେନ୍ଦ୍ରାପଡା ସ୍ଥିତ ପୂର୍ତ ବିଭାଗ ଅଧିନରେ ବି.ଏଲ୍ ଇଞ୍ଜିନିୟର ନାମକ ଏକ ଠିକା ସଂସ୍ଥାର ମାଲିକ ତତ୍କାଳୀନ ମନ୍ତ୍ରୀଙ୍କର ସମ୍ପର୍କୀୟ କୌଶିକ ଜେନାଙ୍କୁ ଦିଆଯାଇଥିଲା । ଏହାର ଅବଧି ୨୦୨୨ ମସିହା ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ବିଭାଗ ଏବଂ ଠିକାଦାର ମଧ୍ୟରେ ଚୁକ୍ତି କରାଯାଇଥିଲା। ଏହାର ଅଟକଳ ମୂଲ୍ୟ ୬,୦୧,୬୭,୦୨୨ ଟଙ୍କା ଥିଲା । ତାହା ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇନାହିଁ । କେନ୍ଦ୍ରାପଡା ସୁରକ୍ଷା ସମିତିର ଦାବି ହେଉଛି ଯେ ଏହିପରି ଗତ ଏକ ବର୍ଷ ତଳେ କେନ୍ଦ୍ରାପଡା ଆର ଅଣ୍ଡ ବି ଡିଭିଜନ-୧ ଅଧିନରେ ଏ.ଆର.ଏସ୍.ଏସ୍. କମ୍ପାନି ଦ୍ୱାରା ଏକ ବ୍ରିଜ ନିର୍ମାଣ କରାଯାଇଥିବା ଅବସ୍ଥାରେ ଭୁଷୁଡି ଯାଇଥିଲା । ତାହା ମଧ କେନ୍ଦ୍ରାପଡାବାସୀଙ୍କ ସମେତ ଓଡିଶାବାସୀ ଓ ଗଣମାଧମ ପ୍ରତିନିଧିମାନେ ଅବଗତ ଅଛନ୍ତି । ବର୍ତମାନ ଯେଉଁ ଠିକାଦାର ନୂତନ ଏଚ୍.ଏଲ୍ ପୋଲ ନିର୍ମାଣ କରୁଛି ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଭାବରେ(ନିର୍ବାହୀ ଯନ୍ତ୍ରୀ) ଓ ଠିକାଦାର ଯେତିକି ସାବଧାନତା ଅବଲମ୍ବନ କରିବା କଥା ତାହା ନେଇ ନଥିବାରୁ ପୁରୁଣା ପୋଲର ଆପ୍ରୋଚ ରୋଡ ଧସିଯାଇଛି ଏବଂ ମୁଖ୍ୟ ରାସ୍ତାର ଏକ ଅଙ୍ଗକୁ ବ୍ୟାରିକେଟ ଦିଆଯାଇ ବନ୍ଦ କରି ଦିଆଯାଇଛି । ଯାହାଦ୍ୱାରା ଟ୍ରାଫିକ ସମସ୍ୟା ଉପୁନ ହେଉଛି । କେନ୍ଦ୍ରାପଡା ସୁରକ୍ଷା ସମିତି ଦାବି କରୁଛି ଯେ ଆଗକୁ ବର୍ଷାଦିନ ଆସୁଥିବାରୁ ଯେଉଁ ଢଙ୍ଗରେ କାର୍ଯ୍ୟ କରାଯାଉଛି ନଦୀରେ ପାଣି ଆସିଲେ ତାହା ସମ୍ପୂର୍ଣ୍ଣ ରୂପେ ଧୋଇଯିବ । ଏହାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚେତାବନୀ ଦିଆଯାଉଛି ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି । ଏହାର ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡିତ କରାଯିବା ପାଇଁ ଦାବି ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡା ସୁରକ୍ଷା ସମିତିର ଆବାହକ କରୁଣାକର ସାହୁ, ସଦସ୍ୟ ଶଶାଙ୍କ ଶେଖର ଜେନା, ମାଧବ ଜେନା, ବଟକୃଷ୍ଣ ମହାରଣା, ପର୍ଶୁରାମ ସାହୁ, ଗୋଲକ ସେଠୀ, ନରେନ୍ଦ୍ର ସାହୁ, କାଳନ୍ଦୀ ପୃଷ୍ଟି, ମନୋରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରତ୍ନବେଦୀ ଛାଡ଼ି ...

ଅତ୍ୟଧିକ ଗାଧୋଇବା ଯୋଗୁଁ ଭାଇ ଓ ଭଉଣୀଙ୍କ ସହ ଜ୍ୱରରେ ପଡିଥାନ୍ତି ଜଗନ୍ନାଥ । ଅଣସର ଘରେ ଗୁପ୍ତ ସେବା ପରେ ଜ୍ୱରରୁ ଆରୋଗ୍ୟ ଲାଭ କରିନ୍ତି ମହାପ୍ରଭୁ । ଏଥର ୧୩ ଦିନ ଧରି ଚାଲିବ ଅଣସର ନୀତି । ଭକ୍ତଙ୍କୁ ଦେଖା ଦେବା ପାଇଁ ନିଜେ ବାହାରକୁ ଆସିବେ ଭଗବାନ । ଜଗନ୍ନାଥ ସଂସ୍କୃତିରେ ବର୍ଣ୍ଣିତ ଭଗବାନଙ୍କ ଏହି ମାନବୀୟ ଲୀଳା ସମାନତାର ସଂଦେଶ ଦେଇଥାଏ ଜଗତକୁ । ୧୯୭୧ ମସିହା ପରେ ଚଳିତ ବର୍ଷ ଦୁଇ ଦିନ ପଡୁଛି ରଥଯାତ୍ରା ।

### ୧୦ ବର୍ଷ ଜେଲ୍, ୧...

ବର୍ଷ ପର୍ଯ୍ୟନ୍ତ ଦଣ୍ଡବିଧାନ ଏବଂ ପେପର ଲିକରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ୧୦ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି। ୟୁପିଏସସି, ଏସଏସସି, ରେଳବାଇ, ବ୍ୟାଙ୍କିଙ୍ଗ୍ ନିଯୁକ୍ତି ପରୀକ୍ଷା ଏବଂ ଜାତୀୟ ପରୀକ୍ଷା ଏଜେନ୍ସି ଦ୍ୱାରା ପରିଚାଳିତ ସମସ୍ତ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା ଏହି ଆଇନ୍‌ରେ ଅନ୍ତର୍ଭୁକ୍ତ ହେବ। ସର୍ବସାଧାରଣ ପରୀକ୍ଷା ଅଧିନିୟମ ୨୦୨୪ରେ କୁହାଯାଇଛି ଯେ, ପ୍ରଶ୍ନପତ୍ର ଲିକ୍ କିମ୍ବା ଉତ୍ତର କପି ଲିକ୍', କୌଣସି ସାର୍ବଜନୀନ ପରୀକ୍ଷାରେ ପ୍ରାର୍ଥୀଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ସହାୟତା କରିବା, ଏବଂ କୌଣସି ବ୍ୟକ୍ତି, ଗୋଷ୍ଠୀ କିମ୍ବା ଅନୁଷ୍ଠାନ ଦ୍ୱାରା କମ୍ପ୍ୟୁଟର ନେଟୱାର୍କ କିମ୍ବା କମ୍ପ୍ୟୁଟର ସଂସାଧନ ଅଥବା କମ୍ପ୍ୟୁଟର ସିଷ୍ଟମ ସହିତ ଟାମ୍ପରିଂ କରିବା ଅପରାଧ। କହିରଖୁ ଯେ, ନେଟ୍ ଓ ନିଟ୍ ପରୀକ୍ଷାରେ ହେରଫେର ଖବର ସାମ୍ନାକୁ ଆସିବା ପରେ ଏହାକୁ ନେଇ ପୂରା ଦେଶରେ ଜୋରଦାର ବିରୋଧ ଜାରି ରହିଛି। ଏଭଳି ପରିସ୍ଥିତିରେ ଏନଟିଏ-ସିଏସଆର-ୟୁଜିସି-ନେଟ୍ ପରୀକ୍ଷାକୁ ମଧ ସ୍ଥଗିତ ରଖିଛି। ଏହି ପରୀକ୍ଷା ଆସନ୍ତା ୨୫ରୁ ୨୭ତାରିଖ ମଧ୍ୟରେ ହେବାର ଥିଲା। ତେବେ କିଛି ଅନିବାର୍ଯ୍ୟ କାରଣ ଓ ଲଜିଷ୍ଟିକ୍ କାରଣରୁ ପରୀକ୍ଷାକୁ ସ୍ଥଗିତ କରାଯାଇଥିବା ଏନଟିଏ କହିଛି।

### ପ୍ରାକ-ବଜେଟ୍ ପରାମର୍ଶ ...

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ ଦାଖଲ କରାଯାଇଥିଲା । ତେବେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଓଡିଶାର ଉପମୁଖ୍ୟମନ୍ତ୍ରୀ ତାଙ୍କ ସଂକ୍ଷିପ୍ତ ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଓଡିଶାରେ ଆନ୍ତର୍ଜାତୀୟ ନିବେଶ, ସେମିକଣ୍ଡକ୍ଟର ଶିଳ୍ପକୁ ଆକର୍ଷିତ କରିବା ସହ ଓଡିଶାକୁ ଏକ ନିବେଶ କେନ୍ଦ୍ର ଭାବରେ ଉପଯୁକ୍ତ ପ୍ରୋତ୍ସାହନ ଏବଂ ପାରାଦୀପ ବନ୍ଦରର ସମ୍ପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବିଶେଷ ସହାୟତା । ଭିତ୍ତିଭୂମି ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜି ନିବେଶ ନିମନ୍ତେ ସ୍ୱତନ୍ତ୍ର ସହାୟତା ଯୋଜନା ୨୦୨୪-୨୫ (ଏସଏସିଆଇ) ଅଧୀନରେ ରାଜ୍ୟକୁ ଅଧିକ ଆବଣ୍ଟନ ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି । କେନ୍ଦ୍ର ବଜେଟରେ ସିଏସଏସ୍ ଯୋଜନା ଅଧୀନରେ ରାଜ୍ୟ-ୱାରି ବାର୍ଷିକ ଆବଣ୍ଟନର ଅଗ୍ରୀମ ସୂଚନା, ଯାହା ରାଜ୍ୟମାନଙ୍କୁ ସେମାନଙ୍କର ବଜେଟକୁ ବାସ୍ତବ ଭିତ୍ତିରେ ପ୍ରସ୍ତୁତ ଏବଂ ପାଣ୍ଠିର ସମୟାନୁବର୍ତ୍ତୀ ଉପଯୋଗ କରିବାରେ ସହାୟକ ହେବ । ଓଡ଼ିଶାର ସମ୍ବଲପୁର ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ବଜେଟ, ୨୦୨୪-୨୫ ରେ ଉପଯୁକ୍ତ ବ୍ୟବସ୍ଥା । ଓଡିଶାରେ ଜାତୀୟ ରାଜପଥ, ବିଶେଷକରି କୋଷ୍ଟାଲ୍ ହାଇୱେ ଏବଂ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (ସିଆରଆର) ପ୍ରକଳ୍ପର ଶୀଘ୍ର ସମାପ୍ତି ନିମନ୍ତେ ଉପଯୁକ୍ତ ପଦକ୍ଷେପ ସହ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳା ସଶକ୍ତିକରଣ ପାଇଁ କେନ୍ଦ୍ର ସରକାରଙ୍କ ଆଂଶିକ ସହାୟତା ପାଇଁ ଅନୁରୋଧ କରାଯାଇଛି । ଓଡ଼ିଶାର ସମ୍ବଲପୁର ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ବଜେଟ, ୨୦୨୪-୨୫ ରେ ଉପଯୁକ୍ତ ବ୍ୟବସ୍ଥା । ଓଡିଶାରେ ଜାତୀୟ ରାଜପଥ, ବିଶେଷକରି କୋଷ୍ଟାଲ୍ ହାଇୱେ ଏବଂ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (ସିଆରଆର) ପ୍ରକଳ୍ପର ଶୀଘ୍ର ସମାପ୍ତି ନିମନ୍ତେ ଉପଯୁକ୍ତ ପଦକ୍ଷେପ ସହ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳା ସଶକ୍ତିକରଣ ପାଇଁ କେନ୍ଦ୍ର ସରକାରଙ୍କ ଆଂଶିକ ସହାୟତା ପାଇଁ ଅନୁରୋଧ କରାଯାଇଛି ।ପିଏମଏୱାଇ ଯୋଜନା ଅଧୀନରେ ଓଡିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପାଇଁ ଅତି କମରେ ୫ ଲକ୍ଷ ଘର ନିର୍ମାଣ ପାଇଁ କେନ୍ଦ୍ର ବଜେଟରେ ଆବଶ୍ୟକୀୟ ଆବଣ୍ଟନ । ଓଡିଶାରେ ନୂତନ ସହରର ବିକାଶ ଏବଂ ଦ୍ରୁତ ସହରୀକରଣ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା; ଏବଂ ଓଡ଼ିଶାରେ ବିଦ୍ୟୁତ୍ କ୍ଷେତ୍ର ସମସ୍ୟାର ସମାଧାନ ନିମନ୍ତେ, ସଂଶୋଧିତ ବିତରଣ ସେକ୍ଟର ସ୍କିମ୍ (ଆଡିଏସଏସ) ଅଧୀନରେ ଓଡିଶା ବିଦ୍ୟୁତ ବିତରଣ ସଂସ୍ଥା (ଡିଆଇଏସସିଓଏମ୍) ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା, ସବୁଜ ହାଇଡ୍ରୋଜେନ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ପାଇଁ ଆର୍ଥିକ ସହାୟତା ଏବଂ ଓଡିଶାରେ ଗ୍ରୀନ୍ ଏନର୍ଜି କରିଡର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଅର୍ଥ ପ୍ରଦାନ ଆବଶ୍ୟକ ବୋଲି ରାଜ୍ୟ ପକ୍ଷରୁ କୁହାଯାଇଛି ।

### ଜିଏସଟିକୁ ନେଇ ବଡ଼ ଘୋଷଣା...

ଜାତିୟ କାନ୍ସ ଓ ସୋଲାର କୁକର୍ସ ଉପରେ ୧୨% ଜିଏସ୍‌ଟି ଲାଗୁ ହେବ ବୋଲି ବୈଠକ ପରେ ଅର୍ଥମନ୍ତ୍ରୀ ସୀତାରମଣ ଘୋଷଣା କରିଛନ୍ତି। ସେ କହିଛନ୍ତି, ସମସ୍ତ ପ୍ରକାରର କାଗଜରୁ ପ୍ରସ୍ତୁତ ପେଟି ଓ କେସେସ ଉପରେ ୧୨% ଜିଏସ୍‌ଟି ଲାଗୁ ହେବ। ଏହା ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀରର ସେଓ ଚାଷୀଙ୍କୁ ଫାଇଦା ଦେବ। ସମସ୍ତ ପ୍ରକାରର ସ୍ପିଙ୍କ୍ଲର୍ସ ବା ଜଳ ସିଞ୍ଚନ ଯନ୍ତ୍ର ଉପରେ ମଧ ୧୨% ଜିଏସଟି ଲାଗୁ କରାଯିବ। ଅର୍ଥମନ୍ତ୍ରୀ କହିଛନ୍ତି, ଆଧାର ଭିତ୍ତିକ ବାୟୋମେଟ୍ରିକ ବ୍ୟବସ୍ଥା ସର୍ବଭାରତୀୟ ସ୍ତରରେ ଲାଗୁ ହେବ। ନକଲି ଇନଭଏସ ଜରିଆରେ ଇନପୁଟ ଟିକସ କ୍ରେଡିଟ ଘଟଣାକୁ ରୋକିବାରେ ଏହା ସହାୟକ ହେବ। ଛୋଟ ଟିକସଦାତାଙ୍କୁ ସହାୟତା କରିବା ପାଇଁ ରିଟର୍ଣ୍ଣ ଫର୍ମ ଜିଏସ୍‌ଟିଆର ୪କୁ ଏପ୍ରିଲ ୩୦ରୁ ଜୁନ ୩୦କୁ ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି। ଏହି ସମୟସୀମା ମଧ୍ୟରେ ଟିକସଦାତାମାନେ ନିଜର ସମସ୍ତ ବାକି ରହି ଯାଇଥିବା ତଥ୍ୟକୁଭ ପୂରଣ କରିପାରିବେ ବୋଲି ସେ କହିଛନ୍ତି।

### ବିଷାକ୍ତ ମଦ ପିଇ...

ଅନ୍ୟପଟେ ଘଟଣାକୁ ଗୁରୁତର ସହ ନେଇ ରାଜ୍ୟ ସରକାର ମଧ ଅନେକ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରିବା ସହ ଜିଲ୍ଲାପାଳଙ୍କ ବଦଳି କରାଇଛନ୍ତି। ଏଥିସହ ଅବସରପ୍ରାପ୍ତ ଜଷ୍ଟିସ ବି ଗୋକୁଳଦାସଙ୍କୁ ନେଇ ଏକକ କମିଶନ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତିନି ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ବେଆଇନ ମଦ କାରବାରକୁ ବନ୍ଦ କରିବେ ବୋଲି ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ କହିଛନ୍ତି। କିନ୍ତୁ ଏହି ମଦ ମୃତ୍ୟୁକୁ ନେଇ ବିରୋଧୀ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଏମ.କେ ଷ୍ଟାଲିନ ଅଯୋଗ୍ୟ ବୋଲି ଇଓଇଡଗକ ମୁଖ୍ୟ ଇ ପଲାନିସ୍ୱାମୀ କହିଛନ୍ତି। ସେପଟେ ତାମିଲନାଡୁର ଅତି କମରେ ଏକ ହଜାର ମଦ ଦୋକାନ ବନ୍ଦ କରିବାକୁ ରାଜ୍ୟ ବିଜେପି ମୁଖ୍ୟ କେ ଅନନାମାଲାଇ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

### ଅଫିସରେ ୧୫ ମିନିଟରୁ ଅଧିକ...

କର୍ମଚାରୀ ଏବଂ ତାଲିମ ବିଭାଗ (ଡିଓପିଟି) କଡା ଚେତାବନୀ ଦେଇଛି। ଏହି ଅନୁଯାୟୀ, ସମଗ୍ର ଦେଶରେ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ମାତ୍ର ୧୫ମିନିଟ୍ ବିଳମ୍ବରେ ଆସିବାକୁ ଅନୁମତି ଦିଆଯାଇଛି। କେନ୍ଦ୍ର କର୍ମଚାରୀଙ୍କ ଅଫିସ୍ ସମୟ ପୂର୍ବାହ୍ନ ୯ ଟାରୁ ଅପରାହ୍ନ ସାଢ଼େ ୫ଟା ପର୍ଯ୍ୟନ୍ତ ରହିଥାଏ। ଏଭଳି ପରିସ୍ଥିତିରେ ସମସ୍ତ କର୍ମଚାରୀଙ୍କୁ ପୂର୍ବାହ୍ନ ୯ଟା ୧୫ ସୁଦ୍ଧା ଅଫିସରେ ପହଞ୍ଚିବାକୁ ଅନୁମତି ଦିଆଯାଇଛି। କିନ୍ତୁ ଯଦି ଜଣେ କର୍ମଚାରୀ ପୂର୍ବାହ୍ନ ୯ଟା ୧୫ ରୁ ଅଧିକ ବିଳମ୍ବ କରନ୍ତି, ତେବେ ତାଙ୍କର ଅଧା ଦିନର ଦରମା କଟାଯିବ। ବରିଷ୍ଠ ଅଧିକାରୀଙ୍କ ଠାରୁ ଛୋଟ ଏବଂ ବଡ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶ ପ୍ରଯୁଜ୍ୟ ହେବ। କରୋନା ସମୟରୁ ଅନେକ ସରକାରୀ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ସର ବ୍ୟବହାର ବନ୍ଦ ହୋଇଯାଇଛି। ଏଭଳି ପରିସ୍ଥିତିରେ ଉପସ୍ଥାନ ରେକର୍ଡିଂ ପାଇଁ ବାୟୋମେଟ୍ରିକ୍ ସିଷ୍ଟମ ବ୍ୟବହାର କରିବାକୁ କେନ୍ଦ୍ର ସରକାର କହିଛନ୍ତି। ଡିଓପିଟି ଏହାର କ୍ରମରେ କହିଛି ଯେ ଯଦି କର୍ମଚାରୀମାନେ ପୂର୍ବାହ୍ନ ୯ଟା ୧୫ ସୁଦ୍ଧା ଅଫିସରେ ପହଞ୍ଚିବେ ନାହିଁ, ତେବେ ସେମାନଙ୍କ ବିଳମ୍ବକୁ ଅଧା ଦିନର କାଜୁଆଲ୍ ଛୁଟି ଭାବରେ ବିବେଚନା କରାଯିବ। ଯଦି କୌଣସି କର୍ମଚାରୀ ନିର୍ଦ୍ଦିଷ୍ଟ ଦିନରେ ଅଫିସରେ ପହଞ୍ଚିବାରେ ଅସମର୍ଥ ହୁଅନ୍ତି, ତେବେ ତାଙ୍କୁ ତାଙ୍କ ଉଚ୍ଚ ଅଧିକାରୀଙ୍କୁ ଆଗୁଆ ଜଣାଇବାକୁ ପଡିବ। ଏଥିସହ କର୍ମଚାରୀମାନଙ୍କୁ କାଜୁଆଲ୍ ଛୁଟି ପାଇଁ ଆବେଦନ କରିବାକୁ ପଡିବ। ଏହା ବ୍ୟତୀତ, କର୍ମଚାରୀମାନଙ୍କୁ ସେମାନଙ୍କ ବିଭାଗରେ ସମୟାନୁବର୍ତ୍ତୀ କରିବା ଏବଂ ସେମାନଙ୍କ ଉପସ୍ଥାନ ଉପରେ ନଜର ରଖିବା ପାଇଁ ଡିଓପିଟି ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହି ନିୟମ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ହେବ। କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା କାର୍ଯ୍ୟାଳୟରେ ବିଳମ୍ବ ହେବା ଏକ ସାଧାରଣ କଥା। ବିଶେଷକରି ଜୁନିଅରସ୍ତରର କର୍ମଚାରୀମାନେ ପ୍ରାୟତଃ ବିଳମ୍ବରେ ଅଫିସରେ ପହଞ୍ଚି ଶୀଘ୍ର ଚାଲିଯାଆନ୍ତି। କର୍ମଚାରୀଙ୍କ ଏହି ଅବହେଳାକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବହୁ ବରିଷ୍ଠ ଅଧିକାରୀ କେନ୍ଦ୍ରରେ ଅଭିଯୋଗ କରିଛନ୍ତି ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟ ସମୟ ନାହିଁ। ୨୦୧୪ରେ, କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟାଳୟର ସମୟ ସ୍ଥିର କରିବାକୁ ବିଜେପି ଚେଷ୍ଟା କରିଥିଲା। କିନ୍ତୁ କର୍ମଚାରୀଙ୍କ ବିରୋଧ ପରେ ସରକାରଙ୍କୁ ନିଷ୍ପତ୍ତି ସ୍ଥଗିତ ରଖିବାକୁ ପଡିଥିଲା।

### ଦୁଇ ଲାଞ୍ଚୁଆ ଡାକ ଅଫିସରଙ୍କୁ ...

ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଇନ୍ସପେକ୍ଟର ରୁବି ଦାସ ଓ ଓଭରସିୟର ସୁଶାନ୍ତ ଦାସ। ଇତି ମଧ୍ୟରେ ମାସେରୁ ଅଧିକ ସମୟ ବିତି ଗଲାଣି। ହେଲେ କୌଣସି ଇନ୍‌କ୍ରିମେଣ୍ଟ ହେଲାନାହିଁ। ଅଜିତ ପୁଣି ଥରେ ବଡ଼ସାହି ଉପ ଡାକଘର ଆସିଥିଲେ। ଆଉ ଅଫିସ୍‌ର ଇନ୍ସପେକ୍ଟର ରୁବି ଦାସ ଓ ଓଭରସିୟର ସୁଶାନ୍ତ ଦାସଙ୍କୁ ଭେଟିଥିଲେ। କାହିଁକି ଇନ୍‌କ୍ରିମେଣ୍ଟ ହେଉନି ବୋଲି ପଚାରିଥିଲେ। ହେଲେ ସେମାନେ ଏଥିପାଇଁ ଆଉ ୫୦ ହଜାର ଟଙ୍କା ମାଗିଥିଲେ। ବହୁ ମୂଲଚାଲ ପରେ ୪୦ ହଜାର ଟଙ୍କା ଦେବା ପାଇଁ ଡିଲ୍ ଫାଇନାଲ୍ ହୋଇଥିଲା। ଅଜିତ ଏନେଇ ସିବିଆଇରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଅଜିତ ଆଜି ଓଭରସିୟର ସୁଶାନ୍ତ ଦାସଙ୍କୁ ତାଙ୍କ ଘରେ ଲାଞ୍ଚ ଟଙ୍କା ଦେଉଥିଲେ। ସେହି ସମୟରେ ସେଠାରେ ସାଦା ପୋଷାକରେ ଉପସ୍ଥିତ ଥିବା ସିବିଆଇ ଅଫିସରମାନେ ତାଙ୍କୁ ମାଡ଼ି ବସିଥିଲା। ତାଙ୍କ ବୟାନ୍ ଆଧାରରେ ରୁବି ଦାସଙ୍କୁ ସିବିଆଇ ଗିରଫ କରିଛି।ଏବେ ଉଭୟଙ୍କ ଘର ଓ ଅଫିସରେ ଚଢ଼ଉ ଚାଲିଥିବା ଜଣାପଡ଼ିଛି।

# ଧ୍ୱନି ପ୍ରତିଧ୍ୱନି

## ରୋଟାରୀ କ୍ଲବ ଉଦଳା ତରଫରୁ 'ଡ଼ାଇଗ୍ନୋଷ୍ଟିକ' କେନ୍ଦ୍ର ଉଦ୍‌ଘାଟିତ

ଉଦଳା , ୨୨/୬ (ନି.ପ୍ର): ରୋଟାରି କ୍ଲବ ଉଦଳାର ନେତୃତ୍ୱରେ ଚଳିତ ଜୁନ ୨୧ ତାରିଖ ଶୁକ୍ରବାର ଦିନ ଏକ ଡ଼ାଇଗ୍ନୋଷ୍ଟିକ କେନ୍ଦ୍ର ଉଦ୍‌ଘାଟିତ ହୋଇ ଯାଇଛି । ଏହାର ଦ୍ୱାରା ରକ୍ତର ସବୁ ପ୍ରକାର ପରୀକ୍ଷା ସୁଲଭ ମୂଲ୍ୟରେ କରାଯାଇପାରିବ । ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହୋଇ ଆଉ ବାଲେଶ୍ୱର ଓ ବାରିପଦାକୁ ଦଉଡ଼ିବାକୁ ପଡ଼ିବ ନାହିଁ ଏହା ଦ୍ୱାରା ସ୍ଥାନୀୟ ଅଂଚଳର ବହୁ ଗରିବ ଲୋକ ଉପକୃତ ହେବେ ବୋଲି କୁହାଯାଉଛି । ଆଜିର ଏହି ଉଦ୍‌ଘାଟନ ଉତ୍ସବରେ ରୋଟାରି ଜିଲ୍ଲା – ୩୨୬୨ ର ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଡ଼ାଇଗ୍ନୋଷ୍ଟିକ କେନ୍ଦ୍ରକୁ ଉଦ୍‌ଘାଟନ କରି ଖୁବ୍ ଅଳ୍ପଦିନ ମଧ୍ୟରେ ଉଦଳା ରୋଟାରି କ୍ଲବ ଯେଉଁଭଳି କାମ କରି ଚାଲିଛି ତାହା ସମଗ୍ର ଓଡ଼ିଶା ପାଇଁ ଦୃଷ୍ଟାନ୍ତ ପାଲଟିଛି ବୋଲି ବ୍ୟକ୍ତ କରିଥିଲେ। ଆଜିର ଏହି ମଂଚରେ ଉଦଳା ରୋଟାରି କ୍ଲବର ସଭାପତି ମନୋରଂଜନ ପାଢ଼ି ଅଧକ୍ଷତା କରିଥିବା ବେଳେ ସମ୍ପାଦକ ସୁଶାନ୍ତ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଅଜୟ ଅଗ୍ରୱାଲା, ରୋଟାରିଆନ ତନ୍ମୟ କୁମାର ମହାନ୍ତି ଓ ଦେବାଶିଷ ମିଶ୍ର ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ, ସମଗ୍ର ପୃଥିବିକୁ ରୋଟାରି କିପରି ଗୋଟିଏ ପରିବାର କରିବାକୁ ଚାହୁଁଛି ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଉଦଳାରେ ଖୋଲାଯାଇଥିବା ଡ଼ାଇଗ୍ନୋଷ୍ଟିକ କେନ୍ଦ୍ର ପାଇଁ ସୁଦୁର ଅଷ୍ଟ୍ରେଲିଆ, ସିଙ୍ଗାପୁର, ସ୍ୱେଡ଼େନ ପ୍ରଭୃତି ଦେଶର ଭାଇ ଭଉଣୀ ମାନେ କିପରି ସହଯୋଗର ହାତ ବଢ଼ାଇଛନ୍ତି ବ୍ୟକ୍ତ କରିବା ସହ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଉଦଳା ରୋଟାରି କ୍ଲବର ପ୍ରତିଷ୍ଠାତା ଇଂ. ସୁବାଷ ଚନ୍ଦ୍ର ପଣ୍ଡା ଆଗାମି ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ରୋଟାରିଆନ ଅଶୋକ କୁମାର ମହାନ୍ତି , ବ୍ରହ୍ମାନନ୍ଦ ନାୟକ, ଶଚିଦାନନ୍ଦ ପରିଡ଼ା, ପ୍ରହ୍ଲାଦ ଦାସ, ଦୀପକ ଦାସ, ଅଜୟ ବେହେରା, ଦିଲିପ ପାଟଯୋଶି ପ୍ରମୁଖ ସହଯୋଗ କରିଥିଲେ।

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ଯୋଗ ଦିବସ ପାଳନ



ରୂପସା , ୨୨/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ ଦଶମ ବିଶ୍ୱ ଯୋଗ ଦିବସ, ପ୍ରାନ୍ତୀୟ ପୂର୍ବତନ ମୁନି ସମାଜ ଅଧ୍ୟକ୍ଷ କାଳୀ ମୁନିଙ୍କ ଶ୍ରଦ୍ଧାଞ୍ଜଳୀ ଏବଂ ମୁନିରାଜ୍ଞୀ ବିମଳା ଲେଙ୍କାଙ୍କ ନାତି ଦିବ୍ୟାସର ପଞ୍ଚମ ଶୁଭ ଜନ୍ମଦିନ ଏକ ସଙ୍ଗରେ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ, ମୁନି ସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ। ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ, ପ୍ରାନ୍ତୀୟ ସହ ସମ୍ପାଦକ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ। ସମ୍ମାନିତ ଅତିଥି ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ, ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୂଷ୍ମାନ୍ ଦିବ୍ୟାସକୁ ,ତାଙ୍କର ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଦିବଙ୍ଗତ କାଳି ମୁନିଙ୍କୁ ଶ୍ରଦ୍ଧା ସୁମନ ପ୍ରଦାନ କରାଯାଇଥିଲା ।ତା ପରେ ଆଜିର ଯୋଗ ଦିବସର ତତ୍ପର୍ଯ୍ୟ ଉପରେ ସମସ୍ତ ବକ୍ତା ମାନେ ବକ୍ତବ୍ୟ ରଖିଥିଲେ ।ବହୁ ସଂଖ୍ୟା ରେ ଶିବମୁନି ଜୀ ଙ୍କ ପରିବାର ର ସଦସ୍ୟ ସଦସ୍ୟାମାନେ ଯୋଗଦାନ କରିଥିଲେ । ଶେଷରେ ଜେଜେମା ମୁନିରାଜ୍ଞୀ ବିମଳା ଲେଙ୍କା, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା



ଲଙ୍ଗଳେଶ୍ୱର , ୨୨/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଖଗଡା ପାଳ ସ୍ଥିତ ପ୍ରସିଦ୍ଧ ଶ୍ରଦ୍ଧା କ୍ଷେତ୍ରରେ ଶନିବାର ଦେବ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇ ଯାଇଛି। ଏଥି ପାଇଁ ପ୍ରାତଃ ରୁ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ୍ ପ୍ରମୁଖ ଶ୍ରୀ ଜୀଉ ମାନଙ୍କର ସମସ୍ତ ରୀତି ନୀତି ସମ୍ପନ୍ନ ହୋଇଥିଲା । ମଧ୍ୟାହ୍ନ ବେଳକୁ ଶ୍ରୀ ଜୀଉ ମାନଙ୍କ ନଦୀ ମାନଙ୍କର ପବିତ୍ର ଜଳରେ ପୂଜକ ମାନେ ସ୍ନାନ କରାଇ ଥିଲେ। ଆଜିଠୁ ଶ୍ରୀ ଜୀଉ ମାନଙ୍କ ର ସମସ୍ତ ନୀତି କାନ୍ତି ନେତ୍ରୋତ୍ସବ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ହେବ। ମନ୍ଦିରର ମୁଖ୍ୟ ପୂଜକ ବିଷ୍ଣୁ ପଦ ପାଠୀ ଅନ୍ୟ ପୂଜକ ରବି ନାରାୟଣ ପାଠୀ, ବଳଦେବ ପଣ୍ଡା ପ୍ରମୁଖ ଏହାକୁ ପରିଚାଳନା କରିଥିଲାବେଳେ ମନ୍ଦିର ଟ୍ରଷ୍ଟ ବୋର୍ଡ ର ସଭାପତି ଜଗନ୍ନାଥ ମହାନ୍ତି, ସମ୍ପାଦକ ବ୍ରଜ କିଶୋର ଭୂୟାଁ, ସଦସ୍ୟ ପ୍ରଫୁଲ୍ଲ କୁମାର ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ମଧୁ ସୂଦନ ବାରିକ୍, ମଧୁ ସୂଦନ୍ ସାହୁ, ଦିବ୍ୟ କାମ ମହାନ୍ତି, ସଞ୍ଜୟ କୁମାର ଦେ , ମୁନା ପରିଡା, ସଞ୍ଜୀବ କୁମାର ପାତ୍ର ପ୍ରମୁଖ ଏଥିରେ ସହ ଯୋଗ କରିଥଲେ।

## ନଦୀ ପାଇଁ ଚିନ୍ତନ ସଭା ଅନୁଷ୍ଠିତ

ଭୁବନେଶ୍ୱର, ୨୨/୬ (ନି.ପ୍ର): ଭୁବନେଶ୍ୱର ଠାରେ ମହାନଦୀ ବଂଚାଅ ଆନ୍ଦୋଳନ ଓ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ନଦୀର ସୁରକ୍ଷା ଓ ପୁନରୁଦ୍ଧାର ଶୀର୍ଷକ ଏକ ଚିନ୍ତନ ସଭା ଅନୁଷ୍ଠିତ ହୋଇ ଯାଇଛି । ମହାନଦୀ ବଂଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶାର ବିଭିନ୍ନ ନଦୀ ର ସୁରକ୍ଷା ପାଇଁ ଆନ୍ଦୋଳନ ରତ ବ୍ୟକ୍ତି ବିଶେଷ ଯୋଗ ଦେଇ ସଂପ୍ରତି ମହାନଦୀ ଜଳ ବିବାଦ ଓ ରାଜ୍ୟର ଅନ୍ୟାନ୍ୟ ନଦୀ ଗୁଡ଼ିକର ଦୟନୀୟ ଅବସ୍ଥା କୁ ନେଇ ଘୋର ଉଦବେଗ ପ୍ରକାଶ କରିବା ସହିତ ଅନେକ ଗୁରୁତ୍ୱପର୍ଣ୍ଣ ନିଷ୍ପତି ନେଇଛନ୍ତି । ମହାନଦୀ ଜଳ ବିବାଦର ସମାଧାନ ପାଇଁ ନ୍ୟାୟିକ ପ୍ରକ୍ରିୟା ବା ଟ୍ରିବୁନାଲ ର ପରିଧି ବାହାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ ନେବାକୁ ଦାବି କରା ଯାଇଛି। ଏବେ କେନ୍ଦ୍ର , ଛତିଶଗଡ଼ ଓ ଓଡ଼ିଶାରେ ସମାନ ସରକାର କ୍ଷମତାରେ ଅଛି । ତେଣୁ ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ ସହଜ ହେବ ବୋଲି ମତ ପ୍ରକାଶ ପାଇଛି। ଏଥି ପାଇଁ ଓଡ଼ିଶାର ଜଳ ସମ୍ପଦ ବିଭାଗ ର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଛି । ସରକାର ତୁରନ୍ତ ଏକ ନଦୀ ନୀତି ପ୍ରସ୍ତୁତ କରିବା ସହିତ ଏହି ନୀତି ର କାର୍ଯ୍ୟକାରିତା ପାଇଁ ଏକ ନଦୀ ମିଶନ ଗଠନ ପାଇଁ ମଧ ପ୍ରସ୍ତାବ ପାରିତ କରାଯାଇଛି ।

## ଯାନ୍ତ୍ରିକ ତ୍ରୁଟି ତନଖୁ ଥିବା ବେଳେ ଗାଡ଼ି ମାଡି ଯିବାରୁ ଡ୍ରାଇଭର ମୃତ



ଲଙ୍ଗଳେଶ୍ୱର , ୨୨/୬ (ନି.ପ୍ର): ଜଳେଶ୍ୱର ଥାନା ଖୁଲୁଡ଼ା ଗ୍ରାମର ପଞ୍ଚାନନ ସେଠୀଙ୍କ ଟ୍ରାକ୍ଟର ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତାର ଘଣ୍ଟିଆଡି ଛକର ଜଣେ ବ୍ୟକ୍ତିଙ୍କ ଜମିରେ ମାଟି ପକାଉଥିଲେ। ଅଜି ପୂର୍ବାହ୍ନରେ ଜମିରେ ମାଟି ପକାଉଥିବା ବେଳେ ହଠାତ୍ ଗାଡ଼ିର ଇଞ୍ଜିନ ଖରାପ ହୋଇ ବନ୍ଦ୍ ହୋଇଗଲା। ଡ୍ରାଇଭର ସୁବାସ ମୁଣ୍ଡା(୨୫) ଆଗକୁ ଆସି ଟ୍ରାକ୍ଟର ଇଞ୍ଜିନକୁ ଖୋଲି ଦେଖୁଥିବା ବେଳେ ହଠାତ୍ ଗାଡ଼ି ଷ୍ଟାଟ୍ ହୋଇ ଆଗକୁ ମାଡ଼ି ଆସିବାରୁ ସୁବାସକୁ ମାଡି ଯାଇଥିଲା। ଗାଡ଼ିଟି ଗ୍ୟାର୍ ରେ ଥିବରୁ ଏପରି ଘଟିଥିଲା। ଅତି ମୂମୁର୍ଷୁ ଅବସ୍ଥାରେ ସ୍ଥାନୀୟ ଲୋକ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସେଠୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ନେଇ ଯାଇଥିଲେ। ମାତ୍ର ରାସ୍ତାରେ ସୁବାସର ପ୍ରାଣ ବାୟୁ ଉଡ଼ିଯାଇଥିଲା। ଏ ବାବଦରେ ଥାନରେ ଏକ ମାମଲା ରୁଜୁ ହୋଇଛି। ସୁବାସର ଘର ମୟୂରଭଞ୍ଜ ଜିଲ୍ଲା ରଥିଲାକପାଡ଼ିହା ବୋଲି ଜଣା ପଡିଛି। ସୁବାସର ବାପା ଜଣେ ଗରୀବ ଲୋକ ହୋଇ ଥିବାରୁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ବାଣ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ

ବେତନଟୀ , ୨୨/୬ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ମହୁଲପାଟଣା ଗାଁରେ ଶନିବାର ଅପରାହ୍ନ ୨ଟା ୧୫ମିନିଟ ସମୟରେ ଇଲେକ୍ଟ୍ରି ସର୍ଟସର୍କିଟରୁ ବାଣଗୋଦାମରେ ବିସ୍ଫୋରଣ ଘଟି ଘଟଣାସ୍ଥଳରେ ଜନୈକ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ମୃତକ ଜଣକ ହେଉଛନ୍ତି ଗ୍ରାମର ସ୍ୱର୍ଗତ ବଂଶୀଧର ପଲେଇଙ୍କ ପୁଅ ବାଦଲ ଓରଫ ଖଗେଶ୍ୱର(୫୬) । ଖଗେଶ୍ୱର ବାଣ ବ୍ୟବସାୟ କରୁଥିବା ବେଳେ ଶନିବାର ଅପରାହ୍ନ ସମୟରେ ତାଙ୍କ ବାସଗୃହ ଠାରୁ ଅଳ୍ପ ଦୂରରେ ଥିବା ଏକ ଅସ୍ଥାୟୀ ଘରେ ଗଚ୍ଛିତ ରଖା ଯାଇଥିବା ବାଣ ଗୋଦାମକୁ ଯାଇଥିଲେ । ଗୋଦାମ ଘର କବାଟ ଖୋଲି ଲାଇଟ୍ ସୁଇଚ୍ ଦେବା ମାତ୍ରେ ବିଦ୍ୟୁତ ସର୍ଟସର୍କିଟରୁ ଆକସ୍ମିକ ଅଗ୍ନିକାଣ୍ଡ ଘଟି ବାଣ, ବାରୁଦ ସମେତ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ଥିବା ଅସ୍ଥାୟୀଘରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରଭାବରେ ପୁରା ଗାଁ ଥରି ଉଠିଥିବା ବେଳେ ସ୍ଥିତି ଅନୁଧ୍ୟାନ ପାଇଁ ସମସ୍ତେ ଘଟଣାସ୍ଥଳକୁ ଦୌଡି ଯାଇଥିଲେ । ଗ୍ରାମବାସୀ ସେଠାରେ ପହଞ୍ଚିବା ବେଳକୁ ଖଗେଶ୍ୱରଙ୍କ ଅର୍ଦ୍ଧଦଗ୍ଧ ଶରୀର ଜଳୁଥିବା ବେଳେ ଅସ୍ଥାୟୀ ଘରର ଛପର ଉଡି ଯାଇଥିଲା। ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨୦ ନଂ ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସହ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ପୁରା ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ତେବେ ପୋଲିସ ପ୍ରଶାସନ ଓ ଅଗ୍ନିଶମ ବିଭାଗର ଦାୟିତ୍ୱହୀନତା ପାଇଁ ଏଭଳି ସଙ୍କଟକୁ ବାରମ୍ବାର ସାମ୍ନା କରିବାକୁ ପଡୁଥିବା ସହ ଅନେକ ଜୀବନ ଅକାଳରେ ଝରି ପଡୁଥିବା ନେଇ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଶ୍ୱ ଯୋଗ ଦିବସ ପାଳିତ




ବାଲେଶ୍ୱର, ୨୨/୬ (ନି.ପ୍ର): ରସାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷୀକା ବନୀତା ବାରିକ୍ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ କୁ ଉଦଘାଟନ କରି ସୁସ୍ଥ ମାନବ ସମାଜ ପାଇଁ ଯୋଗ ର ଆବଶ୍ୟକତା ସଂପର୍କରେ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ ଅତିଥିଭାବେ ସମାଜସେବୀ ଶିବାଜୀ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଦିନ ଯୋଗ କରିବାକୁ ପିଲାମାନଙ୍କୁ ଆହ୍ୱାନ କରିଥିଲେ। ଗୁରୁଜୀ ଆକାଶ ଚନ୍ଦ୍ର ମଲ୍ଲିକ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାଙ୍ଗ ରଖିଥିଲେ ଜୟସ୍ମିତା ମୁଦୁଲି। ଆଚାର୍ଯ୍ୟା ଶୁଭସ୍ମିତା ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସସ୍ମିତା ଗୁରୁମା' ଅମୃତ ବଚନ ପାଠ କରିଥିଲେ। ପ୍ରତିମା ଗୁରୁମା' ବ୍ୟକ୍ତିଗତ ଗୀତ ବୋଲିଥିବା ବେଳେ ଆଚାର୍ଯ୍ୟା ବିନୀତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଶମ୍ଭୁନାଥ ଯାଦବ, ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତ, ଆଚାର୍ଯ୍ୟା ମିତା ରାଣୀ ରାଉତ, ଶ୍ରଦ୍ଧାଞ୍ଜଳି ଦାସ, ମମତା ବାରିକ୍, ମନୀଷା ଦାସ୍, ଝୁନୀ ବାରିକ୍ ଓ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ସଭା ପରେ ଯୋଗ ପ୍ରଶିକ୍ଷୀକା ବନୀତା ବାରିକ୍ ସମସ୍ତ ଶିଶୁ ଭାଇ-ଭଉଣୀ ମାନଙ୍କୁ ଓ ଗୁରୁଜୀ-ଗୁରୁମା' ମାନଙ୍କୁ ବିଭିନ୍ନ ପ୍ରକାର ଯୋଗାସନ ଓ ପ୍ରାଣାୟାମ ଶିକ୍ଷାଦାନ କରିଥିଲେ।

## ଗୋହଲାନ୍‌ରେ ଅନୁପ୍ରବେଶ ଚେଷ୍ଟା: ସଂଘର୍ଷ ଆରମ୍ଭ

ବାରାମୁଲା, ୨୨/୬ (ନି.ପ୍ର): ବାରାମୁଲା ଜିଲ୍ଲାର ଉଡି ସେକ୍ଟରର ଗୋହଲାନ ଅଂଚଳରେ ଶନିବାର ଦିନ ଅନୁପ୍ରବେଶ ଚେଷ୍ଟାକୁ ସୁରକ୍ଷାବଳ ନାକାମ କରିଛନ୍ତି। ଦୁଇପଟୁ ଗୋଳିବାରି ଆରମ୍ଭ ହୋଇଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଉଡିର ଗୋହଲାନ ଅଂଚଳରେ ନିୟନ୍ତ୍ରଣ ରେଖାର ଏପଟୁ ଅନୁପ୍ରବେଶର ଚେଷ୍ଟା କରୁଥିବା ଆତଙ୍କବାଦୀଙ୍କ ଏକ ଦଳକୁ ସତର୍କ ସୁରକ୍ଷା ବଳ ଦେଖିଥିଲେ ଏବଂ ତାଙ୍କୁ ଚେତାବନୀ ଦିଆଯାଇଛି। କୁହାଯାଉଛି ଯେ ଏହାପରେ ଆତଙ୍କି ଏବଂ ସୁରକ୍ଷାବଳଙ୍କ ମଧ୍ୟରେ ମୁହାଁମୁହିଁ ଆରମ୍ଭ ହୋଇଯାଇଛି। ସମାଚାର ଲେଖାହେବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିଛି। ବିସ୍ତୃତ ସୂଚନାର ପ୍ରତୀକ୍ଷା ରହିଛି।

## ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ସ୍ନାନପୂର୍ଣ୍ଣିମା ଅବସରରେ ପ୍ରଭୁଙ୍କ ମହାସ୍ନାନ

### ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି



ନୀଳଗିରି , ୨୨/୬ (ନି.ପ୍ର): ବିଶ୍ୱର ପରମ ପ୍ରେମମୟ, କରୁଣାବତାରୀ, ପରମପୁରୁଷ, କୋଟି ବ୍ରହ୍ମାଣ୍ଡର ନାଥ, ଓଡିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ଉପଲକ୍ଷେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଆଜି ବେଶ ଚଳଚଞ୍ଚଳ ହୋଇଛି। ଭକ୍ତ ଓ ଭଗବାନଙ୍କ ମହା ମିଳନର ଆଦ୍ୟପର୍ବ ହେଉଛି ଦେବସ୍ନାନ ପୂର୍ଣ୍ଣିମା। ଏହି ଦିବସରେ ମହାପ୍ରଭୁଙ୍କ ଜନ୍ମଦିବସ ବୋଲି ମଧ୍ୟ ପୁରାଣରେ ବର୍ଣ୍ଣିତ ହୋଇଛି। ଘୋଷଯାତ୍ରାରେ ବାହାରି ଚତୁର୍ଦ୍ଧାମୂର୍ତ୍ତି ପତିତ ଉଦ୍ଧାର କରିବା ସହିତ ଉଭୟ ଭକ୍ତ ଓ ଭଗବାନଙ୍କ ଦୂରତାକୁ ଦୂର କରିଥାନ୍ତି। ତେଣୁ ଏହି ପର୍ବକୁ ଘୋଷଯାତ୍ରାର ଆଦ୍ୟପର୍ବ ମଧ୍ୟ କୁହାଯାଏ।ଆଜି ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ଅବସରରେ ପ୍ରଭାତରୁ ସେନାପଟାନୀତି ପରେ ମଙ୍ଗଳାର୍ପଣ, ରୀତିନୀତି ବନ୍ଦାପନା, ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱାରା ଛେରାପହଁରା ନୀତି ସମାପନ ପରେ ସକାଳ ୭.୩୦ରେ ମହାପ୍ରଭୁଙ୍କୁ ସ୍ନାନମଣ୍ଡପ ବିଜେ କରାଯାଇଥିଲା। ରତ୍ନବେଦୀରୁ ମହାପ୍ରଭୁ ମାନଙ୍କୁ ସ୍ନାନମଣ୍ଡପକୁ ବିଜେ କଲାପରେ ମହାସ୍ନାନ ପର୍ବ ପ୍ରାରମ୍ଭରେ ମଙ୍ଗଳ ଆଳତି, ଅବକାଶନୀତି ହେବାପରେ, ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ପବିତ୍ର ସୁବର୍ଣ୍ଣ କୂପରୁ ୧୦୮ଗରା ଜଳ ଅଣାଯାଇ ଉକ୍ତ ସୁବାସିତ ଜଳରେ ମହାପ୍ରଭୁ ବଳଭଦ୍ର, ମାତା ସୁଭଦ୍ରା, ଜଗତର ନାଥ ଜଗନ୍ନାଥ, ଚକ୍ରରାଜ ସୁଦର୍ଶନଙ୍କୁ ସେବକ ମାନଙ୍କ ଦ୍ୱାରା ସ୍ନାନ କରାଯାଇଥିଲା। ୩୩ଗରା ଜଳରେ ମହାପ୍ରଭୁ ବଳଭଦ୍ର, ୩୫ଗରା ଜଳରେ ମହାପ୍ରଭୁ ଜଗନ୍ନାଥ, ୨୨ଗରା ଜଳରେ ମାତା ସୁଭଦ୍ରା ଏବଂ ୧୮ଗରା ସୁବାସିତ ଜଳରେ ଚକ୍ରରାଜ ସୁଦର୍ଶନଙ୍କୁ ସ୍ନାନ କରାଯିବା ପରେ, ଆରମ୍ଭ ହୋଇଥିଲା ଦିଅଁଙ୍କ ଗଜାନନ ବେଶ। ବର୍ଷର ଥରେ ଏହି ବେଶରେ ଖୋଲା ଆକାଶ ତଳେ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଉଥିବାରୁ ହଜାର ହଜାର ଭକ୍ତ ଅତି ଆନନ୍ଦର ସହ ଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ଗଜାନନ ବେଶ ରେ ମହାପ୍ରଭୁ ଦର୍ଶନ କଲେ, ଜନ୍ମ ଜନ୍ମାନ୍ତରର ପାତକ ନଷ୍ଟ ହୋଇଥାଏ ବୋଲି ବିଶ୍ୱାସ ରହିଛି ।ପରେ ରାତ୍ରୀ ୧୦ଘଟିକା ସମୟରେ ମହାପ୍ରଭୁ ମାନଙ୍କୁ ଅଣସର ପିଣ୍ଡିକୁ ନିଆଯାଇଥିବା ଜଣାଯାଇଛି। ଏହି ଉପଲକ୍ଷେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ବିଭିନ୍ନ ସ୍ଥାନରେ ସଜାଗଥିବା ଦେଖିବାକୁ ମିଳିଥିଲା।

## ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ



ବଡ଼ସାହି , ୨୨/୬ (ନି.ପ୍ର): ଇଣ୍ଟର ନ୍ୟାସନାଲ ନେଚରପ୍ୟାଥୀ ଅର୍ଗାନାଇଜେସନ, ଆନ୍ତର୍ଜାତିକ ଆଧ୍ୟାତ୍ମିକ ସେବା ସଂସ୍ଥା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବେତନଟୀ ଶାଖା ଏବଂ ଇକୋ ଫ୍ରେଣ୍ଡସ ମହୁଲିଆର ମିଳିତ ସହଯୋଗରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ୬୬ତମ ଜନ୍ମ ଦିବସ ଉପଲକ୍ଷେ 'ଶିକ୍ଷା ହିଁ ସଫଳତାର ମୂଳ ' ଶୀର୍ଷକ ଏକ ଆଲୋଚନା ଚକ୍ର ଏବଂ କୁଇଜ ପ୍ରତିଯୋଗୀତା ଇକୋ ଫ୍ରେଣ୍ଡସର ସଭାପତି ଶିକ୍ଷକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ସାରଦା ଗୁରୁକୁଳ ବେତନଟୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ସୌରଭ କୁମାର ଦାସ ଆଇ. ଏ.ଏସ ଯୋଗଦାନ କରି ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ମାନଙ୍କୁ ଅତ୍ୟନ୍ତ ସରଳ ସାବଲୀଳ ଭାଷାରେ ଦ୍ରୌପଦୀ ମୁର୍ମୁଙ୍କର ଜୀବନ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ଏବଂ ଏକ ସଂକଳ୍ପ, ସାଧନା, ନିଷ୍ଠା ଏବଂ ସଂଘର୍ଷମୟ ଜୀବନର ଉଜ୍ଜଳ ଦୃଷ୍ଟାନ୍ତ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ସିଭିଲ ସୋସାଇଟିର ସାଧାରଣ ସମ୍ପାଦକ ଏଡଭୋକେଟ ସଚ୍ଚିଦାନନ୍ଦ ମହାନ୍ତି, ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ଅନୁଷ୍ଠାନର ସଭାପତି ବାସୁଦେବ ନାପିତ, ବଡ଼ସାହି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରତିକାନ୍ତ ବେହେରା ମୁଖ୍ୟ ବକ୍ତା ଭାବରେ ବ୍ରହ୍ମାକୁମାରୀ ବନିତା ଭଉଣୀ ଯୋଗଦାନକରି ରାଷ୍ଟ୍ରପତିଙ୍କ ସହିତ ତାଙ୍କର ଦୀର୍ଘ ଦିନର ଆଧ୍ୟାତ୍ମିକ ସମ୍ପର୍କର ମଧୁର ସ୍ମୃତି ସମ୍ପର୍କରେ ଆଲୋକପାତ କରି ବେତନଟୀ ପ୍ରତି ତାଙ୍କର ସ୍ୱତନ୍ତ୍ର ଆକର୍ଷଣ ରହିଛି ବୋଲି କହିଥିଲେ । ଏହି ଆଲୋଚନା ଚକ୍ରରେ ଅନୁଷ୍ଠାନର ଅଧ୍ୟକ୍ଷ ହୃଷିକେଶ ମହାନ୍ତ,ବରିଷ୍ଠ ଶିକ୍ଷୟିତ୍ରୀ ନମିତା ମହାନ୍ତ, ଇକୋ ଫ୍ରେଣ୍ଡସ ରତିକାନ୍ତ ମହାନ୍ତ,ବିକେ ଲିପିକା ପ୍ରମୁଖ ସହଯୋଗ କରିଥିଲେ । ଏଠାରେ ଉଲ୍ଲେଖନୀୟ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଉପରେ ଆଧାରିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା ଏବଂ କୃତି ପ୍ରତି ଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ ଏବଂ ଜନ୍ମ ଦିବସ ଉପଲକ୍ଷେ ସମସ୍ତଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଗଜେନ୍ଦ୍ର ନାଥ ମହାନ୍ତ ।

## ପୁଣ୍ୟତିଥିରେ ଜ୍ଞାନତପସ୍ୱୀ ବିନୋଦ କାନୁନ୍‌ଗୋଙ୍କୁ ସଂସ୍କୃତି ବିଭାଗର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୨/୬ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ, ଜ୍ଞାନମଣ୍ଡଳ ପ୍ରଣେତା ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କ ୩୪ତମ ପୁଣ୍ୟତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ମିଳିତ ଉଦ୍ୟମରେ ଶନିବାର ପ୍ରତ୍ୟୁଷରେ ଭୁବନେଶ୍ୱର ଓଡ଼ିଶା ରାଜ୍ୟ ଅଭିଲେଖାଗାର ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଜୟ ଓଡ଼ିଶା ପକ୍ଷରୁ ପ୍ରତିଶ୍ରୁତି ପାଢୀ, ସନ୍ତୋଷ ସେଠୀ, ଜ୍ୟୋତ୍ସ୍ନାରାଣୀ ଦଳେଇ, ବିକ୍ରମ ଦାସ, ତାପସ କୁମାର ସାହୁ, ସ୍ୱରାଜ ସୂତାର, ସୌରଭ ମହାନ୍ତି, ଜ୍ୟୋତିରଂଜନ ରାଉତ, କେଦାରନାଥ ପାଢୀ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo